



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୨ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 22 DECEMBER 2022
Vol.No. 33 ■ No. 333 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଚୀନରେ କରୋନାର ତାଣ୍ଡବ

## ଭୟ ବଢ଼ାଉଛି ଓମିକ୍ରନର ଦୁଇଟି ନୂଆ ଭାରିଆଣ୍ଟ



ନୂଆଦିଲ୍ଲୀ, ୨୧/୧୨ : ଉତ୍ପତିସ୍ଥଳରେ ଉତ୍ପାତ କରୁଛି କରୋନା । ଚୀନରେ ପୁଣି କାୟା ବିସ୍ତାର କରୁଛି କରୋନା । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ୩ମାସ ଭିତରେ ଦେଶରେ ୩ଟି ଲହର ଆସିବ । ପ୍ରଥମ ଲହରର ଆରମ୍ଭ ହୋଇସାରିଛି । ଜାନୁଆରୀ ମଧ୍ୟଭାଗରେ ପିକ ଛୁଇଁବ କରୋନା ସଂକ୍ରମଣ । ଜାନୁଆରୀ ଶେଷରେ ୨ୟ ଲହର ଓ ଫେବୃଆରୀରେ ୩ୟ ଲହର ଆସିବା ଆଶଙ୍କା ରହିଛି । ସ୍ଥାନୀୟ ଗଣମାଧ୍ୟମ ସୂଚନା ଅନୁସାରେ ରାଜଧାନୀ ବେଜିଂର ୭୦ ପ୍ରତିଶତ ଲୋକ କୋଭିଡରେ ସଂକ୍ରମିତ ହୋଇସାରିସାରିଲେଣି ଓ ସଂକ୍ରମିତଙ୍କ ମୃତ୍ୟୁ ମଧ୍ୟ ଆରମ୍ଭ ହୋଇଛି । ହଠାତ ଏତେ ମାତ୍ରାରେ ସଂକ୍ରମଣ ବୃଦ୍ଧି ପଛରେ ଓମିକ୍ରନର ଉପପ୍ରଜାତି କାରଣ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ । ଓମିକ୍ରନର ଦୁଇଟି ଉପପ୍ରଜାତି ବିଏ ୫.୨ ଓ ବିଏଫ.୭ ଯୋଗୁଁ ସଂକ୍ରମଣ ବୃଦ୍ଧି ପାଉଛି । ଦେଶରୁ ଜିରୋ କୋଭିଡ ନୀତି ଉଠାଇବା ପରେ ଏଠାକାର ପ୍ରକୃତ ସ୍ଥିତି ଉପରୁ ପର୍ଦ୍ଦା ଉଠିଛି । ଗୋଟେ ପଟେ ହସପିଟାଲରେ ରୋଗୀଙ୍କ ଭିଡ ଓ ଅନ୍ୟପଟେ ଶ୍ମଶାନଘାଟରେ ▶▶ପୃଷ୍ଠା ୭

# ବିଧାୟକ ସୁର ରାଉତରାୟ ଓ ମହମ୍ମଦ ମୋକିମଙ୍କୁ କାରଣ ଦର୍ଶାଅ ନୋଟିସ୍



ଭୁବନେଶ୍ୱର, ୨୧/୧୨ (ନି.ପ୍ର): ହାଇକମାଣ୍ଡଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ରାଜ୍ୟରେ କଂଗ୍ରେସରେ ଥମୁନି ଗୋଷ୍ଠୀ କନ୍ଦଳ । ପାର୍ଟିଲାଇନରୁ ହଟି ନେତା ଦଳ ବିରୋଧୀ ବୟାନ ଦେଉଛନ୍ତି । ଆଉ ଏହା ବିରୋଧରେ କଠୋର ହୋଇଛନ୍ତି ରାଜ୍ୟ ନେତୃତ୍ୱ । ଦଳୀୟ ବିଶୃଙ୍ଖଳା ଦର୍ଶାଇ କଂଗ୍ରେସର ଦୁଇ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି । ଏହି ଦୁଇ ନେତା ହେଲେ ବିଧାୟକ ସୁର ରାଉତରାୟ ଓ ମହମ୍ମଦ ମୋକ୍କିମ । ତେବେ ୭ ଦିନ ଭିତରେ ନୋଟିସର ଜବାବ ଦେବାକୁ ଉଭୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଦଳୀୟ ଶୃଙ୍ଖଳା ଓ ଅନୁଶାସନ ଭଙ୍ଗ ଅଭିଯୋଗରେ ବିଧାୟକ ସୁର ରାଉତରାୟ ଓ ମହମ୍ମଦ ମୋକିମଙ୍କ କାରଣ ଦର୍ଶାଅ ନୋଟିସ ଜାରି କରିଛି ପିସିସି ଶୃଙ୍ଖଳା କମିଟି । ପଦ୍ମପୁର ନିର୍ବାଚନ ପ୍ରସଙ୍ଗରେ ଗଣମାଧ୍ୟମରେ କାହିଁକି ବିବାଦୀୟ ବୟାନ ଦେଲେ, ସେ ନେଇ ୭ଦିନ ଭିତରେ ଉତ୍ତର ରଖିବାକୁ ଦୁଇ ବିଧାୟକଙ୍କୁ ନୋଟିସ୍ରେ ନିର୍ଦ୍ଦେଶ ଦେଇଛନ୍ତି ଶୃଙ୍ଖଳା କମିଟି ଅଧ୍ୟକ୍ଷ କିଶୋର ପଟେଲ । କାରଣ ଦର୍ଶାଅ ନୋଟିସକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଦୁଇ ବିଧାୟକ ସୁର ରାଉତରାୟ ଓ ମହମ୍ମଦ ମୋକିମ୍ । ଉଭୟ ନୋଟିସର ଉତ୍ତର ରଖିବେ ବୋଲି କହିଛନ୍ତି । ସୁର କହିଛନ୍ତି, ଅପ୍ରିୟ ସତ କହିବି । କେହି ରୋକି ପାରିବେନି । ନୋଟିସର ଉତ୍ତର ରଖିବି । ସେହିପରି ମହମ୍ମଦ ମୋକିମ୍ କହିଛନ୍ତି, ଅପ୍ରିୟ ସତ୍ୟ କହିଥିଲି । ଯେଉଁ କଥା ଆପୋଷ ସମାଧାନ ହୋଇପାରିବ, ସେଠି ଏମିତି ନୋଟିସ୍ କରି ସେମାନେ ଦଳକୁ ଭାଗ କରିବାକୁ ଚାହୁଁଛନ୍ତି । ପଦ୍ମପୁର ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ଶୋଚନୀୟ ପରାଜୟ ପରେ, ୨୦୧୯ରେ କଂଗ୍ରେସ ପାଇଥିବା ଭୋଟ୍ କୁଆଡେ ଗଲା ବୋଲି ପ୍ରଶ୍ନ କରିଥିଲେ ଏହି ଦୁଇ ନେତା । ଏପରିକି ଭୋଟ ବିକା ଯାଇଥିବା ଅଭିଯୋଗ ଆଣିଥିଲେ । ଦଳୀୟ ଭୋଟ କୁଆଡେ ଗଲା ବୋଲି ପ୍ରଶ୍ନ କରିଥିଲେ । ଏଥିପାଇଁ ଦଳର ଶୀର୍ଷ ନେତାଙ୍କୁ ଦାୟୀ କରିଥିଲେ ।

# କରୋନା ନିୟମ ମାନି ଭାରତ ଯୋଡ ଯାତ୍ରା କରିବାକୁ କଂଗ୍ରେସକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଚିଠି

ନୂଆଦିଲ୍ଲୀ, ୨୧/୧୨ : କରୋନା ମୁକାବିଲା ପାଇଁ ଅଣ୍ଟା ଭିଡିଲେଣି କେନ୍ଦ୍ର ସରକାର । ଏହା ଭିତରେ କଂଗ୍ରେସର ଭାରତ ଯୋଡ ଯାତ୍ରାକୁ ନେଇ ଚିନ୍ତା ପ୍ରକାଶ କରିବା ସହ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଏକ ଚିଠି ଲେଖିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ । କରୋନା ନିୟମ ମାନ, ନଚେତ ବନ୍ଦ କର ଭାରତ ଯୋଡ ଯାତ୍ରା ବୋଲି କଂଗ୍ରେସ ସାଂସଦଙ୍କୁ ଚିଠି ଲେଖି ଅପିଲ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ । ଚିଠିରେ ଲେଖାଯାଇଛି ଯେ ଚୀନରେ ଦ୍ରୁତ ଗତିରେ କୋଭିଡ ସଂକ୍ରମଣ ବଢୁଛି । ଏଭଳି ପରିସ୍ଥିତିରେ ସଜାଗ ରହିବା ଜରୁରୀ । ଯାତ୍ରା ସମୟରେ ମାସ୍କ ଓ ସାନିଟାଇଜର ବ୍ୟବହାର କରିବାକୁ ଜୋର ଦିଆଯାଇଛି । ଟିକା ନେଇଥିବା ଲୋକମାନେ ଯାତ୍ରାରେ ଭାଗ ନିଅନ୍ତୁ । ଯାତ୍ରାରେ ସାମିଲ ହେବା ପରେ ଲୋକଙ୍କୁ ଆଇସୋଲେଟ ରଖାଯାଉ । ନିୟମ ନମାନିଲେ ଯାତ୍ରାକୁ ବାତିଲ କରାଯାଉ । ଅନ୍ୟପଟେ କଂଗ୍ରେସ କହିଛି ଭାରତ ଯୋଡ ଯାତ୍ରାର ଲୋକପ୍ରିୟତାକୁ ଦେଖି ବିଜେପି ବିଚଳିତ ହୋଇପଡିଛି । ତେଣୁ କରୋନା ବାହାନା କରି ଯାତ୍ରାକୁ ଅଧାରରୁ ବନ୍ଦ କରିବା ପାଇଁ ଯୋଜନା କରୁଛି । ଗୁଜରାଟ ଓ ହିମାଚଳ ▶▶ପୃଷ୍ଠା ୭




## ଜାନୁଆରୀ ୧୭ରୁ ବସ୍ ଧର୍ମଘଟ ଚେତାବନୀ

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ଜାନୁଆରୀ ୧୭ ରୁ ବସ୍ ଧର୍ମଘଟ ଧମକ ଦେଇଛି ଘରୋଇ ବସ୍ ମାଲିକ ସଂଘ। ସ୍କ୍ରାପ୍ ପଲିସି ଉଚ୍ଛେଦ ସହ ୮ ଦଫା ଦାବି କରିଛି ସଂଘ। ଜାନଆରୀ ୧୬ ସୁଦ୍ଧା ୮ ଦଫା ଦାବି ପୂରଣ ନ ହେଲେ ୧୭ରୁ ଗଡ଼ିବନି ବସ୍ । ଘରୋଇ ବସ୍ ମାଲିକ ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି, ୮ ଦଫା ଦାବି ପୂରଣ ନେଇ ଆଜି ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଉଥିବା ସ୍କ୍ରାପିଂ ପଲିସିକୁ ବିରୋଧ, ପରିବହନ କମିଶନର ବସ ଚଲେଇବା ପାଇଁ ନିର୍ଦ୍ଧାରଣ କରିଥିବା ସମୟସୀମା ଅନୁସାରେ ଫିଟ ଗାଡିକୁ ପରମିଟ ନମିଳିବା, ସ୍ଲିପର କୋଚ ଗୁଡିକୁ ଦିନରେ ଚଳାଇବାକୁ ଅନୁମତି ନମିଳିବା, ମଙ୍ଗୁଳି- ସମ୍ବଲପୁର ଓ ବଲାଙ୍ଗୀର ବରଗଡ଼ ରାସ୍ତା ମରାମତି ତୁରନ୍ତ ଶେଷ କରିବା ଭଳି ୮ ଦଫା ଦାବି ନେଇ ଆନ୍ଦୋଳନ କୁ ଓଲ୍‌ହାଇବାକୁ କହିଛି ସଂଘ। ଏନେଇ ୨୦୨୦ ମସିହାରୁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ କୌଣସି ସୁଫଳ ହୋଇନାହିଁ, ଯାହାକୁ ନେଇ ଆନ୍ଦୋଳନକୁ ଓଲ୍‌ହାଇବ ସଂଘ।

## ପ୍ରାଥମିକ ଶିକ୍ଷକମାନଙ୍କ ଦାବି ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ଖୁବ୍ ଶୀଘ୍ର ପ୍ରାଥମିକ ଶିକ୍ଷକମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରାଯାଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଓଡ଼ିଶାର ସରକାରୀ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ବିଭିନ୍ନ ବର୍ଗର ଶିକ୍ଷକ ମାନଙ୍କର କେତେକ ଦାବି ସମ୍ପର୍କରେ ବୁଧବାର ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମୀକ୍ଷା ବୈଠକରେ ଶିକ୍ଷକ ମାନଙ୍କର ବିଭିନ୍ନ ଦାବି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି ପ୍ରସଙ୍ଗରେ ଅତିଶୀଘ୍ର ସଂପୃକ୍ତ ଶିକ୍ଷକ ସଂଘର କର୍ମକର୍ତାମାନଙ୍କ ସହିତ ▶▶ପୃଷ୍ଠା ୭

# ଓଡିଶାରେ କୋଭିଡ୍ ଭାରିଆଂଟ !



ଭୁବନେଶ୍ୱର, ୨୧/୧୨ (ନି.ପ୍ର): ଚୀନ୍-ଜାପାନ୍ ଭଳି ଦେଶରେ ପୁଣି କରୋନା ଆତଙ୍କ ଖେଳାଇଥିବା ବେଳେ ଓଡିଶାରେ ମଧ୍ୟ କୋଭିଡ୍ ର ନୂଆ ଭାରିଆଂଟ ଚିହ୍ନଟ ହୋଇଛି। ଓଡ଼ିଶାରେ ଚୀନ୍ ଭାଇରସ୍ ଚିହ୍ନଟ ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ଚୀନ୍ ରେ ଦେଖାଯାଉଥିବା କୋଭିଡର ଓମିକ୍ରନ୍ ଭାରିଏଂଟ ବିଏଫ୍.୭ ଓଡିଶାରେ ଚିହ୍ନଟ ହୋଇଥିବା ଜଣାପଡିଛି। ଗୁଜରାଟରେ ୨ ଜଣ ଏବଂ ଓଡ଼ିଶାରେ ଜଣେ ବ୍ୟକ୍ତି ଚିହ୍ନଟ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୩୦ ସେପ୍ଟେମ୍ବରରେ ଓଡିଶାରେ ବିଏଫ୍.୭ କୋଭିଡ୍ ଭାରିଆଂଟ ଚିହ୍ନଟ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲାର ଜଣେ ମହିଳାଙ୍କ ଠାରେ ଆରଟି ପିସିଆର ଟେଷ୍ଟ ପରେ ଏହି ଭାରିଆଂଟ ମିଳିଥିଲା। ଏହାପରେ ଆରଏମଆରସି ତାର ଜେନମ୍ ସ୍ୱିକେନ୍ସିଂ କରିଥିଲେ। ଟେଷ୍ଟ ପରେ ଏହା ଭିଓସି କିମ୍ବା ଭିଓଆଇ ହୋଇନଥିବା ଜଣାପଡିଥିଲା। ଏହି ଘଟଣାକୁ ୩ ମାସ ବିତି ଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ନୂଆ ରୋଗୀ ଚିହ୍ନଟ ହୋଇନାହାନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଠାରୁ ଚିଠି ପାଇବା ପରେ ତତ୍ପର ହୋଇଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ଲକ୍ଷଣ ଦେଖାଯିବା ମାତ୍ରେ ଟେଷ୍ଟିଂ ପାଇଁ ଅନୁରୋଧ କରିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ । କରୋନା ଆକ୍ରାନ୍ତଙ୍କ ଜେନମ୍ ସିକ୍ୟୁଏନ୍ସିଂ ହେବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ହକି ବିଶ୍ୱକପରେ ଭିଡ଼କୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା ଗ୍ରହଣ ହୋଇଛି। ଭୁବନେଶ୍ୱର ଓ ରାଉରକେଲାରେ ଟେଷ୍ଟିଂ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇଛି। ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ସେଠାରେ ଟେଷ୍ଟ କରିବାର ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି।

# ବିଦ୍ୟୁତ୍ ଶୁଳ୍କ ବଢିଲେ ରାଜରାସ୍ତାରେ ଲଢେଇ ହେବ : ମହାସଂଘ

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ଗ୍ରୀଡ଼କୋର ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବିରୁଦ୍ଧରେ ବୁଧବାର ଦିନ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଏକ ଜରୁରୀ ବୈଠକ ସ୍ଥାନୀୟ ଲୋହିଆ ଭବନଠାରେ ମହାସଂଘର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ମହାସଂଘର ଆବାହକ ରବି ବେହେରା ଗ୍ରୀଡ଼କୋର ପ୍ରସ୍ତାବିତ ଶୁଳ୍କ ବୃଦ୍ଧି ସମ୍ପୂର୍ଣ୍ଣ ଜନବିରୋଧୀ ବୋଲି ଅଭିହିତ କରିବା ସହିତ ଏହା ଉପରେ ବିଶେଷ ଆଲୋକପାତ କରିଥିଲେ। ପଡ଼ୋଶୀ ରାଜ୍ୟମାନଙ୍କରେ ବିଦ୍ୟୁତ୍ ଶୁଳ୍କ ଅପେକ୍ଷାକୃତ କମ୍ ଥିଲାବେଳେ ଓଡ଼ିଶାରେ ବିଦ୍ୟୁତ୍ କମ୍ପାନୀମାନେ ନିଜର ଅପାରଗତା, ଦୁର୍ନୀତି ଓ ସରବରାହ ଜନିତ କ୍ଷତିକୁ ଭରଣା କରିବା ପାଇଁ ଉପଭୋକ୍ତା ମାନଙ୍କ ଉପରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିର ବୋଝକୁ ଲଦି ଚାଲିଛନ୍ତି ବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ। ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ବିଜୁଳି କମ୍ପାନୀମାନଙ୍କର ଶୋଷଣ ଓ ଅତ୍ୟାଚର କବଳରୁ ରାଜ୍ୟର ୧କୋଟି ଖାଉଟିଙ୍କୁ ସୁରକ୍ଷା ଦେବାକୁ ମହାସଂଘ ଦାବି କରିଛି। ପରିବେଶ ସୁରକ୍ଷାକୁ ଆଖି ଆଗରେ ରଖି ଗ୍ରୀନ ଏନର୍ଜି ଓ ସୋଲାର ବିଦ୍ୟୁତ୍ ଶକ୍ତି ଉତ୍ପାଦନକୁ ରାଜ୍ୟ ସରକାର ଗୁରୁତ୍ୱ ଦେବାକୁ ଏହି ବୈଠକରେ ▶▶ପୃଷ୍ଠା ୭

# ତାଲିବାନର କଡ଼ା କଟକଣା : ଆଫଗାନରେ ମହିଳାଙ୍କୁ ବିଶ୍ୱବିଦ୍ୟାଳୟ ମନା



ନୂଆଦିଲ୍ଲୀ, ୨୧/୧୨ : ଯେବେଠୁ ଆଫଗାନିସ୍ଥାନକୁ କବଜା କରିଛି ତାଲିବାନ ସେବେଠୁ ଆଫଗାନବାସୀଙ୍କ ଉପରେ ବୃଦ୍ଧି ପାଇଛି ଅତ୍ୟାଚାର । ବିଶେଷ କରି ମହିଳାଙ୍କ ପ୍ରତି ଦିନକୁ ଦିନ ନିର୍ଦ୍ଦୟ ହୋଇପଡିଛି ତାଲିବାନ । ଏହା ଭିତରେ ଏବେ ନୂଆ ନିର୍ଦ୍ଦେଶ ଜାରି କରି ମହିଳାମାନଙ୍କ ଉଚ୍ଚଶିକ୍ଷା ପାଇବା ବାଟକୁ ଅନିଶ୍ଚିତକାଳ ପର୍ଯ୍ୟନ୍ତ ବନ୍ଦ କରିଛି ତାଲିବାନ । ଆଫଗାନ ଶିକ୍ଷାମନ୍ତ୍ରୀ ମହମ୍ମଦ ନଦିମ ଉଭୟ ଘରୋଇ ଓ ସରକାରୀ କଲେଜକୁ ଚିଠି ଲେଖି ମହିଳା ଓ ଯୁବତୀଙ୍କ ପାଠପଢା ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାୟ ଗୋଟେ ବର୍ଷ ହେବ ଆଫଗାନକୁ କବଜା କରିସାରିଛି ତାଲିବାନ । ଦେଶକୁ ଅକ୍ତିଆର କରିବା ପରେ ଏଠାରେ ଗୋଟେ ପରେ ଗୋଟେ କଟକଣା ଲାଗୁ କରୁଛି ତାଲିବାନ । ବିଶେଷ କରି ମହିଳାଙ୍କ ପ୍ରତି ଅତ୍ୟଧିକ କଠୋର ହେଉଛି । ତାଲିବାନ ସରକାର ଏହି ଘୋଷଣା ପରେ ଗୋଟିଏ କଥା ନିଶ୍ଚିତ ହୋଇଛି ଯେ ଆଫଗାନର ଶହ ଶହ ଯୁବତୀ ଓ ମହିଳାଙ୍କ ଭବିଷ୍ୟତ ଅନ୍ଧକାର ଭିତରୁକୁ ଠେଲି ହୋଇଯାଇଛି । ତେବେ ଏହା ପ୍ରଥମ ଘଟଣା ନୁହେଁ । ପୂର୍ବରୁ ଆଫଗାନର ମହିଳାଙ୍କ ଉପରେ ଅନେକ କଟକଣା ଲଗାଇସାରିଛି । ପୁରୁଷଙ୍କ ସ୍କୁଲରେ ମହିଳା ପଢିପାରିବେ ନାହିଁ ମହିଳାଙ୍କୁ କେବଳ ମହିଳା ଶିକ୍ଷକ ପଢାଇବେ । ମହିଳାମାନେ ଜିମ ଯାଇପାରିବେନି ଏମିତି ଅନେକ କଠୋର ନିଷ୍ପତି ନେଇଛି ତାଲିବାନ ।

# ଯାତ୍ରୀବାହୀ ରେଳ ଚଳାଇବା ଦାବିରେ ଜାନୁୟାରୀ ୨ରେ ରେଳପଥ କାର୍ଯ୍ୟାଳୟ ଘେରିବ କଂଗ୍ରେସ

କେନ୍ଦ୍ରାପଡା, ୨୧/୧୨ (ନି.ପ୍ର): ହରିଦାସପୁର-ପାରାଦ୍ୱୀପ ରେଳପଥରେ କେନ୍ଦ୍ରାପଡାକୁ ଯାତ୍ରୀବାହୀ ରେଳ ଚଳାଇବା ଦାବି ପ୍ରତି କେନ୍ଦ୍ର ସରକାର ଓ ରେଳ ମନ୍ତ୍ରାଳୟ ଅଣଦେଖା କରୁଥିବାରୁ କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସ ତରଫରୁ ଉଦବେଗ ପ୍ରକାଶ କରାଯାଇଛି । ଗରାପୁର କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ କଂଗ୍ରେସ ନେତାମାନେ ଏକାଠି ହୋଇ ଏହାର ପ୍ରତିବାଦରେ ଜାନୁୟାରୀ ୨ ତାରିଖରେ ଭୂବନେଶ୍ୱର ସ୍ଥିତ ପୂର୍ବତଟ ରେଳବାଇର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ନିମନ୍ତେ ସଦ୍ଧାନ୍ତ ଗ୍ରହଣ କରିଛନ୍ତି । ଆଜି ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜରଙ୍କ ନିକଟକୁ ଶ୍ରୀ ବେହେରା ନୋଟିସ ଜାରିକରି ଦର୍ଶାଇଛନ୍ତି ଯେ ଯଦି କେନ୍ଦ୍ରାପଡାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆପଣ ଯାତ୍ରୀବାହୀ ରେଳ ଚଳାଚଳ ସଂକ୍ରାନ୍ତ ନିଷ୍ପତି ଚଳିତ ଡିସେମ୍ବର ୩୧ତାରିଖ ସୁଦ୍ଧା ଘୋଷଣା ନ କରନ୍ତି ତା ହେଲେ ଜାନୁୟାରୀ ୨ରେ ପୂର୍ବତନ ରେଳବାଇ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ । ହରିଦାସପୁର-ପାରାଦ୍ୱୀପ ରେଳ କମ୍ପାନୀର ଅନୁମତି, କଲିକତା ସ୍ଥିତ ରେଳ ନିରାପତା କମିଶନର ଆପତି ନଥିବା ପତ୍ର, ସମସ୍ତ ୯ଗୋଟି ରେଳଷ୍ଟେସନର ନିର୍ମାଣ କାର୍ଯ୍ୟ ସହ ଯାତ୍ରୀ ସୁବିଧା ଯୋଗାଣ ବ୍ୟବସ୍ଥା ଶେଷ ହୋଇଥିଲେ ମଧ ଯାତ୍ରୀବାହୀ ରେଳ ଚଳାଇବାର ନିଷ୍ପତି ନନେବା କେନ୍ଦ୍ରାପଡା ଜିଲ୍ଲାବାସୀଙ୍କ ପ୍ରତି ଅବିଚାର । ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧରେ ରାଜେଶ ମହାନ୍ତି, ହିବଜୁର ରହେମାନ, ମୁକ୍ତାର ଖାଁ, ସୌମେନ୍ଦ୍ର ପୃଷ୍ଟି, ପ୍ରଭାତ କୁମାର ଭଡାନ ସିଂ, ନାରାୟଣ ଚନ୍ଦ୍ର ପରିଡା, ସେକ୍ ଅରମାନ, ରମାକାନ୍ତ ଦାସ, ସର୍ବେଶ୍ୱର ସେଠୀ, ଜ୍ୟୋତିରଞ୍ଜନ ପ୍ରଧାନ, ଅଭିଶେକ ବିଶ୍ୱାଳ, ରଞ୍ଜନ କୁମାର ନାୟକ, ବିଚିତ୍ର ଲେଙ୍କା, ପ୍ରତାପ ଚନ୍ଦ୍ର ଜେନା, ଗଣେଶ ମେକାପ, ରଞ୍ଜିତ ରାଉତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ୨୪ ଓ ୨୫ରେ ସୈନିକ ସ୍କୁଲର ହୀରକ ଜୟନ୍ତୀ



ଭୁବନେଶ୍ୱର, ୨୧/୧୨ (ନି.ପ୍ର): ୧୯୬୨ ଜାନୁଆରି ୧୫ରେ ପ୍ରତିଷ୍ଠା ହୋଇଥିବା ସୈନିକ ସ୍କୁଲର ହୀରକ ଜୟନ୍ତୀ ଉତ୍ସବ ପାଳନ କରାଯିବ । ୬୦ ବର୍ଷ ଧରି ଦେଶ ସେବାରେ ଉତ୍ସର୍ଗୀକୃତ ଏହି ଶିକ୍ଷାନୁଷ୍ଠାନର ହୀରକ ଜୟନ୍ତୀ ଉତ୍ସବ ଆସନ୍ତା ୨୪ ଓ ୨୫ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ । ୨୪ରେ ହୋବକୁ ଥିବା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେବେ । କୃଷି, ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ତଥା ସ୍କୁଲର ପୁରାତନ ଛାତ୍ର ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ ଯୋଗଦେବେ । ଏହି ଅବସରରେ ସୈନିକ ସ୍କୁଲର ପ୍ରତିଷ୍ଠାତା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ ସହ ନଭେମ୍ବର ୮ରେ ଜମ୍ମୁ କାଶ୍ମୀର ସୀମାନ୍ତରେ ସହିଦ ହୋଇଥିବା ମରଣୋତ୍ତର ସୌର୍ଯ୍ୟଚକ୍ର ଉପାଧିପ୍ରାପ୍ତ କ୍ୟାପ୍‌ଟେନ୍ ଆଶୁତୋଷ କୁମାରଙ୍କ ପିତାମାତାଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବେ । ସନ୍ଧ୍ୟାରେ ଗୋଟିପୁଅ, ସିଂହାରୀ, ପୁରୁଲିଆ ଛଉ ନୃତ୍ୟ, ତାଳ ବାଦ୍ୟ ଓ ସ୍କୁଲ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ । ୨୫ ତାରିଖରେ ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ସହିଦ ସ୍ମୃତି ସ୍ମାରକୀ ପରିସରରେ ବିଦ୍ୟାଳୟର ୧୭ଜଣ ବୀର ସହିଦଙ୍କ ଉଦ୍ଦେଶ୍ୟରେ ମାଲ୍ୟାର୍ପଣ କରିବେ । ଏହାବ୍ୟତୀତ ପୁରାତନ ଛାତ୍ର ପରିଷଦର ସ୍ମରଣିକା ଉନ୍ମୋଚନ ସହ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନିତ ଓ କ୍ୟାଡେଟ୍‌ମାନଙ୍କୁ ରାଜ୍ୟପାଳ ଉଦ୍‌ବୋଧନ ଦେବେ । ସନ୍ଧ୍ୟାରେ କଣ୍ଠଶିଳ୍ପୀ ଋତୁରାଜ ମହାନ୍ତି ସଙ୍ଗୀତ ପରିବେଷଣ କରିବେ । ସକାଳ ସମୟରେ ଏକ ସ୍ୱାସ୍ଥ୍ୟସେବା ଓ ରକ୍ତଦାନ ଶିବିରର ଆୟୋଜନ କରାଯିବ । ଏଥିସହ ପୁରାତନ ଛାତ୍ର ଓ ବର୍ତ୍ତମାନ ଛାତ୍ରମାନଙ୍କ ମଧରେ ବାସ୍କେଟବଲ୍ ମ୍ୟାଚ୍ ହେବ । ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ପାରାଜମ୍ପିଙ୍ଗ୍, ଡଗ୍ ସୋ, ମକ୍‌ୱାର, ଜିମ୍ନାଷ୍ଟିକ୍ସ, ଆର୍ମିବ୍ୟାଣ୍ଡ, ନାଭାଲ ବ୍ୟାଣ୍ଡ ଓ ପୁରାତନ ଛାତ୍ରମାନଙ୍କ ବ୍ୟାଚ୍ ଅନୁଯାୟୀ ମାର୍ଚ୍ଚପାଷ୍ଟ ପରି ଚିତ୍ତାକର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉତ୍ସବରେ ପ୍ରାୟ ୩୫୦୦ ପୁରାତନ ଛାତ୍ର ଯୋଗଦେବେ ବୋଲି ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଧକ୍ଷ କର୍ଣ୍ଣେଲ ବାଲୁ ଭରତ କହିଛନ୍ତି ।

## ଆଶ୍ୱସ୍ତି ଫାଉଣ୍ଡେସନର ବାର୍ଷିକୋତ୍ସବ

ପୁରୀ, ୨୧/୧୨ (ନି.ପ୍ର): ଆଶ୍ୱସ୍ତି ଫାଉଣ୍ଡେସନ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକୋତ୍ସବ ଗୋପବନ୍ଧୁ ଆର୍ଯୁବେଦ ମହାବିଦ୍ୟାଳୟ ଠାରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ଜର୍ଜ ମୁରଲିଧର ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଅଧାପକ ଡ଼. ସତ୍ୟପ୍ରକାଶ ମିଶ୍ର, ବରିଷ୍ଠ ସେବାୟତ ରାମଚନ୍ଦ୍ର ପ୍ରତିହାରୀ, ସମାଜସେବୀ ସ୍ମିତା ପତି ପ୍ରମୁଖ ଯୋଗ ଦେଇ କୁସଂସ୍କାର ଦୂରକରିବା, ଗରିବଙ୍କୁ ଆଇନଗତ ସାହାର୍ଯ୍ୟ ଦେବାରେ ଏହି ଟ୍ରଷ୍ଟ କାମ କରୁଛି ବୋଲି ଅତିଥିମାନେ କହିଥିଲେ । ଏଥିରେ ଟ୍ରଷ୍ଟର ସଭାପତି ଦୀପକ କୁମାର ପଣ୍ଡା, ମୁରଲିଧର ପ୍ରଧାନ, ଲୋକନାଥ ସୁଆର ପ୍ରମୁଖ ଯୋଗଦେଇ ଟ୍ରଷ୍ଟର କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିଥିଲେ । ଟ୍ରଷ୍ଟର ସଂପାଦିକା ଗିରିଜା ମଞ୍ଜରୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ସମ ସମ୍ପାଦିକା ସାଗରିକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ କୁନି କୁନି କଳାକାରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା ।

# ପାଠକ ମାନଙ୍କ ଅଦାଲତରେ ଶୀତ ସଂଖ୍ୟା ‘ସୃଜନାକ୍ଷର’



ବାଲେଶ୍ୱର, ୨୧/୧୨ (ନି.ପ୍ର): ବାଲେଶ୍ୱର ଚାନ୍ଦିପୁର ସମୁଦ୍ର ବେଳାରେ ପାରମ୍ପରିକ ଏବଂ ଡିଜିଟାଲ ସାରସ୍ୱତ ପତ୍ରିକା ‘ସୃଜନାକ୍ଷର’ର ଶୀତ ସଂଖ୍ୟା କବି ତଥା ପରିଚାଳନା ସମ୍ପାଦକ ଡ.ବଂଶୀଧର ଚୌଧୁରୀଙ୍କ ସଭାପତିତ୍ୱ ରେ ପାଠକାର୍ପଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କବୀ ଯଶୋଧର ଦାସ ମୁଖ୍ୟ ଅତିଥି ଭାବେ ଦେଇ ସାମ୍ପ୍ରତିକ ସମୟ ର ପତ୍ର ପତ୍ରିକାର ଭୂମିକା ସମ୍ପର୍କରେ ମତ ଦେବସହ ପତ୍ର ପତ୍ରିକା ପାଇଁ ସାହିତ୍ୟ ବଞ୍ଚିଛି ବୋଲି କହିବା ସହ ସାହିତ୍ୟ ହେଉଛି ଆତ୍ମ ଅବିଷ୍କାର ର କାହାଣୀ ସୁତରାଂ ପ୍ରତିଟି ଲେଖକ ଯୁଗ ଯୁଗ ହେଲା ନିଜକୁ ଖୋଜି ଚାଲିଛି ବୋଲି ପ୍ରକାଶ କରିଥିଲେ । କୁଜୀବର ହାତ ଲେଖା ପତ୍ରିକା ଠାରୁ ଆରମ୍ଭ କରି ସୃଜନାକ୍ଷର ଡିଜିଟାଲ ପତ୍ରିକା ପର୍ଯ୍ୟନ୍ତ ପ୍ରକାଶିତ ପତ୍ରିକା ସାରସ୍ୱତ ସ୍ରଷ୍ଟା ମାନଙ୍କର ସର୍ଜନାର ପ୍ରଶସ୍ତ କ୍ଷେତ୍ର ହୋଇ ପାରିଛି, କେବଳ ସେତିକି ନୁହେଁ, ଜଣେ ଲେଖକର ଭାବ ଭୂମି ଏବଂ ବୟାନ ଢଙ୍ଗକୁ ସୁଧୀ ପାଠକ ମାନଙ୍କ ପାଖରେ ସୃଜନାକ୍ଷର ପହଞ୍ଚାଇ ପାରିଛି ବୋଲି ସମ୍ପାଦକ ଡ.ରାଧାରଂଜନ ପଟ୍ଟନାୟକ ପ୍ରକାଶ କରିଥିଲେ । ପତ୍ରିକାଟିରର ଉନ୍ମୋଚନ ପରେ ଏବେ ପାଠକ ମାନଙ୍କ ଅଦାଲତରେ ପହଂଚିଛି । ସେଇ ମାନେ ହିଁ ଏଇ ପତ୍ରିକା ର ବିଚାରକ ବୋଲି ସଂଯୋଜକ ପ୍ରସନ୍ନ ପାତ୍ର ନିଜ ବକ୍ତବ୍ୟ ରେ କହିଥିଲେ । ଅନ୍ୟତମ ଅତିଥି କବୀ ଚିତ୍ରା ରାଣୀ ପାତ୍ର, କବି ଇନାୟତ ଅଲ୍ଲୀ ଯୋଗ ଦାନ କରି ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସୃଜନ ଧର୍ମୀତା ଏକ ଅନ୍ତରୀଣ ସ୍ରୋତ, ଏହା ବ୍ୟକ୍ତି ଚେତନାର ସ୍ତରକୁ ଡେଇଁ ସାର୍ବଜନିକତାକୁ କୋଳାଗ୍ରତ କରିଥାଏ ବୋଲି ସଭାପତି ଡ.ଚୌଧୁରୀ ତାଙ୍କ ସଭାପତୀୟ ଭାଷଣ ରେ ମତ ରଖିଥିଲେ । ଅନ୍ୟତମ ସହଯୋଗୀ ସମ୍ପାଦକ ଡା. ଅଭିମନ୍ୟୁ କାନୁନଗୋ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲା ବେଳେ ସୃଜନାକ୍ଷର ପରିବାର ର ସଦସ୍ୟ କବି ଜଳଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସୃଜନାକ୍ଷରର ଏଇ ଶୀତ ସଂଖ୍ୟାରେ ଓଡିଶା ର ଅନେକ ପ୍ରତିଷ୍ଠିତ ଲେଖକ ଓ ଲେଖିକା ଯଥା କ୍ରମେ-ସାକ୍ଷାତ କାରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ, କବି ପ୍ରସନ୍ନ ପାଟଶାଣୀ, ହରପ୍ରସାଦ ଦାସ, ଅମରେଶ ପଟ୍ଟନାୟକ, ମୃଣାଳ ଚାଟାର୍ଜୀ, ରକ୍ଷକ ନାୟକ, ଶୁଭଶ୍ରୀ ଲେଙ୍କା, ସତ୍ୟ ସାହୁ, ସାବିତ୍ରୀ କବୀ, ରୀତା କରଣ, ସଂଘମିତ୍ରା ରାୟଗୁରୁ, ମାନିନୀ ମିଶ୍ର, ଶୁଭେନ୍ଦୁ ଦାସ, ଡ.ଶିରିଷ ଜେନା, ପଞ୍ଚାନନ ଜେନା, ନିବାରଣ ଜେନା, କିଶୋର ଆକାଶ, ଜ୍ୟୋସ୍ନା ରାଣୀ ଦାଶ, ବଳରାମ ପୂଜାରୀ, ମଧୁସୂଦନ ମିଶ୍ର, ଇନାୟତ ଅଲ୍ଲୀ, ଡ.ଭାଗବତ ଲେଙ୍କା, କୁଳମଣି ବାରିକ, ସରୋଜ ରଞ୍ଜନ ଦାଶ, ସାବିତ୍ରୀ କବି, ଲବଣ୍ୟ ନାୟକ, ସୁବାସିନି ଜୀ, ରୋଜାଲୀନ ସ୍ୱାଇଁ ଓ ଡ.ସୁବାସ ମିଶ୍ର ପ୍ରମୁଖଙ୍କର ଲେଖା ସ୍ଥାନ ପାଇଛି । ଏହି ଉନ୍ମୋଚନ ଉତ୍ସବ ରେ ବାଲେଶ୍ୱରର ବହୁ ସାରସ୍ୱତ ସ୍ରଷ୍ଟା, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଉପସ୍ଥିତ ଥିଲେ ।

## ତଣ୍ଡରାରେ ଲକ୍ଷ୍ମୀନାରାୟଣ ପୂଜା ଉଦ୍‌ଯାପିତ

କୋରାଇ, ୨୧/୧୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ତଣ୍ଡରା ଗ୍ରାମରେ ଧନୁସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀନାରାୟଣ ପୂଜା ଉଦ୍‌ଯାପିତ ହୋଇଛି । ୧୬ ତାରିଖ ଠାରୁ ପୂର୍ଜାଚନା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଉଦଯାପନୀ ଦିବସରେ ସାସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ କୋରାଇର ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ । କାହ୍ନୁ ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାବେ ସଂଗ୍ରାମୀ ଆଲୋକ ମହାନ୍ତି ଓ ବରିଷ୍ଠ ସମ୍ବାଦିକ ତଥା ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ସୁବାସ ଧଳ ଓ କାହ୍ନୁ ପରିଡାଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଦିଆଯାଇ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସଭାପତି ପ୍ରମୋଦ ମଲିକ, ଶରତ ମଲିକ, ସାଗର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ସହସ୍ରାଧିକ ଲୋକ ସମବେତ ହୋଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ହଲନ୍ ଭଟା ଗ୍ରାମରୁ ବାଘ ଚମଡା ଜବତ : ଜଣେ ଅଟକ

ବଲାଙ୍ଗିର, ୨୧/୧୨ (ନି.ପ୍ର): ଲାଠୋର ରେଞ୍ଜର କର୍ମଚାରୀମାନେ ଏକ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଲେ ଯେ ଲାଠୋର ବିଭାଗ ଅନ୍ତର୍ଗତ ହଲନଭଟା ଗ୍ରାମ ମଧରେ କିଛି ଲୋକ ବାଘ ନଖ ଏବଂ ଚମଡ଼ା ବିକ୍ରି କରୁଛନ୍ତି । ସେଠାରେ ସେମାନେ ଜାଣିବାକୁ ପାଇଲେ ଯେ ଟିଟିଲାଗଡର କୁମୁଡା ଗାଁର ପ୍ରଦୀପ ସବରଙ୍କ ପୁତ୍ର ଅବିନାଶ ସାବର ଚମଡ଼ା, ମାଂସ ଏବଂ କିଛି ପ୍ଲାଷ୍ଟିକ ଅନୁକରଣ ଖଣ୍ଡ ମଧ ବିକ୍ରି କରୁଛନ୍ତି । ଲାଠୋର ରେଞ୍ଜ ର କର୍ମଚାରୀମାନେ ଅବିନାଶ ସବରଙ୍କୁ ରେଞ୍ଜ କାର୍ଯ୍ୟାଳୟକୁ ନେଇ ଯାଇଥିଲେ ଏବଂ ତାଙ୍କ ପାଖରେ ଥିବା ସମସ୍ତ ସାମଗ୍ରୀ ଜବତ କରିଥିଲେ । ଏ ବିଷୟରେ ଆହୁରି ତଦନ୍ତ ଚାଲିଛି ।

## ଗୁରୁକୁଳ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ

କେନ୍ଦ୍ରାପଡା, ୨୧/୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଂଚାୟତର ଗରାପୁର ଠାରେ ଥରବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୁରୁକୁଳ ଆବାସିକ ବିଦ୍ୟାଳୟର ୧୨ ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନରେ ଅଧୟନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ଥାନୀୟ ଦକ୍ଷିଣକାଳୀ ମନ୍ଦିରରୁ ଏକ କ୍ରୀଡା ମଶାଲ ଧରି ସ୍କୁଲ ପରିସରରେ ପହଁଚିଥିଲେ । ଏହି କ୍ରୀଡା ଉତ୍ସବକୁ ଦିବ୍ୟ ଜୀବନ ସଂଘ ତଥା ଶିବାନନ୍ଦ ଆଶ୍ରମର ମୁଖ୍ୟ ପୂଜ୍ୟ ସ୍ୱାମୀ ଦିବ୍ୟା ସ୍ୱରୂପା ନନ୍ଦ ସରସ୍ୱତୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନ ସମୟରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଅଭିମନ୍ୟୁ ଗୋଛାୟତଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କ୍ରୀଡା ମନୁଷ୍ୟ ସମାଜ ପାଇଁ ବିଶେଷକରି ଛାତ୍ରଛାତ୍ରୀ ମାନଙ୍କ ପାଇଁ ନିତ୍ୟାନ୍ତ ଆବଶ୍ୟକ ଓ କ୍ରୀଡା ପ୍ରତ୍ୟେକ କ୍ରୀଡାବିତଙ୍କୁ ସୁସ୍ଥ ସବଳ ରଖିବା ସହିତ ଶାରୀରିକ ମାନସିକ ବୈଧିକ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଆୟୋଜିତ ଏହି ଉତ୍ସବରେ କବି ଶ୍ରୀଧର ମହାନ୍ତି, ଶିକ୍ଷକ ସୁଦର୍ଶନ ମହାପାତ୍ର, ପ୍ରଶାନ୍ତ ସେଠୀ, ସଂଜୟ ଗୋଛାୟତ, ତପନ ଦଳାଇ, ବଳରାମ ବେହେରା, ସୁଭଦ୍ରା ଲେଙ୍କା, ନୃସିଂହ ବାବା, ସସ୍ମିତା ଦାସଙ୍କ ସହ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ନାବାଳିକା ଦୁଷ୍କର୍ମକାରୀକୁ ୨୩ବର୍ଷ ଜେଲ : ପୀଡିତାଙ୍କୁ ୪ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ନିର୍ଦ୍ଦେଶ

କେନ୍ଦୁଝର, ୨୧/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଯୋଡା ଥାନା ଅନ୍ତର୍ଗତ କାଳଆବେଡା ଗ୍ରାମରେ ଜଣେ ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରିବା ଘଟଣାରେ ଜଣେ ଅଭିଯୁକ୍ତ ଯୁବକକୁ ୨୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କେନ୍ଦୁଝର ଜିଲ୍ଲା ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟର ବିଚାରପତି ଡକ୍ଟର ଅନୀଲ କମାର ଦତ । ଏହି ଘଟଣାରେ ଅଭିଯୁକ୍ତକୁ ୬୦ ହଜାର ଟଙ୍କା ଆର୍ଥିକ ଜୋରିମାନା କରାଯାଇଥିବା ବେଳେ ଜୋରିମାନା ଅନାଦେୟ ଦେଢ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ରାୟ ପ୍ରଦାନ ହୋଇଛି । ସୂଚନା ଅନୁଯାୟୀ ୦୭/୦୨/୨୦୨୨ ରେ କାଳଆବେଡା ଗ୍ରାମର ସୋନୁ ମହାକୁଡ(୨୫) ପଡୋଶୀ ଘର ଲୋକ କୁଣିଆ ଯାଇଥିବାବେଳେ ଘରେ ୧୩ ବର୍ଷ ନାବଳିକା ଏବଂ ତାଙ୍କ ଭାଇ ଘରେ ଥିଲେ । ରାତିରେ ସୋନୁ ମହାକୁଡ ପଡୋଶୀଙ୍କ କବାଟ ବାଡେଇ ଘର ଖୋଲିବାକୁ କହିଥିଲେ । ନାବାଳିକା କବାଟ ଖୋଲିବା ପରେ ସୋନୁ ମହାକୁଡ ତାକୁ ବଳପୂର୍ବକ ଟେକିନେଇ ଦୁଷ୍କର୍ମ କରିଥିଲା । ଏବଂ ଏ ଘଟଣା ସଂପର୍କରେ କାହାକୁ ନ କହିବା ପାଇଁ ଧମକ ଦେଇଥିଲେ । ତା’ ପରଦିନ ସକାଳୁ ବାପା ମା’ ଘରକୁ ଫେରିବା ପରେ ଝିଅକୁ ଖୋଜି ଖୋଜି ସୋନୁ ଘରୁ ଉଦ୍ଧାର କରିଥିଲେ । ଝିଅ ଘଟଣା ସମ୍ପର୍କରେ ବାପା ମା’ ଙ୍କୁ କହିଥିଲା । ଯୋଡା ଥାନାରେ ଅଭିଯୋଗ ହେବା ପରେ କେସ ନଂ ୨୦/୨୦୧୬ ରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ସୋନୁ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟ ର ବିଚାରପତି ୧୨ ଜଣ ସାକ୍ଷୀଙ୍କ ବୟାନ ସହ ଫୋରେନସିକ ତଥ୍ୟକୁ ଆଧାର କରି ଅଭିଯୁକ୍ତକୁ ବୁଧବାର ଅପରାହ୍ନରେ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ତରଫରୁ ପି.ପି ଗଣେଶ ପ୍ରସାଦ ମହାପାତ୍ର ମାମଲା ପରିଚାଳନା କରୁଥିଲେ । ପିଡୀତାକୁ ଆଇନ ସହାୟତା କେନ୍ଦ୍ର ତରଫରୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଆଦେଶ ଦିଆଯାଇଛି ।

# ବଡନେଉଳି ପଂଚାୟତ ମୁଖ୍ୟ ରାସ୍ତା ସୁଧୁରିବ କେବେ ?

ଚମ୍ପୁଆ, ୨୧/୧୨ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ବଡ଼ନେଉଳି ଗ୍ରାମ ପଂଚାୟତ ମୁଖ୍ୟ ରାସ୍ତା ବଡନେଉଳି ଠାରୁ ସାନନଦୀ ପ୍ରର୍ଯ୍ୟନ୍ତ ଦୀର୍ଘ ବର୍ଷରୁ ଅତି ଶୋଚନୀୟ ହୋଇ ପଡିଥିଲେବି ଏ ପର୍ଯ୍ୟନ୍ତ କୌଣସି ରାଜନେତା କି କୌଣସି ସରକାରୀ ଅଧିକାରୀଙ୍କର ନଜର ପଡୁନାହିଁ । ବର୍ଷା ଋତୁରେ ତିନିମାସ ଧରି ଏ ରାସ୍ତାରେ ଦୁଇ ଚକିଆ କି ଚାରିଚକିଆ ଯାନବାହାନ ପ୍ରାୟତ ବନ୍ଦ ରହୁଥିବାବେଳେ ଲୋକମାନେ ଖାଲିପାଦରେ କାଦୁଅ ପଚ ପଚରେ ବହୁ କଷ୍ଟରେ ଯିବାଆସିବା କରିଥାନ୍ତି ।ଏମିତିକି ଦୁର୍ଘଟଣା ଘଟି ଦୁଇ ତିନି ଜଣଙ୍କର ଗୋଡ ମଧ ଭାଙ୍ଗିଥିବାର ନଜିର ରହିଛି । ଏହି ପ ।ୟତର ପୂର୍ବତନ ସରପଂଚ ପ୍ୱର୍ଣ୍ଣଚନ୍ଦ୍ର ମୁଣ୍ଡା ଦଶ ବର୍ଷ ଶାସନ କାଳ ଭିତରେ ପ୍ରାୟ ପ୍ରତି ବର୍ଷ ଟ୍ରାକ୍ଟର ଯୋଗେ ୧୦ରୁ ୧୨ଟ୍ରିପ୍ ମାଟି ପକାଇ ଆଖି ଦୃଶିଆ ରାସ୍ତା ମରାମତି କରି ଆସୁଥିଲେ । ପୁଣି ବର୍ଷା ଆସିଲେ ଯୋଉ ଅବସ୍ଥାକୁ ସେହି ଅବସ୍ଥା । ବର୍ତ୍ତମାନ ସେହି ରାସ୍ତା ପାଇଁ ସ୍ଥାନୀୟ ଜନୈକ କଂଟ୍ରାକ୍ଟର ବାଲି, ମେଟାଲ ୬ ମାସରୁ ଉର୍ଦ୍ଧ ହେଲାଣି ପକାଇ ରଖିଥିବାବେଳେ ଏ ପର୍ଯ୍ୟନ୍ତ କୌଣସି କାମ ହେଉନାହିଁ । ପଚାରିଲେ କେତେବେଳେ କହୁଛନ୍ତି ବ୍ଲକ୍ ଅଫିରେ ଫାଇଲନାହିଁ ତ କେତେବେଳେ କହୁଛନ୍ତି ବିଧାୟକ କାମ କରିବାକୁ ଦେଉନାହାନ୍ତି । ବିଭିନ୍ନ ସମୟରେ ବିଭିନ୍ନ କଥା କହୁଥିବାବେଳେ ଏ ରାସ୍ତା ସୁଧୁରିବ କେବେ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ରାସ୍ତା ମରାମତି ହେଉ ନ ଥିବାରୁ ସାଧାରଣ ଜନତନା ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏଥିପ୍ରତି ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେଇ ଶୀଘ୍ର ରାସ୍ତା କାମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ୨୦୨୩ ଡିସେମ୍ବରରେ ‘ଏଡୁ ଇନ୍‌ଭେଷ୍ଟ କନକ୍ଲେଭ୍’

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ଶିକ୍ଷ ପରି ଗଣଶିକ୍ଷା, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟଶିକ୍ଷା ଓ କୃଷିଶିକ୍ଷା କ୍ଷେତ୍ରରେ ପୁଞ୍ଜିନିବେଶ ଲାଗି ଓଡ଼ିଶାରେ ଏଡୁ ଇନ୍ ?ଭେଷ୍ଟ କନକ୍ଲେଭ୍ ଅନୁଷ୍ଠିତ ହେବ । ୨୦୨୩ ଡିସେମ୍ବର ୧ରୁ ୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଏହି କନକ୍ଲେଭ୍ ଆୟୋଜନ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବେ ?ଠକରେ ନିଷ୍ପତ୍ତି ହୋଇଛି । ଏହି ସମ୍ମିଳନୀରେ ବିଭିନ୍ନ ଅଧିବେଶନ, କର୍ମଶାଳା, ଆଲୋଚନାଚକ୍ର, ପ୍ରଦର୍ଶନୀ, ଇନ୍‌ଭେଷ୍ଟ କର୍ଣ୍ଣର ଆଦି ରହିବ । ୩ଦିନ ଧରି ?ହେବାକୁ ଥିବା ଏହି ସମ୍ମିଳନୀ ମାଧମରେ ଓଡ଼ିଶାରେ ଏକ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି । ପ୍ରଥମ ଥର ପାଇଁ ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ କରାଯିବ । ଯେଉଁଥିରେ ୫୦ଟି ଦେଶର ପ୍ରତିନିଧି ଭାଗ ନେବେ । ସେମାନେ ନିଜ ଦେଶର ଶିକ୍ଷା ସମ୍ପର୍କରେ ମତପ୍ରକାଶ କରିବା ସହ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ବୁଲି ଦେଖିବେ । ଅନ୍ୟ ରାଜ୍ୟର ପ୍ରତିନିଧିମାନଙ୍କୁ ବି ନିମନ୍ତ୍ରଣ କରାଯିବ । ବିଗତ କିଛି ବର୍ଷ ମଧରେ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଆସିଥିବା ପରିବର୍ତ୍ତନ ଯଥା ହାଇସ୍କୁଲରେ ୫ଟି ରୂପାନ୍ତରଣ, ଆଦର୍ଶ ବିଦ୍ୟାଳୟ, ମୋ ସ୍କୁଲ, ମୋ କଲେଜ କାର୍ଯ୍ୟକ୍ରମ ଏହି ସମ୍ମିଳନୀରେ ପ୍ରଦର୍ଶିତ ହେବ । ଶିକ୍ଷାବିତ୍, ଅଭିଭାବକ ଓ ଶିକ୍ଷକମାନେ ମଧ ଏଥିରେ ଭାଗ ନେଇ ପରାମର୍ଶ ଦେଇପାରିବେ । ରାଜ୍ୟର କିଛି ଅଞ୍ଚଳକୁ ନେଇ ଶିକ୍ଷା କରିଡର ସୃଷ୍ଟି କରିବାକୁ ବି ଲକ୍ଷ୍ୟ ରଖାଯାଇଛି । ରାଜ୍ୟରେ ନୂଆ ଶିକ୍ଷାନୁଷ୍ଠାନ ଖୋଲିବାକୁ ଯୋଜନା କରୁଥିବା ପୁଞ୍ଜିପତିମାନଙ୍କୁ ରାଜ୍ୟ ସରକାର ଆମନ୍ତ୍ରଣ କରିବେ । ସେମାନେ ତାଙ୍କ ଯୋଜନା ସମ୍ପର୍କରେ ଉପସ୍ଥାପନ କରିବେ । ନିୟମିତ ପାଠ୍ୟକ୍ରମଠାରୁ ଅଲଗା କିଛି ବିଷୟ ଯେପରିକି ବ୍ଲକ ଚେନ ଟେକ୍ନୋଲୋଜି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନସ୍, ରୋବୋଟିକ୍ସ ପରି ନୂଆ ନୂଆ ପାଠ୍ୟକ୍ରମରେ ଶିକ୍ଷା ଦେଉଥିବା ବିଶ୍ୱବିଦ୍ୟାଳୟ ତଥା ଶିକ୍ଷାନୁଷ୍ଠାନଗୁଡ଼ିକ ଏହି ସମ୍ମିଳନୀରେ ପ୍ରାଥମିକତା ଦିଆଯିବ । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ କହିଛନ୍ତି ଯେ ୨୦୨୩ ଡିସେମ୍ବର ପହିଲାରୁ ୩ ତାରିଖ ଯାଏ ହେବାକୁ ଥିବା ଏହି ସମ୍ମିଳନୀରେ ୫୦ ଦେଶର ପ୍ରତିନିଧି ସାମିଲ ହେବେ । ବିଶ୍ୱ ସହ କିପରି ସମନ୍ୱୟ ରହିବ, ଶିକ୍ଷ ସଂସ୍ଥାଗୁଡ଼ିକ ସହ ଶିକ୍ଷାନୁଷ୍ଠାନ କିଭଳି ଯୋଡ଼ିହେବେ ଆଦି ବିଷୟରେ ଆଲୋଚନା ହେବ । ଛାତ୍ରଛାତ୍ରୀ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ କିଭଳି ଉନ୍ନତ ପ୍ରଦର୍ଶନୀ କରିବେ ସେନେଇ ପିଲାମାନଙ୍କୁ ଶିକ୍ଷା ଦିଆଯିବ । ଯେଉଁ ନିର୍ଯାସ ବାହାରିବ ତାହାକୁ ଓଡ଼ିଶାରେ ଲାଗୁ କରାଯିବ ।
ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକୁ ଏଡୁ ଇନ୍ ?ଭେଷ୍ଟ କନକ୍ଲେଭ୍ ?କୁ ଡକାଯିବ । ସେମାନେ ନିଜ ନିଜର ତଥ୍ୟ ଉପସ୍ଥାପନ କରିବେ । ଯେଉଁ ଶିକ୍ଷାନୁଷ୍ଠାନ ଏଠାରେ ପୁଞ୍ଜି ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିବେ ସେମାନଙ୍କୁ ରାଜ୍ୟ ସରକାର ସହଯୋଗ ଯୋଗାଇ ଦେବେ । ଗୁଣାତ୍ମକ ଶିକ୍ଷା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଗୁରୁତ୍ୱ ଦେଉଛନ୍ତି । ତାହାକୁ ଆଗକୁ ନେବା କ୍ଷେତ୍ରରେ ଏହା ସହାୟକ ହେବ ।

## ତାତୁଛି ବିଜେପୁର : ଚରମ ସୀମାରେ ଗୋଷ୍ଠୀ ବିବାଦ

ବରଗଡ଼/ବିଜେପୁର, ୨୧/୧୨ (ନି.ପ୍ର): ବିଜେପୁର ବ୍ଲକ୍‌ରେ ବିଜେଡିର ଗୋଷ୍ଠୀ ବିବାଦ ବହୁ ପୁରୁଣା । ଏହି ବିବାଦ ବିଭିନ୍ନ ସମୟରେ ଦଳୀୟ କାର୍ଯ୍ୟକ୍ରମରେ ପ୍ରତିଫଳନ ହୋଇଛି । ମଂଗଳବାର ଅପରାହ୍ଣରେ ଏହା ଉଗ୍ରରୂପ ଧାରଣ କରିଛି । ଦୁଇ ଗୋଷ୍ଠୀ ବିଜେପୁର ଡାକ୍ତରଖାନା ପରିସରରେ କେବଳ ମୁହାଁମୁହିଁ ହୋଇନାହାନ୍ତି । ବରଂ ମାଡ଼ପିଟ୍ ପର୍ଯ୍ୟନ୍ତ କଥା ଯାଇଛି । ଦୁଇ ଗୋଷ୍ଠୀ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ଥାନାରେ ଏତଲା ଦିଆଯାଇଛି । ଏହି ସଂଘର୍ଷର ସୂତ୍ରପାତ ହୋଇଛି ଠିକା କାମକୁ ନେଇ । ଡାକ୍ତରଖାନା ପରିସରରେ ଆହାର କେନ୍ଦ୍ରର ରୋଷେଇ ଘର ନିର୍ମାଣ ପାଇଁ ଦୁଇ ଗୋଷ୍ଠୀର ପ୍ରତିନିଧି ସେଠାରେ ପହଂଚିଥିଲେ । କିଏ କାମ କରିବ, ତାକୁ ନେଇ ଯୁକ୍ତିତର୍କ ଆରମ୍ଭ ହୋଇଥିଲା । ଏହାପରେ ମାଡ଼ପିଟ୍ ପର୍ଯ୍ୟନ୍ତ କଥା ଯାଇଥିଲା । ପରେ ପୁଲିସ୍ ଘଟଣାସ୍ଥଳରେ ପହଂଚି ସ୍ଥିତି କାବୁ କରିଥିଲା । ବଡ଼ ଅଘଟଣ ଏଡ଼ାଇବାକୁ ବିଜେପୁରରେ ସଶସ୍ତ୍ର ପୁଲିସ୍ ବି ମୂତୟନ କରାଯାଇଛି । ବିଳମ୍ବିତ ସଂଧ୍ୟାରେ ଦୁଇ ଗୋଷ୍ଠୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି । ବିଜେପୁର ଏନ୍‌ଏସି ଅଧକ୍ଷା ସୀତା ବାରିକ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ଓ କିଛି କାଉନ୍‌ସିଲର ଡାକ୍ତରଖାନା ପରିସରରେ ଥିବା ଆହାର କେନ୍ଦ୍ର ପାଖକୁ ଯାଇଥିଲେ । ସେଠାରେ ମନ୍ତ୍ରୀ ରୀତା ସାହୁଙ୍କ ପୁଅ ସୌରଭଙ୍କ ସମେତ ତାଙ୍କ ସମର୍ଥକ ପହଂଚି ଗଣ୍ଡ ? ?ଗୋଳ କରିଥିଲେ । ଏପରିକି ତାଙ୍କ ଶାଢ଼ୀ ଟଣାଓଟରା କରି ହତ୍ୟା ଧମକ ଦେଇଥିବା ଶ୍ରୀମତୀ ବାରିକ ଅଭିଯୋଗରେ ଦର୍ଶାଇଛନ୍ତି । ଅନ୍ୟ ଏକ ଏତଲାରେ ଏହାକୁ ୱାର୍ଡ ନମ୍ବର-୧, ୬, ୯, ୩ ଏବଂ ୧୦ର ୱାର୍ଡ ମେମ୍ବରମାନେ ସମର୍ଥନ ଜଣାଇ ସମାନ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ପରୋକ୍ଷ ଗୋଷ୍ଠୀ ପକ୍ଷରୁ ୱାର୍ଡ ନମ୍ବର ୭ର ସଦସ୍ୟ ଉମାକାନ୍ତ ବେସନ ମଧ ଥାନାରେ ଏତଲା ଦେଇଛନ୍ତି । ତାଙ୍କ ଅଭିଯୋଗ ମୁତାବକ, ରୋଷେଇ ଘର ନିର୍ମାଣ ସକାଶେ ଏନ୍‌ଏସି ଅଧକ୍ଷା ଏବଂ କନିଷ୍ଠ ଯନ୍ତ୍ରୀ ଲେ-ଆଉଟ୍ ଦେବାକୁ ଯାଇଥିଲେ । କିଛି ଚୂଡ଼ାନ୍ତ ନ ହୋଇ କେମିତି ଲେ-ଆଉଟ୍ ଦିଆଯାଉଛି ବୋଲି ଉମାକାନ୍ତ ପ୍ରଶ୍ନ କରିଥିଲେ । ଏହାପରେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ ହେଲା । ଏପରିକି ଜାତିଆଣ ଆକ୍ଷେପ କରି ପ୍ରାଣାନ୍ତକ ଆକ୍ରମଣ ହୋଇଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି । ବିଜେପୁର ପୁଲିସ୍ ଉଭୟ ଏତଲା ଗ୍ରହଣ କରି ତନାଘନା ଚଳାଇଥିବା ଥାନାଧିକାରୀ ସନୟ ନାୟକ କହିଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବିଜେପୁର ଅସ୍ଥିର ରହିଛି ।

# ପ୍ରଭାବିତ ହେଉଛି ପର୍ଯ୍ୟଟନ

କିଛି ମାସ ତଳେ ବିଶ୍ୱର ପ୍ରମୁଖ ରାଷ୍ଟ୍ରରେ ପର୍ଯ୍ୟଟକଙ୍କ ଭିଡ଼ ଜମି ରହୁଥିଲା । ବର୍ତ୍ତମାନର ଦୃଶ୍ୟ କିନ୍ତୁ ବଦଳିଯାଇଛି । ପୁନର୍ବାର କେବେ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବ, ତାହା ଅନୁମାନ କରିବା କଷ୍ଟକର । ରାଷ୍ଟ୍ର ସମୂହ ଅନ୍ତର୍ଜାତୀୟ ଉଡ଼ାଣ ନିମନ୍ତେ ଅନୁମତି ଦେବା ସତ୍ତ୍ୱେ ଜନସାଧାରଣ କିନ୍ତୁ ଚିନ୍ତିତ ରହିବେ । ଅଧିକାଂଶ ରାଷ୍ଟ୍ର ପର୍ଯ୍ୟଟନ ଜରିଆରେ ଲାଭବାନ୍ ହୋଇଥାନ୍ତି । ମିଳିଥିବା ତଥ୍ୟ ଅନୁସାରେ, ବିଦେଶୀ ରାଇଜରେ ଅନେକ କଡ଼ାକଡ଼ି ନିୟମମାନ କୋହଳ କରାଗଲାଣି । ପୂର୍ବ ପରି କିନ୍ତୁ ଜନସମାଗମ ଏତେ ମାତ୍ରାରେ ଦେଖିବାକୁ ମିଳୁନି । ବିଶ୍ୱର ୮୧ ପ୍ରତିଶତ ପର୍ଯ୍ୟଟନ କମ୍ପାନୀଗୁଡ଼ିକର ରୋଜଗାର ସମ୍ପୂର୍ଣ୍ଣ ବନ୍ଦ



ହୋଇଯାଇଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ କର୍ମଚାରୀ ଛଟେଇ କରିଥିବା ବେଳେ ଗତ ୨ ମାସ ମଧ୍ୟରେ ବେତନ ଦେବାରେ ଅସମର୍ଥ ବୋଲି ଘୋଷଣା କରିଥିଲେ । ଆମ ଦେଶରେ ମଧ୍ୟ ଏଇ ପର୍ଯ୍ୟଟନ କାରଣରୁ ଶତାଧିକ କମ୍ପାନୀ ଲାଭବାନ ହେଉଥିଲେ । ଶିମଲା, ମନାଲି, ନୈନିତାଲ, ଦାର୍ଜିଲିଂ, ଗ୍ୟାଙ୍ଗଟକ୍ ଆଦି ସ୍ଥାନର ଲୋକ ପର୍ଯ୍ୟଟନ କାରଣରୁ ରୋଜଗାର କରୁଥିଲେ । ଏବେ ସେଠା ଲୋକ ହାତ ବାନ୍ଧି ବସିଛନ୍ତି । ରୋଜଗାରର ଅନ୍ୟ କୌଣସି ଉପାୟ ନାହିଁ । ଦାର୍ଜିଲିଂର ଜନୈକ ବ୍ୟବସାୟୀ ରାମ ଲୁବାନ୍ କହିଛନ୍ତି, ପ୍ରତିବର୍ଷ ଅପ୍ରେଲ ମାସରୁ ଏଠାରେ ପର୍ଯ୍ୟଟକଙ୍କ ବିଡ଼ ଆରମ୍ଭ ହୋଇ ଜୁଲାଇ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ରହେ । ରାସ୍ତାଘାଟ ଭିଡ଼





ସହ ହୋଟେଲରେ ଖାଲି କକ୍ଷ ମିଳିବା କାଠିକର କାମ ହୋଇପଡ଼େ । ଚଳିତଥର କିନ୍ତୁ ପରିସ୍ଥିତି ଜଟିଳ ହୋଇପଡ଼ିଛି । ଅଧିକାଂଶ ହୋଟେଲ ସେମାନଙ୍କ କର୍ମଚାରୀ ଛଟେଇ କରିଥିବା ବେଳେ ଦାର୍ଜିଲିଂ ଜନଶୂନ୍ୟ ପରି ଅନୁଭବ ହେଉଛି । ୪୦ ପ୍ରତିଶତରୁ ଅଧିକ ପର୍ଯ୍ୟଟନ କମ୍ପାନୀ ଆଗାମୀ ୩-୬ ମାସ ମଧ୍ୟରେ ଖୋଲିବାର କୌଣସି ସମ୍ଭାବନା ନଥିବାର ସ୍ପଷ୍ଟ ହୋଇଛି । ଲୋକେ ଭ୍ରମଣ ଆରମ୍ଭ କରିବା ପରେ ମଧ୍ୟ ସେମାନଙ୍କ ନିମନ୍ତେ ନୂଆ ନିୟମମାନ ପ୍ରଣୟନ କରାଯିବ, ଯାହା ପର୍ଯ୍ୟଟନକୁ ଅଧିକ କ୍ଷତିଗ୍ରସ୍ତ କରିବ ବୋଲି କମ୍ପାନୀ ତରଫରୁ କୁହାଯାଇଛି ।

## ଘରର ଟ୍ୟାପରୁ ପାଣି ଟପ୍ ଟପ୍ ହୋଇ ପଡ଼ିବା ଅଶୁଭ : ଧନ-ସମ୍ପତ୍ତି ଉପରେ ପଡ଼ିଥାଏ ପ୍ରଭାବ



ରୋଷେଇ ଘର, ବାଥରୁମ କିମ୍ବା ଘରର ଅନ୍ୟ କୌଣସି ସ୍ଥାନରେ ଲଗାଯାଇଥିବା ଟ୍ୟାପରୁ ଯଦି ପାଣି ସବୁବେଳେ ଟପ୍ ଟପ୍ ହୋଇ ପଡେ, ତେବେ ବାସ୍ତୁ ହିସାବରେ ଏହା ଅଶୁଭ ବୋଲି ବିବେଚନା କରାଯାଏ । ଘରେ ସିଙ୍କ କିମ୍ବା ବାଥରୁମ ଟ୍ୟାପ ଏବଂ ଟାଙ୍କିକୁ ବନ୍ଦ କରିବା ପରେ ମଧ୍ୟ ବୁନ୍ଦା ବୁନ୍ଦା ହୋଇ ପାଣି ପଡ଼ିବା ଦ୍ୱାରା ନକାରାତ୍ମକ ଶକ୍ତି ଜାତ ହୋଇଥାଏ । ଏଭଳି ପରିସ୍ଥିତିରେ ଜଳ ନଷ୍ଟ କରିବା କିମ୍ବା ପ୍ରବାହିତ କରିବା ଭଲ ନୁହେଁ । ବାସ୍ତୁ ଅନୁଯାୟୀ, ଯେଉଁ ଘରେ ଟ୍ୟାପରୁ ପାଣି ଟପ୍ ଟପ୍ ହୋଇ ସବୁବେଳେ ପଡ଼ିଥାଏ, ସେଠାର ଅଯଥା ଖର୍ଚ୍ଚ ଅଧିକ ହୋଇଥାଏ । ବାସ୍ତୁ ବିଶେଷଜ୍ଞମାନେ କହିଛନ୍ତି ଯେ, ଯଦି ଆପଣଙ୍କ ଘରେ କୌଣସି ସ୍ଥାନରେ ଟ୍ୟାପରୁ ସବୁବେଳେଟପ୍ ଟପ୍ ହୋଇ ପାଣି ବାହାରୁଛି, ତେବେ ଏହା ଅଯଥା ଖର୍ଚ୍ଚ ବୋଲି ଜାଣିରଖନ୍ତୁ। ଏଥିରେ ଯଦି ରୋଷେଇ ଘରର ନଳ ରହିଛି, ତେବେ ଏହା ଅଶୁଭ ବୋଲି କୁହାଯାଏ। କୁହାଯାଏ କି, ରୋଷେଇ ଘରେ ଅଗ୍ନିର ବାସ ହୋଇଥାଏ । ଏପରି ପରିସ୍ଥିତିରେ ପାଣିର ବୁନ୍ଦା ପଡ଼ିବା ଅର୍ଥାତ୍ ଅଗ୍ନି ଓ ପାଣି ଏକାଠି ହେବ । ବାସ୍ତୁ ଅନୁସାରେ, ଏହି ୨ଟିର ମିଶ୍ରଣ ଯୋଗୁଁ ଜଣେ ବ୍ୟକ୍ତିଙ୍କୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡ଼ିବ ।

କୁହାଯାଏ ଯେ ରୋଷେଇ ଘରର ଟ୍ୟାପରୁ ପାଣି ବିନ୍ଦା ବୁନ୍ଦା ବୁନ୍ଦା ହୋଇ ପଡ଼ିବ ଦ୍ୱାରା ଘରେ ଅନେକ ପ୍ରକାରର କ୍ଷତି ହୋଇଥାଏ । ଏହି କାରଣରୁ ପରିବାର ସଦସ୍ୟଙ୍କୁ ଅନେକ ପ୍ରକାରର କ୍ଷତିର ସମ୍ମୁଖୀନ ହେବାକୁ ପଡିବ । ଉଦାହରଣ ସ୍ୱରୂପ, ପରିବାରର ଜଣେ ସଦସ୍ୟ ବାରମ୍ବାର ଅସୁସ୍ଥ ହୋଇପଡନ୍ତି । ବ୍ୟବସାୟରେ ଭାରି କ୍ଷତି ଏବଂ ଘରେ ଅନେକ ପ୍ରକାରର ସମସ୍ୟା ଆସିଥାଏ । ବରୁଣ ଦେବ ରାଗି ପାରନ୍ତି : କୁହାଯାଏ ଯେ, ଯଦି ବିନା କାରଣରେ ଘରେ ପାଣି ପ୍ରବାହିତ ହୁଏ, ତେବେ ଘରେ ଦୋଷ ଉତ୍ପନ୍ନ ହୁଏ ଓ ନକାରାତ୍ମକ ଶକ୍ତି ସୃଷ୍ଟି ହୁଏ । ଏପରି ପରିସ୍ଥିତିରେ, ଯଦି ତୁମର ଟ୍ୟାପରୁ ପାଣି ପଡୁଛି, ତେବେ ଯଥାଶୀଘ୍ର ତାହାକୁ ଠିକ୍ କର ।

## ଅଲିମ୍ପିକ୍ ନେସ୍‌ନାଲ୍ ପାର୍କ

ଯୁକ୍ତରାଷ୍ଟ୍ର ଆମେରିକାର ୱାସିଂଟନ୍ ପ୍ରଦେଶ ଅନ୍ତର୍ଗତ ଅଲିମ୍ପିକ୍ ଉପଦ୍ୱୀପରେ ଏହି ନାମରେ ଏକ ଜାତୀୟ ଉଦ୍ୟାନ ଏବଂ ୧୯୮୧ରେ ବିଶ୍ୱ ଐତିହ୍ୟ ଘୋଷିତ ହୋଇଥିଲା ଏହା ମଧ୍ୟରେ ତିନି ପ୍ରକାରର ପର୍ଯ୍ୟାବରଣ- ଉପ-ଆଲପାଇନ୍ ଜଙ୍ଗଲ ଓ ଜଙ୍ଗଲୀ ଫୁଲର ପ୍ରାନ୍ତର, ନାତିଶୀତୋଷ୍ଣ ଜଙ୍ଗଲ ଏବଂ ପ୍ରସ୍ତରମୟ ବେଳାଭୂମି ଦେଖିବାକୁ ମିଳେ । ୩୭୩୪ ବର୍ଗ କିଲୋମିଟର ଅଞ୍ଚଳକୁ ଏହା ବ୍ୟାପ୍ତ । ଏହା ମଧ୍ୟରେ ହୋ ନଦୀ ପ୍ରବାହିତ ଏବଂ ଏହା ହୋ ଆଦିମ ଅଧିବାସୀଙ୍କ ବାସସ୍ଥାନ ।



## ସୁସ୍ଥ ମସ୍ତିଷ୍କ ଓ ଶରୀର ନିମନ୍ତେ ଟିପ୍ସ

**ସାମାନ୍ୟ କଥାରେ ବ୍ୟତିବ୍ୟସ୍ତ ହେଲେ ମାନସିକ ଚାପ ବଢ଼ିଥାଏ । ଏହା କାରଣରୁ ମୁଣ୍ଡବିନ୍ଧା, ଚିଡ଼ଚିଡ଼ା ସହ ରକ୍ତଚାପ ବୃଦ୍ଧିର ସମସ୍ୟା ଉପୁଜେ । ମସ୍ତିଷ୍କ ଓ ଶରୀର ଉଭୟକୁ ସୁସ୍ଥ ରଖିବା ନିମନ୍ତେ ବିଶେଷଜ୍ଞ ଦଳ କେତୋଟି ପରାମର୍ଶ ଦେଇଛନ୍ତି ।**

♦ ନିଦ ଭାଙ୍ଗିବା ପରେ ଛାତ ଉପରେ କିମ୍ବା ବାଲକୋନିରେ ଖରାରେ କିଛି ସମୟ ଚଲାବୁଲା କରନ୍ତୁ । ଏକ ଅନୁସନ୍ଧାନରୁ ଜଣାପଡ଼ିଛି ସକାଳବେଳାର ସୂର୍ଯ୍ୟକିରଣରେ ଅଳ୍ପ ସମୟ ଚଲାବୁଲା କଲେ, ମନ ପ୍ରଫୁଲ୍ଲ ରହେ ।

♦ ଘର ସମ୍ମୁଖରେ ବଗିଚା ଥିଲେ, ଖାଲି ପାଦରେ ଚଲାବୁଲା କରିବା ଉଚିତ । ପାର୍କକୁ ଭ୍ରମଣ ପାଇଁ ଯାଉଥିଲେ ସେଠାରେ ମଧ ୫-୭ ମିନିଟ୍ ପାଇଁ ଏଇ ଅଭ୍ୟାସ କଲେ ଫରକ୍ ଆପଣ ଜାଣିପାରିବେ । ବ୍ରିଟେନ୍ ଓ ଆମେରିକାରେ ରକ୍ତଚାପ ଗୋଗୀଙ୍କୁ ଡାକ୍ତର 'ୱାକ୍ ଇନ୍ ଗ୍ରାସ୍' ଥେରାପି ପରାମର୍ଶ ଦେଇଥାନ୍ତି ।

♦ ନିଜ ମନପସନ୍ଦର ଖାଦ୍ୟ ରାନ୍ଧି ଖାଆନ୍ତୁ । ସବୁବେଳେ ନ ହେଲେ ମଧ ସପ୍ତାହକୁ ଥରୁଟିଏ ଏହା କରିପାରନ୍ତି । ମାନସିକ ସୁସ୍ଥତା ନିମନ୍ତେ ଏହା ମଧ ସହଜ ଓ ସରଳ ଉପାୟ ।

♦ ସବୁଠୁ ମୁଖ୍ୟ କଥା ହେଲା, ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ ।



## ସୁସ୍ଥତାର ରହସ୍ୟ

ନିକଟରେ ଲଣ୍ଡନର ଗବେଷକଦଳ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ୧୨୦ ବୟସ୍କ ପିଢ଼ିଙ୍କୁ ଉପରେ ସର୍ବେକ୍ଷଣ କରିଥିଲେ । ଏ ସମସ୍ତଙ୍କ ବୟସ ୭୫ ବର୍ଷରୁ ଅଧିକ ଥିବାବେଳେ ସେମାନେ କରୋନା ଭାଇରସ୍ ସହ ଲଢ଼ି ପୁନଃ ସୁସ୍ଥ ଜୀବନଯାପନ କରୁଛନ୍ତି । ଇଟାଲୀ, ଆମେରିକା, ସ୍ପେନ୍ ଓ ଭାରତର ମଧ ବୟସ୍କ ଲୋକ ଏଥିରେ ସାମିଲ ହୋଇଥିଲେ ।

-ନ୍ୟୁୟର୍କ ବାସିନ୍ଦା ୮୧ ବର୍ଷୀୟା ଜିଡେଉ ହେଇ, ଅବସରପ୍ରାପ୍ତ ଇଂଜିନିୟର । କରୋନା ପଜିଟିଭ୍ ତାଙ୍କର ବାହାରିବା ପରେ ସେ ଆଦୌ ବ୍ୟତିବ୍ୟସ୍ତ ହୋଇନଥିଲେ । ଡାକ୍ତରୀଦଳଙ୍କ ପରାମର୍ଶ ଅନୁସାରେ କିଛିଦିନ ଚିକିତ୍ସାଳୟରେ ରହିଲେ ଓ ପରେ ତାଙ୍କର ନେଗେଟିଭ୍ ରିପୋର୍ଟ ଆସିଥିଲା । ଜିଡେଉଙ୍କ ଶରୀରର ରୋଗପ୍ରତିରୋଧକ ଶକ୍ତି ଖୁବ୍ ଭଲ ଥିବାର ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି । ନିୟମିତ ଅଣ୍ଡା ଖାଇବା ସହ ଫଳମୂଳ ସେ ଅଧିକ ଖାଉଥିବାର ମତ ଦେଇଥିଲେ । ବୋଧହୁଏ ଏହା ହିଁ ତାଙ୍କ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିର କାରଣ ବୋଲି ଡାକ୍ତରୀ ଦଳଙ୍କ ମତ ।

-ଇନ୍ଦୋର ନିବାସୀ ୯୫ ବର୍ଷୀୟା ଚନ୍ଦାବାଇ ପରମାର । ଲଣ୍ଡନ ବିଶେଷଜ୍ଞ ଦଳ ଏହି ଭାରତୀୟ ବୟସ୍କାଙ୍କ ତଥ୍ୟ ମଧ ନେଇଛନ୍ତି । ଏ ବୟସରେ ମଧ ସେ କରୋନାକୁ ହରାଇପାରିବା ସମସ୍ତଙ୍କ ପାଇଁ ଆଶ୍ଚର୍ଯ୍ୟର ବିଷୟ । ୧୧ଦିନ ଚିକିତ୍ସାଳୟରେ ଗମ୍ଭୀର ଅବସ୍ଥାରେ ରହିବା ପରେ ସେ ସୁସ୍ଥ ହୋଇ ଫେରିଛନ୍ତି । ଚନ୍ଦାବାଇ ଏବେ ପର୍ଯ୍ୟନ୍ତ ଦୈନିକ ଯୋଗ କରିବା ସହ ଆମିଷ ଭୋଜନ ଖୁବ୍ ଭଲପାନ୍ତି । ଦୈନିକ ରାତିରେ ଖିରରେ ଶୁଦ୍ଧ ଦେଶୀ ଘିଅ ମିଶାଇ ପିଇବା ତାଙ୍କ ପିଲା ବେଳରୁ ଅଭ୍ୟାସ । ତାଙ୍କ ମତରେ ଉତ୍ତମ ପୋଷକତତ୍ତ୍ୱ ଖାଦ୍ୟ ହିଁ ତାଙ୍କ ସୁସ୍ଥ ଜୀବନଶୈଳୀରେ ରହସ୍ୟ । କରୋନା ଆକ୍ରାନ୍ତ ହେବା ପରେ ସେ ଦୁର୍ବଳ ଅନୁଭବ କରୁଛନ୍ତି । ହେଲେ ଖାଦ୍ୟପାନୀୟ ଓ ଯୋଗ କରିବାରେ ଆଦୌ ହେଳା କରୁନଥିବାର ପ୍ରକାଶ ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାର ଉପାୟ

ଯେ କୌଣସି ରୋଗରୁ ବର୍ତ୍ତିବାର ପ୍ରମୁଖ ସମାଧାନ ହେଉଛି ନିଜ ଶରୀରର ରୋଗପ୍ରତତିରୋଧକ ଶକ୍ତି ବୃଦ୍ଧି କରିବା । ଶରୀରର ଶକ୍ତି ବଢ଼ାଇବା ସେଭଳି କଠିନ କାମ ନୁହେଁ । ନିଜ ଖାଦ୍ୟପାନୀୟ ଜଳ କସରତ୍, ଯୋଗ, ପ୍ରାଣାୟମ ଇତ୍ୟାଦି ନିୟମିତ କଲେ ସୁସ୍ଥ ରହିପାରିବେ । ଦିଲ୍ଲୀର ନାମୀ ଖାଦ୍ୟ ବିଶେଷଜ୍ଞ ନିରୁ ସିଂଙ୍କ ମତରେ ହଠାତ୍ କରି ଆମେ ଖାଦ୍ୟ ତାଲିକା ଅନୁସାରେ ଖାଇଲେ କିମ୍ବା ଅନ୍ୟ ସମସ୍ତ ନିୟମ ମାନି ଚଳିଲେ, ଲାଭ ମିଳେନାହିଁ । ଏକ ଲମ୍ବା ସମୟ ପର୍ଯ୍ୟନ୍ତ ସେସବୁ ପାଳନ କଲେ, ପ୍ରତ୍ୟେକ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ ।





♦ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପିଲାଠାରୁ ବୟସ୍କ ସକାଳବେଳା ସୂର୍ଯ୍ୟକିରଣରେ ୨୦-୩୦ ମିନିଟ୍ ବୁଲାବୁଲି କରିବା ଉଚିତ । ଧ୍ୟାନରେ ରଖନ୍ତୁ, ଏବେ ଦ୍ୱିପହର ସମୟରେ ଖରାରେ ବୁଲିଲେ ଆପଣଙ୍କୁ ଅଂଶୁଘାତ ହେବାର ଆଶଙ୍କା ସର୍ବାଧିକ । ଭିଟାମିନ୍ ଡି' ଆବଶ୍ୟକ ପରିମାଣରେ ଶରୀରକୁ ମିଳିବା ଦରକାର । ଆମେରିକା ଭଳି ଥଣ୍ଡା ରାଷ୍ଟ୍ରରେ ଲୋକେ ପର୍ଯ୍ୟାପ୍ତ ପରିମାଣର ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିପାରିନଥାନ୍ତି । ଏଣୁ ସେମାନେ ଭିଟାମିନ୍ ଡି' କ୍ୟାପସୁଲ୍ ଖାଇଥାନ୍ତି ।

♦ ସତେଜ ସବୁଜ ପନିପରିବା ନିୟମିତ ଭାବେ କିଣି ଖାଆନ୍ତୁ, ନଚେତ୍ ନିଜ ଘର ବଗିଚାରେ ସେସବୁ ଲଗାଇବାର ବନ୍ଦୋବସ୍ତ କରିପାରିବେ । ଫ୍ରିଜ୍‌ରେ ଅଧିକ ଦିନ ପରିବା ରଖି ଖାଇଲେ କୌଣସି ଲାଭ ମିଳେନାହିଁ ।

♦ ପିଲାଠାରୁ ବୟସ୍କ ସମସ୍ତେ ଦୈନିକ ରସୁଣ ଛୁଙ୍କ ବ୍ୟଞ୍ଜନ ଖାଇବା ଜରୁରୀ । ସମୟକ୍ରମେ ଶରୀରର ଶକ୍ତି ବଢ଼ିଥାଏ ।

♦ ଉଷୁମ ପାଣି ପିଇବାର ଅଭ୍ୟାସ ରଖନ୍ତୁ । ଆପଣଙ୍କ ଉତ୍ତମ ଜୀବନଶୈଳୀ ନିମନ୍ତେ ଏହା ଖୁବ୍ ସହାୟକ ହେବ ।

♦ ଅନ୍ୟାନ୍ୟ କସରତ ସହ ଯୋଗ କରିବାକୁ ଅଧିକ ପ୍ରାଧାନ୍ୟ ଦିଅନ୍ତୁ ।







## ମାନସିକ ଚାପର ମୁକାବିଲା

ଆଜିକାଲି ବ୍ୟସ୍ତବହୁଳ ଆଧୁନିକ ଜୀବନରେ ଆମେ ସମସ୍ତେ ପ୍ରତ୍ୟେକ କିଛି ନା କିଛି ମାନସିକ ଚାପ ବା ଷ୍ଟ୍ରେସର ସମ୍ମୁଖୀନ ହେଉଛେ । ସବୁବେଳେ ମାନସିକ ଚାପ ଆମମାନଙ୍କ ପ୍ରତି କ୍ଷତିକାରକ ହୋଇ ନଥାଏ । ବରଂ ବେଳେ ବେଳେ ଏହ ଆମମାନଙ୍କ ପାଇଁ ସହାୟକ ହୋଇଥାଏ । ଏହା ଦ୍ୱାରା ମନୁଷ୍ୟର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । ମାତ୍ର ଯେତେବେଳେ ଆମ ଉପରେ ମାନସିକ ଚାପ ଅତ୍ୟଧିକ ମାତ୍ରରେ ପଡ଼ିଥାଏ ବା ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ, ସେତେବେଳେ ଏହା ଆମର ମାନସକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଆମ ଦେଶରେ ପ୍ରାୟ ୨୦ରୁ ୩୦ ପ୍ରତିଶତ ଲୋକଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଦେଖାଯାଇଥାଏ । ଆସନ୍ତୁ ଜାଣିବା ମାନସିକ ଚାପର ବିଭିନ୍ନ କାରଣର, ଲକ୍ଷଣର ଓ ଏହାର ମୁକାବିଲା କରିବାର ଉପାୟଗୁଡ଼ିକ ସମ୍ବନ୍ଧରେ ।

**କେଉଁ କାରଣରୁର ମାନସିକ ଚାପ ଦେଖାଦେଇଥାଏ ?**

ମାନସିକ ଚାପ ବିଭିନ୍ନ କାରଣରୁ ହୋଇପାରେ । ଆଜିକାଲି ସ୍କୁଲ ଓ କଲେଜରେ ପାଠ




ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ପାଠପଢ଼ା ଓ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ସବୁବେଳେ ମାନସିକ ଚାପ ପଡୁଛି । ବିଭିନ୍ନ ଚାକିରି ଓ ବ୍ୟବସାୟ କରୁଥିବା ବ୍ୟକ୍ତି ଅଧିକାଂଶ ସମୟରେ ଅତ୍ୟଧିକ କାର୍ଯ୍ୟଭାରର ସମ୍ମୁଖୀନ ହେଉଛନ୍ତି । ଏହା ଛଡ଼ା କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ରଖି କାମ କରୁଥିବା ବ୍ୟକ୍ତିମାନେ ମାନସିକ ଚାପର ବେଶି ଶିାର ହେଉଛନ୍ତି । ଏକ ସାଙ୍ଗରେ ବହୁତ ଗୁଡ଼େ କାମ (ମଲ୍‌ଟିଟାସ୍କିଂ) କରିବା ଦ୍ୱାରା ମଧ ମାନସିକ ଚାପ ବୃଦ୍ଧି ପାଉଛି । ଜୀବନରେ ଘଟୁଥିବା କେତେକ କଠିନ ଓ ଅସୁବିଧାଜନକ ଘଟଣାବଳି ଯଥା ବେରୋଜଗାରି, ଆର୍ଥିକ ସଙ୍କଟ, ପାରିବାରିକ କଳହ, ଆତ୍ମୀୟ ଲୋକର ହଠାତ୍ ମୃତ୍ୟୁ ଆଦି ମାନସିକ ଚାପ ସୃଷ୍ଟି କରିଥାଏ । ସବୁବେଳେ ନକାରାତ୍ମକ ଚିନ୍ତାଧାରା ରଖି କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ମାନସିକ ଚାପର ସମ୍ମୁଖୀନ ହୋଇଥାନ୍ତି । ପ୍ରତିଦିନ ଶୋଇବା ଓ ବିଶ୍ରାମ କରିବା ପାଇଁ ଯଥେଷ୍ଟ ସମୟ ନ ମିଳିଲେ ମାନସିକ ଚାପ ସୃଷ୍ଟି ହୋଇଥାଏ । ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଅଧିକ ଦେଖାଯାଇଥାଏ । କେତେକ ବ୍ୟକ୍ତି ଜିନ୍‌ଗତ କାରଣ ଯୋଗୁ ମାନସିକ ଚାପ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ହୋଇଥାନ୍ତି । ଆଜିକାଲିର ଆଧୁନିକ ଜୀବନଶୈଳୀ ମଧ କେତେକାଂଶରେ ମାନସିକ ଚାପ ଆରମ୍ଭର କାରଣ ହୋଇପାରେ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୨ ଡିସେମ୍ବର ୨୦୨୨, ଗୁରୁବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବିଜୟୀଙ୍କ ବିଶ୍ୱ...

ପରୀ ରାଇଜର କାହାଣୀରେ ବିଶ୍ୱ ପରିପକ୍ୱ ମଣିଷମାନେ କାହା ଉପରେ ବେଶୀ ଗୁରୁତ୍ୱ ଆରୋପ କରିଥାନ୍ତି ? ଅବଶ୍ୟ କାରଣଟି ଉପରେ, ଯାହା ନିଜର ବିଶ୍ୱାସର ପୁନରାବିଷ୍କାର କରିଥାଏ । ସମାନ କଥାଟି ଘଟିଛି ନିକଟରେ କାତାର ଫୁଟବଲ୍ ବିଶ୍ୱକପ୍‌ରେ । ଏହାର କାରଣ, ଗତ ଏକ ମାସ ଧରି ଚାଲିଥିବା ଏହି ଖେଳରେ ବାସ୍ତବତା ଏବଂ କଳ୍ପନା ମଧ୍ୟରେ ରହିଥିବା ସୂକ୍ଷ୍ମ ରେଖାଟି ପ୍ରାୟତଃ ଅସ୍ପଷ୍ଟ ହୋଇ ଯାଉଥିଲା । ଉଦାହରଣ ଭାବରେ ନିଆଯାଇପାରେ ନୂଆ ଚାମ୍ପିଅନ୍ ହୋଇଥିବା ଆର୍ଜେଣ୍ଟିନା ଏବଂ ଏହି ଟ୍ରଫିର ପୂର୍ବତନ ଅଧିକାରୀ ଫ୍ରାନ୍ସ ମଧ୍ୟରେ ହୋଇଥିବା ଫାଇନାଲ ମ୍ୟାଚ୍‌କୁ । ଏକ ନାଟକର ଅତ୍ୟଧିକ ଉତ୍କଣ୍ଠାପୂର୍ଣ୍ଣ ଦୃଶ୍ୟ ଭଳି ଏହି ମ୍ୟାଚ୍ ଦର୍ଶକମାନଙ୍କୁ ଆନନ୍ଦ ପ୍ରଦାନ କରିଥିଲା ଏଥିରେ ଦେଖା ଦେଇଥିବା ଅପ୍ରତ୍ୟାଶିତ ମୋଡ଼ଗୁଡ଼ିକ ଯୋଗୁଁ । ପୋନଲ୍‌ଟି ଜରିଆରେ ୪-୨ରେ ବିଜୟୀ ହେବା ପୂର୍ବରୁ ଫ୍ରାନ୍ସ ଦୁଇଥର ଅଭାବକୁ ପୂରଣ କରିଥିଲା ୩-୩ ଜରିଆରେ ନିର୍ଦ୍ଧାରିତ ସମୟର ଖେଳ ମଧ୍ୟରେ । ଏହା ଏକ ଅତ୍ୟନ୍ତ ବିସ୍ମୟକର ବିଷୟ ଯେ ସାମ୍ପ୍ରତିକ ସମୟର ଯାହା ନିଶ୍ଚିତ ଭାବରେ ଏକ ସର୍ବାଧିକ ସ୍ମରଣୀୟ ବିଶ୍ୱକପ୍ ଫାଇନାଲ୍, ତା'ର ଶେଷରେ ଦୁଇଟି ମଧ୍ୟରୁ ଗୋଟିଏ ଟିମ୍ ଦ୍ୱିତୀୟ- ସର୍ବୋତ୍କୃଷ୍ଟ ଦଳ ଭାବରେ ନିଜକୁ ପ୍ରତିପାଦିତ କରି ପାରିଛି । କିନ୍ତୁ ଟୁର୍ଣ୍ଣାମେଣ୍ଟ୍‌ର ଆରମ୍ଭରୁ ଏହି ଖେଳ ଫୁଟବଲ୍ ପ୍ରେମୀଙ୍କୁ ସମ୍ପୂର୍ଣ୍ଣ ଭାବରେ ଉତ୍କଣ୍ଠିତ କରି ରଖିବାରେ ସମର୍ଥ ହୋଇଥିଲା । ଫୁଟବଲ୍‌ର କେତେକ ମହାରଥୀ ଏହି ଖେଳରେ ଆଶା କରାଯାଉ ନଥିଲେ ସୁଦ୍ଧା ପରାଭୂତ ହୋଇଥିଲା । ଉଦାହରଣ ସ୍ୱରୂପ ଜର୍ମାନୀ । ସେହିଭଳି ଏସୀୟ ଏବଂ ଆଫ୍ରିକୀୟ ଦେଶମାନେ ଯଥା ଜାପାନ୍ ଏବଂ କାମେରୁନ୍ ଯଥାକ୍ରମେ ବଡ଼ ବଡ଼ ଲମ୍ଫ ମାରିଥିଲା । ଏସବୁ ମିଶି ଯାହା ଦର୍ଶାଇ ଥାଏ, ତାହା ହେଉଛି ଫୁଟବଲ୍ ଖେଳକୁ ଗଣତାନ୍ତ୍ରିକୀକରଣ କରିବା ନିମନ୍ତେ ଫିଫାର ନିଷ୍ପତ୍ତି ସମ୍ପୂର୍ଣ୍ଣ ଠିକ୍ । ଆଗାମୀ ବିଶ୍ୱକପ୍ ସଂସ୍କରଣ ପାଇଁ ୪୮ଟି ପ୍ରତିଦ୍ୱନ୍ଦ୍ୱୀକୁ ଖେଳାଇବାକୁ ଯେଉଁ ଯୋଜନା କରାଯାଇଛି, ତାହା ଅବଶ୍ୟ ଆହୁରି ବିସ୍ମୟକର ମୁହୂର୍ତ୍ତମାନ ବହନ କରି ଆଣିବ । ପୁନଶ୍ଚ ଅନ୍ୟ ଏକ ଆନନ୍ଦର କଥା ହେଉଛି, ବହୁ ଲୋକରେ ମୂଷା ମାରିହୁଏ ନାହିଁ କଥାକୁ ଭୁଲ ପ୍ରମାଣିତ କରି ଫୁଟବଲ୍ ବିଶ୍ୱକପ୍‌ରେ ଅଂଶଗ୍ର-ହଣକାରୀମାନଙ୍କ ସଂଖ୍ୟାରେ ବୃଦ୍ଧି ଖେଳ ବା ଖେଳ ପରିଚାଳନାରେ ମାନରେ ହ୍ରାସ ଦିଗରେ ପଥ କଢ଼ାଇ ନେଇନାହିଁ । କାତାର ସଂସ୍କରଣ ବିଶେଷ ଫଳଦାୟୀ ଥିଲା; ବିସ୍ମୟାଭିଭୂତ କରିଦେବା ଭଳି ୧୭୨ ଗୋଲ୍ ସ୍କୋର ହୋଇଥିଲା । ଏହା ବାଦ୍ ଏହି ଖେଳର ଅନ୍ୟ ଏକ ଉଲ୍ଲେଖନୀୟ ଦିଗ ଥିଲା- ଦଳମାନେ ଆକର୍ଷଣୀୟ, ସମ୍ପୂର୍ଣ୍ଣ ଉନ୍ମୁକ୍ତ ବା ଖୋଲାଖୋଲି ଖେଳ ପ୍ରଦର୍ଶନ କରିବାକୁ ପସନ୍ଦ କରିଥିଲେ ଯାହା ୧୯୯୦ରେ ଇଟାଲୀରେ ଦେଖିବାକୁ ମିଳିଥିବା ପ୍ରତିରକ୍ଷାତ୍ମକ ଶୈଳୀରେ ଖେଳା ଯାଉଥିବା ଖେଳର ବିପରୀତ ଥିଲା । ଏହା ଏକ ଉତ୍ତମ ଲକ୍ଷଣ, କାରଣ ଏଭଳି ଖେଳ ଫୁଟବଲ ପ୍ରେମୀଙ୍କ ମନରେ ଆନନ୍ଦ ଭରିଦେବା ସହିତ ଫୁଟବଲ ପ୍ରତି ଅଧିକ ଲୋକଙ୍କୁ ଆକୃଷ୍ଟ କରିବାର ସମ୍ଭାବନା ବହନ କରେ । ପୂର୍ବ ଥରମାନଙ୍କରେ ଖାଲିହାତରେ ଫେରିବା ପରେ ମେସିଙ୍କ ଅତୀତକୁ ଭୁଲି ବର୍ତ୍ତମାନରେ ପ୍ରତ୍ୟାବର୍ତ୍ତନ କରିବା ଯେକୌଣସି ପ୍ରକାରର ପରିସ୍ଥିତିରେ କିପରି ଗୌରବମୟ ମୁହୂର୍ତ୍ତକୁ ପ୍ରତ୍ୟାବର୍ତ୍ତନ କରିହୁଏ, ତା'ର ଏକ ମହାନ ବାର୍ତ୍ତା ମାନବ ସମାଜ ପାଇଁ ବହନ କରି ଆଣିଛି । ଆଉ ସେ ବାର୍ତ୍ତାଟି ହେଉଛି- ଧୈର୍ଯ୍ୟର ସବୁବେଳେ ବିଜୟ ହୋଇଥାଏ । ଦ୍ୱନ୍ଦ୍ୱ, ରୋଗ ଏବଂ ଅସମାନତାରେ ଭରପୂର ଏକ ବିଶ୍ୱରେ ଏହି ଖେଳରେ ଶ୍ରୀଯୁକ୍ତ ମେସି ଏବଂ ଆର୍ଜେଣ୍ଟିନା ଯେଉଁଭଳି ଭାବରେ ଆଶା ନାମକ ଶବ୍ଦର ପ୍ରଦର୍ଶନ କରି ଯାଇଛନ୍ତି, ତାହା ଏକ ଭିନ୍ନ ପରିବେଶ ସୃଷ୍ଟି କରିବାର ସାମର୍ଥ୍ୟ ରଖେ । ସର୍ବୋପରି, ଅନ୍ୟ କିଛି ଜିନିଷ ଉପରେ ଏହି ବିଶ୍ୱକପ୍ ଆଲୋକପାତ କରିଛି, ଯାହା ସମାନ ଭାବରେ ଯଥାର୍ଥ ଏବଂ ଗୁରୁତ୍ୱପୂର୍ଣ୍ଣ ଯେ ରାଷ୍ଟ୍ର ଏବଂ ନାଗରିକମାନଙ୍କ ଶିଷ୍ଟାଚାର ଅବଶ୍ୟ କିଛି ପାର୍ଥକ୍ୟ ବହନ କରି ଆଣି ପାରିବ, ଯଦ୍ୟପି ଆର୍ଥିକ ଭାବରେ ଏହା ହେବାର ଆବଶ୍ୟକତା ରହିଛି, ଏବଂ ତା' ପରେ ସମସ୍ତେ ଏକ କପ୍ ଲାଭ କରିବାର ଆନନ୍ଦକୁ ନିଜ ନିଜ ଭିତରେ ବାଣ୍ଟି ପାରିବେ । ପରିଶେଷରେ, ଫୁଟବଲ୍ ଦକ୍ଷିଣ ଆମେରିକା ପାଇଁ ଯେତିକି ଗଭୀର ଅର୍ଥ ବହନ କରିଥାଏ, ୟୁରୋପ୍‌ର କ୍ଷମତା କେନ୍ଦ୍ରମାନଙ୍କ ପାଇଁ କଦାଚିତ୍ ତାହା କରିଥାଏ ।

# ଜାତୀୟ ଗଣିତ ଦିବସ ପାଳନର ଅନୁଚିନ୍ତା



ଡ. ଶରତ୍ ଚନ୍ଦ୍ର ମିଶ୍ର

ଜାତୀୟ ଗଣିତ ଦିବସ କଣ ପାଇଁ? ଏହା ଗଣିତକୁ ସର୍ବଜନାଦୃତ କରିବା ପାଇଁ ବା ଗାଣିତିକ ମାନଙ୍କୁ ସମ୍ମାନ ଜଣାଇ । ତେବେ ତାହାର ଉତ୍ତର ହେବ ଉଭୟ ପାଇଁ । ଅତୀତରେ ଆମ ଦେଶରେ ଅନେକ ମହାନ ଗଣିତଜ୍ଞ ଥିଲେ ଯେଉଁମାନେ କି ବିଶ୍ୱବିଦିତ । ସେହି ପ୍ରାଚୀନ ଗଣିତଜ୍ଞଗଣଙ୍କର ଅବଦାନ ବିଶ୍ୱବାସୀଙ୍କ ପାଇଁ ଆଜି ବି ବତୀଘର । ଏବେର ଗଣିତଜ୍ଞ ବି ବିଶ୍ୱଦରବାରରେ ବେଶ୍ ପରିଚିତ ଓ ପାରିବାର । ସେହିପରି ଜଣେ ପୃଥିବୀ ପ୍ରସିଦ୍ଧ ଗଣିତଜ୍ଞ ହେଉଛନ୍ତି 'ଶ୍ରୀନିବାସ ରାମାନୁଜନ୍' ।

ଡିସେମ୍ବର ମାସ ୨୬ତାରିଖ ୨୦୧୧ ମସିହାରେ ପ୍ରଧାନମନ୍ତ୍ରୀ ମହାମାନ୍ୟ ମନମୋହନ ସିଂହ ଘୋଷଣା କଲେ ଆସନ୍ତା ବର୍ଷ ଅର୍ଥାତ୍ ୨୦୧୨ ବର୍ଷଟି 'ଗଣିତବର୍ଷ' ଭାବରେ ପାଳନ କରାଯିବ । ଏହିବର୍ଷ ହେଉଛି 'ରାମାନୁଜନ୍'ଙ୍କ ଜନ୍ମର ୧୨୫ବର୍ଷର ପୂର୍ତ୍ତୀ ପାଳନ ପାଇଁ । ପୁଣି ପ୍ରତ୍ୟେକ ବର୍ଷ ତାଙ୍କର ଜନ୍ମଦିନ ଅର୍ଥାତ୍ ଡିସେମ୍ବର ୨୨ ତାରିଖକୁ 'ଜାତୀୟ ଗଣିତ ଦିବସ' ଭାବରେ ପାଳନ କରାଯିବ । ଆଜି ପ୍ରତ୍ୟେକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସହ ବିଭିନ୍ନ ଗଣିତପ୍ରେମୀ ଅନୁଷ୍ଠାନ ଓ ରାମାନୁଜନ୍ ପ୍ରେମୀ ବ୍ୟକ୍ତିବିଶେଷ ବି ଏହାକୁ ଶ୍ରଦ୍ଧା, ଆଗ୍ରହ ଓ ଉତ୍କଣ୍ଠା ସହ ପାଳନ କରୁଛନ୍ତି ।

ସେହି ମହାନ ଗଣିତଜ୍ଞଙ୍କର ୧୮୮୭ ମସିହା ଡିସେମ୍ବର ମାସ ୨୨ ତାରିଖ ଗୁରୁବାର ଦିନ ମହୀଶୂର ଠାରୁ କିଛିଦୂର 'ଇରୋଡ' ନାମକ ଏକ ଛୋଟ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଏକ ଦରିଦ୍ର ବ୍ରାହ୍ମଣ ପରିବାରରେ ଜନ୍ମିତ ରାମାନୁଜନ୍ ପିତା ଶ୍ରୀନିବାସ ଆୟଙ୍ଗାର ଓ ମାତା କୋମଳା ତାମ୍ମାଲ । ପିତାଙ୍କର ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ହେବାରୁ ସେ ଗାଁ ଛାଡ଼ି 'କୁମ୍ଭକୋଣମ୍' ସହରକୁ ଚାଲିଗଲେ । ସେଠାରେ ସେ ମାସିକ ୨୦ ଟଙ୍କା ଦରମାରେ ଏକ ଲୁଗା ଦୋକାନରେ କିରାଣୀ କାମ କରୁଥିଲେ । ମା' ନିକଟସ୍ଥ ଏକ ମନ୍ଦିରରେ ଭଜନ ଗାଇ କିଛି ଅର୍ଥ ରୋଜଗାର କରୁଥିଲେ । ସମୟ ସମୟରେ ମନ୍ଦିରରୁ ମିଳୁଥିବା ପ୍ରସାଦକୁ ସପରିବାର ଆନନ୍ଦରେ ଭାଗବାଣ୍ଟି ଖାଉଥିଲେ ।

ରାମାନୁଜନ୍‌ଙ୍କୁ ଯେତେବେଳେ ପାଞ୍ଚବର୍ଷ ବୟସ ହୋଇଗଲା, ତାଙ୍କର ବାପା ୧୮୯୨ ମସିହାରେ ଏକ ଗାଉଁଲି ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇ ଦେଲେ । ସେ ଶ୍ରେଣୀରେ ଖୁବ୍ ନମ୍ର, ବିନୟୀ ଓ ସୁଧାର ଥିଲେ; ହେଲେ ସେ ଗଣିତରେ ଧୂରୀଣ ଥିଲେ । ଥରେ ଗଣିତ ଶିକ୍ଷକ ଶ୍ରେଣୀରେ ବଣ୍ଟନକ୍ରିୟା ବୁଝାଇବାକୁ ଯାଇ ଉଦାହରଣ ଦେଇ କହିଲେ 'ତିନୋଟି କଦଳୀକୁ ତିନିଜଣଙ୍କ ମଧ୍ୟରେ ବାଣ୍ଟିଲେ ଜଣକେ କେତୋଟି କଦଳୀ ପାଇବେ ? ଗୋଟିଏ ପିଲା କହିଲା ହାତଟେକି ଉତ୍ତର ଦେଲା ଗୋଟିଏ କରି । ଶିକ୍ଷକ କହିଲେ ଯେକୌଣସି ସଂଖ୍ୟାକୁ ସେହି ସଂଖ୍ୟାଦ୍ୱାରା ଭାଗକଲେ ଭାଗଫଳ ସର୍ବଦା ଏକ(୧) ହେବ । ଏହି ସମୟରେ କାନ୍ଥକୁ ଆଉଜି ବସିଥିବା ଜଣେ ରୁଗ୍ଣ ତଥା କଳା ପିଲା ଠିଆ ହୋଇ ଅତି ଦୃଢ଼ତାର ସହ କହିଲା, ଯଦି କୌଣସି କଦଳୀ କାହାରି ମଧ୍ୟରେ ବଣ୍ଟା ଯିବନାହିଁ, ତେବେ କଣ ପ୍ରତ୍ୟେକ ଗୋଟିଏ କରି ପାଇବେ? ଶିକ୍ଷକ ଜାଣିଲେ ଶୂନ୍ୟକୁ ଶୂନ୍ୟ ଦ୍ୱାରା ଭାଗ କରାଯାଇ ପାରିବ ନାହିଁ । ହେଲେ ସବୁ ପିଲା ହସି ଉଠିଲେ । ମାତ୍ର ଶିକ୍ଷକ ବୁଝାଇଦେଲେ । ରାମାନୁଜନ୍ ଠିକ୍ କହିଛି । ଏହା ହେଉଛି ଗଣିତର ଜଟିଳ ତତ୍ତ୍ୱ ।

ଶ୍ରୀନିବାସ ଗଣିତରେ ଖୁବ୍ ପାରଙ୍ଗମ ଥିଲେ । ସବୁ ପରୀକ୍ଷାରେ ଗଣିତରେ ସେ ଶହେରୁ ଶହେ ନମ୍ବର ରଖୁଥିଲେ । ୧୮୯୭ର ପ୍ରାଥମିକ ପରୀକ୍ଷାରେ ସେ ତାଞ୍ଜୋର ଜିଲ୍ଲାରେ ସବୁ ଛାତ୍ରଙ୍କ ମଧ୍ୟରେ ପ୍ରଥମ ହେଲେ । ଏହା ଦ୍ୱାରା ସେ ଆଗକୁ ପଢ଼ିଲେ ଆଉ ଦରମା ଦେବେ ନାହିଁ । ସେ ଅତ୍ୟନ୍ତ ଚିନ୍ତାଶୀଳ ମେଧାବୀ ଶାନ୍ତ ପ୍ରକୃତିର ପିଲା ଥିବାରୁ ଶିକ୍ଷକ ଓ ସହପାଠୀ ସମସ୍ତେ ଆଦର ଓ ସ୍ନେହ କରୁଥିଲେ । ୧୮୯୯ ମସିହାରେ ସେ କୁମ୍ଭକୋଣମ୍ ଟାଉନ୍ ହାଇସ୍କୁଲରେ ନାମ ଲେଖାଇଲେ । ଦଶମ ଶ୍ରେଣୀରେ ପଢୁଥିବା ବେଳେ ରାମାନୁଜନ୍‌ଙ୍କର ଗଣିତ ପ୍ରତିଭା ଜାଣିବା ପାଇଁ ତାଂକୁ ଗଣିତ ଶିକ୍ଷକ ପ୍ରଶ୍ନ କଲେ ରୁଟ୍ X + Y = 7 ଏବଂ ରୁଟ୍ Y+X=11 ହେଲେ X ଏବଂ Y ର ମୂଲ୍ୟ କେତେ ? ଜଣେ ସ୍କୁଲ ଛାତ୍ର ପକ୍ଷରେ ଏହା ଅତ୍ୟନ୍ତ କଠିନ ହେଲେ ସୁଦ୍ଧା ଶ୍ରୀନିବାସ ମାତ୍ର ୩୦ ସେକେଣ୍ଡ ମଧ୍ୟରେ କହିଲେ X=9 ଏବଂ Y=4 । ଏଥିରେ ଗଣିତ ଶିକ୍ଷକ ଆଶ୍ଚର୍ଯ୍ୟ ହେବା ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ସହପାଠୀ ଆଶ୍ଚର୍ଯ୍ୟ ଓ ଆଚମ୍ବିତ । ମେଟ୍ରିକ ପରୀକ୍ଷାରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ସହ ବୃତ୍ତି ପାଇ ସହରର ସରକାରୀ କଲେଜରେ ନାମ ଲେଖାଇଲେ ୧୯୦୩ ମସିହାରେ । ସେହି ବୃତ୍ତିର ନାମ ଥିଲା ସୁବ୍ରମନିଅମ୍ ବୃତ୍ତି ।

ହାଇସ୍କୁଲ ପଢ଼ିବା ବେଳେ କଲେଜ ପଢୁଥିବା ଜଣେ ପଡ଼ୋଶୀଙ୍କଠାରୁ ଲୋନିଙ୍କ ଦ୍ୱାରା ଲିଖିତ ତ୍ରିକୋଣମିତି ବହି ମାଗିଆଣି ପ୍ରାୟ ସବୁ ପ୍ରଶ୍ନକୁ ସମାଧାନ କରିଦେଇଥିଲେ । ସେହି ସମୟରେ ତାଙ୍କର ଜଣେ ବଂଧୁ ପାଠାଗାରରୁ ତାଙ୍କୁ ଖ୍ୟାତନାମା ଗଣିତଜ୍ଞ ଜର୍ଜ ସୁକ୍ରିକ୍‌କାରଙ୍କ ଆନୀତ ଏକ ପ୍ରସିଦ୍ଧ ଗଣିତ ପୁସ୍ତକର ସମସ୍ତ ପ୍ରଶ୍ନ ସମାଧାନ କରିବାରେ ସେ ସକ୍ଷମ ହୋଇଥିଲେ । ଉକ୍ତ ପୁସ୍ତକଟି ତାଙ୍କର ଗାଣିତିକ ଜ୍ଞାନକୁ ବହୁଗୁଣିତ କରିବାରେ ସହାୟକ ହେଲା ।

ରାମାନୁଜନ୍ ୧୯୦୫ ମସିହାରେ ଏଫ୍.ଏ ପରୀକ୍ଷା ଦେଲେ । ମାତ୍ର ସେ ଏଥିରେ ଗଣିତ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ଅକୃତକାର୍ଯ୍ୟ ହେଲେ । ସେ ବାରମ୍ବାର ପରୀକ୍ଷା ଦେଇ ମଧ୍ୟ ଏଫ.ଏ ପରୀକ୍ଷାରେ ପାଶ୍ କରି ପାରିଲେ ନାହିଁ । ମାତ୍ର ସେ ସର୍ବଦା କାର୍‌ଙ୍କ ଗଣିତ ବହି ପଢ଼ିଲେ । ପ୍ରମାଣ ବାହାର କଲେ ଓ ଏସବୁକୁ ସେ ଗୋଟିଏ ଟିପା ଖାତାରେ ଟିପି ରଖୁଥିଲେ । ପରୀକ୍ଷାରେ ଫେଲ୍ ହେବାରୁ ବୃତ୍ତି କଟିଯାଇଥିଲା । ବାରମ୍ବାର ପରୀକ୍ଷା ଦେଇ ବି ଫେଲ୍ ହେଉଥିଲେ । ସେ ଶେଷ ଥର ପାଇଁ ୧୯୦୭ ମସିହାରେ ଘରୋଇ ଭାବେ ଡିସେମ୍ବର ପରୀକ୍ଷାରେ ବି ପାଶ୍ କରି ପାରିଲେ ନାହିଁ । ସେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଲେ ବି ଗଣିତ ସାଧନାରୁ ନିବୃତ୍ତ ହେଲେ ନାହିଁ । ବରଂ ଶିକ୍ଷାଗତ ଯୋଗ୍ୟତାକୁ ଆଉ ଗୁରୁତ୍ୱ ନଦେଇ ଗଣିତ ସୂତ୍ର ଅନ୍ୱେଷଣରେ ନିମଜ୍ଜିତ ହୋଇଗଲେ । ପିତାମାତା ପୁତ୍ରଙ୍କର ଏଭଳି ହାବଭାବ ଦେଖି ଖୁବ୍ ଚିନ୍ତିତ ହୋଇପଡ଼ିଲେ । ମାତାଙ୍କ ନିର୍ବାଚନ ମତେ ଜାନକୀ ନାମ୍ନି ଏକ ୯ ବର୍ଷର କନ୍ୟା ସହ ୧୯୦୯ ମସିହା ଜୁଲାଇ ୧୪ ତାରିଖରେ ବିବାହ କରାଇଦେଲେ । କାରଣ ସେ ସମୟରେ ଦେଶରେ ବାଲ୍ୟ ବିବାହ ପ୍ରଚଳିତ ଥିଲା ।

ଏବେ ଜୀବିକା ନିର୍ବାହ ପାଇଁ ସେ ଖୁବ୍ ବ୍ୟସ୍ତ ଓ ବିବ୍ରତ ହୋଇପଡ଼ିଲେ । ତାଙ୍କର ସେମିତି କୌଣସି ଶିକ୍ଷାଗତ ଯୋଗ୍ୟତା ନାହିଁ କିମ୍ବା କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କ ପୃଷ୍ଠପୋଷକତା ବି ନଥିଲା । ନିଜର ସେହି ଟିପା ଖାତା ଧରି ତିରୁ କୋଇଲୁର ଡେପୁଟି କଲେକ୍ଟରଙ୍କୁ ସାକ୍ଷାତ କଲେ । ଶ୍ରୀନିବାସ ତାଙ୍କୁ ଅନୁରୋଧ କଲେ ଏକ କିରାଣି ଚାକିରି ପାଇଁ । ଡେପୁଟି କଲେକ୍ଟର ରାମସ୍ୱାମୀ ଥିଲେ ଭାରତୀୟ ଗଣିତ ସମିତିର ପ୍ରତିଷ୍ଠାତା । ସେ ତାଙ୍କର ଟିପା ଖାତା ଦେଖି ଅତ୍ୟନ୍ତ ମୁଗ୍ଧ ଓ ଆଶ୍ଚର୍ଯ୍ୟ ହେଲେ । ତତ୍‌କାଳୀନ କୁମ୍ଭକୋନମ୍ କଲେଜର ଅଧକ୍ଷ ପିଭି ସେସୁ ଆୟର ଓ ନେଲରର ଜିଲ୍ଲାପାଳ ଆର୍.ରାମଚନ୍ଦ୍ରେ ରାଓଙ୍କ ସହ କଥା ହୋଇ ଶ୍ରୀନିବାସଙ୍କର ଗାଣିତିକ ଗବେଷଣାର ସମସ୍ତ ସୁବ୍ୟବସ୍ଥା କରିଦେଲେ । ରାମଚନ୍ଦ୍ର ରାଓ ମାସିକ ଖର୍ଚ୍ଚ ୨୦ ଟଙ୍କା ଦେଲେ । ପରେ ଶ୍ରୀନିବାସ ନିଜକୁ ଅତି ନ୍ୟୁନ ମନେକରି ୧୯୧୨ ମସିହାରେ ଫେବୃଆରୀ ୯ ତାରିଖରେ ପୋର୍ଟ ଟ୍ରଷ୍ଟ ଅଫିସରେ ମାସିକ ୨୪ ଟଙ୍କା ଦରମାରେ ନିଯୁକ୍ତି ଗ୍ରହଣ କଲେ । ହେଲେ ଗାଣିତିକ ଗବେଷଣା ପ୍ରତି ଆଦୌ ଶିଥିଳତା ପ୍ରଦର୍ଶନ କଲେ ନାହିଁ ।

ଭାରତୀୟ ଗଣିତ ସମିତିର ମୁଖପତ୍ରରେ ୧୯୧୧ରେ ତାଙ୍କର ପ୍ରଥମ ଲେଖା ଓ ପରପର ଦୁଇଟି ଲେଖା ପ୍ରକାଶ ପାଇଲା । ଏହାଦ୍ୱାରା ସେ କେବଳ ଭାରତରେ ନୁହେଁ ଭାରତ ବାହାରେ ବି ଜଣେ ଗାଣିତିକ ଭାବରେ ପରିଚିତ ହେଲେ । ସେଷୁ ଆୟାର ଓ ବିଜ୍ଞଜନଙ୍କ ପରାମର୍ଶ କ୍ରମେ ସେ ୧୯୧୩ ମସିହାରେ ପୃଥିବୀ ବିଖ୍ୟାତ ବ୍ରିଟିଶ୍ ଗଣିତଜ୍ଞ ଜିଏଚ୍ ହାର୍ଡ଼ିଙ୍କ ସହ ପତ୍ର ସଂପର୍କ ସ୍ଥାପନ କଲେ । ପ୍ରଫେସର ହାର୍ଡ଼ି ସେତେବେଳେ ବ୍ରିଟିନ୍ କଲେଜର ଅବସ୍ଥାପିତ ଜ୍ଞାନର ଗନ୍ତାଘର । ହେଲେ ବୟସ ମାତ୍ର ୩୬ । ସେ ରାମାନୁଜନ୍‌ଙ୍କ ଗାଣିତିକ ଉପପାଦ୍ୟ ଓ ପ୍ରମେୟମାନ ଦେଖି ଆନନ୍ଦରେ ଆତ୍ମହରା ହୋଇ କେମ୍ବ୍ରିଜର ପଢ଼ିବା ପାଇଁ ଏକ ବୃତ୍ତିର ବନ୍ଦୋବସ୍ତ କରିଦେଲେ । ପରେ ଭାରତର 'ପରିମାପ ବିଜ୍ଞାନ' ତରଫରୁ ତାଙ୍କୁ ମାସିକ ୭୫ ଟଙ୍କର ବୃତ୍ତି ବି ମଞ୍ଜୁର ହୋଇଗଲା । ହେଲେ ସେ ନୈଷ୍ଠିକ ବ୍ରାହ୍ମଣ ଓ ନିରାମିଶାଷୀ ଥିବାରୁ ବିଦେଶ ଯିବାକୁ କୁଣ୍ଠିତ ହେଲେ । ମାତ୍ର ଗଣିତରେ ଅଧିକ ଜାଣିବାର ଆଗ୍ରହ ପାଇଁ ସେ ତା ୧୭.୦୩.୧୯୧୪ ରେ ଜଳଯାତ୍ରା ଆରମ୍ଭ କଲେ ଓ ତା ୧୪.୦୪.୧୯୧୪ରେ ଲଣ୍ଡନରେ ପହଞ୍ଚିଲେ । ସେ ଏପ୍ରିଲ ୩୦ ତାରିଖରେ ଟ୍ରିନିଟ୍ କଲେଜର ଯୋଗ ଦେଲେ । କଲେଜର ଅଧକ୍ଷ ଲିଟିଲ୍ ଉଡ୍ ପ୍ରଫେସର ହାର୍ଡ଼ିଙ୍କୁ ଜଣାଇଦେଲେ ତାଙ୍କର ଶିକ୍ଷାର ଯୋଗ୍ୟତା ନାହିଁ ପୁଣି ଜ୍ଞାନର ସୀମିତତା ପାଇଁ ତାଙ୍କୁ ଶିକ୍ଷାଦେବା ଅସମ୍ଭବ । ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା । ଦିନେ ହଠାତ୍ ଚିଠି ପାଇ ଅଧକ୍ଷ ହାର୍ଡିଙ୍କୁ ଦାୟିତ୍ୱ ଦେଲେ ସରକାରୀ କାମରେ ଚାଲିଗଲେ ।

ଏବେ ଇଂଲଣ୍ଡରେ ହାର୍ଡ଼ିଙ୍କ ସହ ମିଶି ସେ ଗଣିତରେ ଅନେକ ସୂତ୍ର ଓ ତତ୍ତ୍ୱ ଆବିଷ୍କାର କଲେ । ତାଙ୍କର ଅନେକ ଉଚ୍ଚକୋଟୀର ଗାଣିତିକ ନିବନ୍ଧ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇବାକୁ ଲାଗିଲା । ସେ ନିଜ କାମରେ ଅକ୍ଳାନ୍ତ ପରିଶ୍ରମ କରୁଥିଲେ ଓ ପ୍ରତ୍ୟେକ ଦିନ ପ୍ରାୟ ପାଞ୍ଚ ଛଅଟି ନୂତନ ତଥ୍ୟ ଲେଖି ହାର୍ଡ଼ିଙ୍କୁ ଦେଖାଉଥିଲେ । ଆଶ୍ଚର୍ଯ୍ୟର କଥା ସେ ଜଣେ ଦକ୍ଷିଣ ଭାରତୀୟ ନୈଷ୍ଠିକ ବ୍ରାହ୍ମଣ ଓ ନିରାମିଶାଷୀ ହୋଇଥିବାରୁ ନିଜେ ରୋଷେଇ କରି ଖାଉଥିଲେ । ଗବେଷଣାର ଚାପ ଯୋଗୁ ସେ ଅଧିକାଂଶ ଦିନ ପ୍ରାୟ ଭାତ ଆଚାର ଓ ପାମ୍ପଡ଼ ହିଁ ଖାଉଥିଲେ । ଏଥିଯୋଗୁଁ ତାଙ୍କ ସ୍ୱାସ୍ଥ୍ୟରେ ଅବନ୍ନତି ଦେଖାଦେଲା । ମାତ୍ର ଗବେଷଣା ଓ ଅଧ୍ୟୟନରେ ତିଳେ ହେଲେ ବ୍ୟତିକ୍ରମ ହେଉ ନଥିଲା । ସେ ୧୯୧୬ ମସିହାରେ ନିଜ ଗବେଷଣା ପାଇଁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ବିଏସସି ଡିଗ୍ରୀ ହାସଲ କଲେ । ଯେଉଁ ବିଏସ୍‌ସି ଡିଗ୍ରୀ ୧୯୨୦ ମସିହା ପରଠାରୁ ପିଏଚ୍ ଡିଗ୍ରୀକୁ ରୂପାନ୍ତରିତ ହେଲା ।

ତାଙ୍କର ଉଚ୍ଚକୋଟୀର ଗବେଷଣା ବିଭିନ୍ନ ଗାଣିତିକ ନିବନ୍ଧ ଯୋଗୁଁ ସେ ୧୯୧୮ ମସିହାରେ କେମ୍ବ୍ରିଜ୍ ଦର୍ଶନ ସୋସାଇଟି ଲଣ୍ଡନର ରୋୟାଲ୍ ସୋସାଇଟି ଓ ଟ୍ରିନିଟ୍ କଲେଜର ଫେଲୋ ଭାବେ ନିର୍ବାଚିତ ହୋଇଥିଲେ । କ୍ରମେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାକୁ ଲାଗିଲା । ମାତ୍ର ତାଙ୍କର ଦୃଢ଼ ମନୋବଳ ତାଙ୍କୁ ଗବେଷଣାରୁ ବିଚ୍ୟୁତ କରିପାରୁ ନଥିଲା । ସେ ଶୂନ୍ୟ ସଂଖ୍ୟା, ଜ୍ୟୋତିଷ ଶାସ୍ତ୍ର, ଈଶ୍ୱର ତଥା ଅସୀମ ସଂଖ୍ୟା ସମୂହରେ ଅଚଳ ସାରଗର୍ଭକ ଭାଷଣ ଦେଇଥିଲେ । ତାଙ୍କର ଗାଣିତିକ ତତ୍ତ୍ୱମାନ ଅନେକ ବିଦ୍ୱାନ ଗଣିତଜ୍ଞଙ୍କର ମଧ୍ୟ ବୋଧଗମ୍ୟ ହେଉନଥିଲା । ଅନ୍ୟକଥାରେ କହିଲେ ଗଣିତ ହିଁ ତାଙ୍କର ସୁଖ, ଖୁସି ଓ ଆନନ୍ଦର ଜୀବନ ଥିଲା ।

କ୍ରମଶଃ ସେ ଦୁର୍ବଳ ହେବାକୁ ଲାଗିଲେ ଓ ଇଂଲଣ୍ଡର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଲେ । ଶେଷରେ ଜଣା ପଡ଼ିଲା ଯେ ସେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ । ସେ ଥରେ ଲଣ୍ଡନର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ପ୍ରଫେସର ହାର୍ଡ଼ି ତାଙ୍କୁ ସାକ୍ଷାତ ପାଇଁ ଗଲେ ଓ ଯାଇ ଦେଖିଲେ ସେ ଖୁବ୍ ଅସୁସ୍ଥ । ସେ କହିଲେ ମୁଁ ଏକ ଅଶୁଭ ନମ୍ବର ଯୁକ୍ତ ଟ୍ୟାକ୍ସିରେ ଆସିଛି, ଯାହାର ନମ୍ବର ହେଉଛି ୧୭୨୯ ଓ ପୁଣି ଯେଉଁ ଅଶୁଭ ସଂଖ୍ୟାଟି ୭, ୧୩ ଏବଂ ୧୯ ପରି ତିନୋଟି ମୌଳିକ ସଂଖ୍ୟାର ଗୁଣଫଳ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ପଲ୍ଲୀକବି ନନ୍ଦକିଶୋର



ବାଦଲ ଭୂୟାଁ

ପଲ୍ଲୀକବି ଭାବେ ପ୍ରସିଦ୍ଧ ନନ୍ଦକିଶୋର ବଳଙ୍କୁ ଏହି ଉପାଧି କେହି ଦେହିନାହିଁ; ଅଥଚ ଏହା ସମସ୍ତଙ୍କ ଦ୍ୱାରା ପ୍ରଦତ୍ତ। କାରଣ, ତାଙ୍କ କବିତାରେ ଅଛି ପଲ୍ଲୀ ପ୍ରାଣତା। ନନ୍ଦକିଶୋର ହିଁ ପ୍ରଥମେ ପଲ୍ଲୀ ଜୀବନକୁ ତାଙ୍କ ସାରସ୍ୱତ ସୃଷ୍ଟିର ମୁଖ୍ୟ ଉପଜୀବ୍ୟ ଭାବେ ଗ୍ରହଣ କରିଥିଲେ। ତାଙ୍କ କବିତାଗୁଡ଼ିକର ମୂଲ୍ୟାୟନ କରି ବ୍ୟାସ କବି ଫକୀରମୋହନ ଲେଖିଥିଲେ 'ପଢ଼ିଗଲି ବେଗେ ପଲ୍ଲୀ ପ୍ରସଙ୍ଗ ବାରତା; କେହି କେବେ କହିନାହିଁ ଏ ପ୍ରକାର କଥା।' ଫକୀରମୋହନଙ୍କ ସହ ତାଙ୍କର ବ୍ୟକ୍ତିଗତ ସ୍ତରର ବନ୍ଧୁତା ଥିଲା। ବାଲେଶ୍ୱରରେ ନନ୍ଦକିଶୋର ଚାକିରି କରୁଥିବା ବେଳେ ଫକୀରମୋହନ କର୍ମମୟ ଜୀବନରୁ ଅବସର ନେଇ, ସେଠାରେ ବାସ କରୁଥିଲେ। ଦୁହେଁ ଏକତ୍ର ସାହିତ୍ୟ ଆଲୋଚନାକୁ ଅଧିକ ସମୟ ଦେଉଥିଲେ। ନନ୍ଦକିଶୋର ବର୍ଣ୍ଣିତ ଏକ ବାସ୍ତବ ଘଟନା ଉପରେ ଫକୀରମୋହନ ରଚନା କରିଥିଲେ ମାମୁ। ନନ୍ଦକିଶୋରଙ୍କ ମୂଳ ନାମ ରସାନନ୍ଦ ଜେନା। ପୋଷ୍ୟପୁତ୍ର ହେବା ପରେ ନନ୍ଦକିଶୋର ବଳ ଭାବେ ପରିଚିତ ହୋଇଥିଲେ। ତାଙ୍କର ବିଦ୍ୟାଳୟ ଛାତ୍ର ଜୀବନ କଟକ ଓ କେନ୍ଦ୍ରାପଡ଼ାରେ କଟିଥିଲା। ଏକାଧିକ ସ୍କୁଲରେ ପଢ଼ିବା ପରେ ସେ ରାଭେନ୍‌ସା ମହାବିଦ୍ୟାଳୟରେ ଭର୍ତ୍ତି ହୋଇଥିଲେ। ଏହି ସମୟରେ ସେ ସାହିତ୍ୟ ସୃଷ୍ଟି ପାଇଁ ଆଗ୍ରହୀ ହୋଇଥିଲେ। ସେତେବେଳେ ସାହିତ୍ୟ ଚର୍ଚ୍ଚା ନିମନ୍ତେ କଟକ ଆଲୋଚନା ସଭା ନାମକ ଅନୁଷ୍ଠାନଟିଏ ସକ୍ରିୟ ଥାଏ। ଏହି ଅନୁଷ୍ଠାନ ସହ ସଂପୃକ୍ତ ହେବା ପରେ ନନ୍ଦକିଶୋରଙ୍କ ସାରସ୍ୱତ ଜୀବନ ପରିପୁଷ୍ଟ ହୋଇଥିଲା। ଏଠାରେ ହିଁ ସେ କବି ବର ରାଧାନାଥ, ଭକ୍ତକବି ମଧୁସୂଦନ ଆଦିଙ୍କ ସଂସ୍ପର୍ଶରେ ଆସିଥିଲେ। ୧୮୯୮ରେ ପ୍ରକାଶିତ ପଲ୍ଲୀଚିତ୍ର ତାଙ୍କର ପ୍ରଥମ କାବ୍ୟ ଗ୍ରନ୍ଥ। ତାହାପରେ ପ୍ରକାଶିତ ହୋଇଥିଲା ନିର୍ଝରିଣୀ, ପଲ୍ଲୀଚିତ୍ର-୨, ବସନ୍ତ କୋକିଳ, ଚାରୁଚିତ୍ର, ତରଙ୍ଗିଣୀ, ଜନ୍ମଭୂମି, ଆଦି। ଓଡ଼ିଆ ସାହିତ୍ୟକୁ ନନ୍ଦକିଶୋରଙ୍କର ଆଉ ଏକ ପ୍ରମୁଖ ଅବଦାନ ହେଉଛି ଶିଶୁ କବିତା। ନାନାବାୟାଗୀତର ପ୍ରଥମ ଓ ଦ୍ୱିତୀୟ ଭାଗରେ ତାଙ୍କର ଶିଶୁ କବିତାଗୁଡ଼ିକ ସଂକଳିତ। ୧୯୨୫ରେ ପ୍ରକାଶ ପାଇଥିଲା, ତାଙ୍କ ଲିଖିତ ଏକମାତ୍ର ଉପନ୍ୟାସ କନକଲତା। ୧୮୭୫ ଡିସେମ୍ବର ଆଜିର ଦିନରେ ମାହାଙ୍ଗା ଅନ୍ତର୍ଗତ କୁସୁପୁର ଗ୍ରାମରେ ଜନ୍ମ ହୋଇଥିଲେ ପଲ୍ଲୀକବି ନନ୍ଦକିଶୋର।



+ ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର,
ମୋ: ୭୪୮୮୯୯୮୫୩୨




## ବୟସର ଗୋଧୂଳି ଲଗନେ

ବିଜୟ କୁମାର ପଣ୍ଡା

କଥା ଦିଅ..
ବୟସର ଗୋଧୂଳି ଲଗନେ..
ମୋ ଡାକ ଶୁଣି ତମେ ଓ କରିବ
ଅନେକ ଦିନ ପରେ ..ପୁଣି ଆଖିରେ
ଆଖି ମିଶିବ
ପିଲାଦିନ ଧୂଳିଖେଳ ମନେ ପକାଇ
ଆମେ ପୁଣି ହସିବା,
କାରଣ ନଥାଇ ଏଣୁ ତେଣୁ ମେଞ୍ଚେ
ଗପିବା
ଅତୀତକୁ ନେଇ ଖୁବ୍ ଖୁସି ହେବା
ଆମ କଥା ସବୁ
ମୃଦୁ ମଳୟରେ ଭାସିଯାଉଥିବ
ଦୂରକୁ ଦୂରକୁ.. ଅନେକ ଦୂରକୁ
ବୟସର ଛିଟାରେ,କୁଞ୍ଚ
ପଡ଼ିଯାଇଥିବା
ଆଖିତଳକୁ ଚାହିଁ ମନେ
ପଡ଼ିଯାଉଥିବ ଯୌବନ
ପଶ୍ଚିମ ସୁରୁଜ ଯେବେ ମେଲାଣି
ନେଉଥିବେ,
ପକ୍ଷୀ ମାନେ କିଚିରି ମିଚିରି କରି
ନିଡ଼କୁ ଫେରିଯାଉଥିବେ,
ଜାଣିବି ଅଜଣା ହୋଇ ..
ଛଳ ଛଳ ଆମ ଆଖି ଖୋଜୁଥିବ
ବିତି ଯାଇଥିବା ଅତୀତ,
ହଜିଯାଇଥିବା ପିଲାଦିନ,
ସରି ଯାଇଥିବା ଅନେକ ଅପେରା ।

ସମ୍ପାଦକ-କନକପ୍ରଭା,
ଭର୍ତ୍ତୁର, ଢ଼େଙ୍କାଲୁରୁ
ମୋ : ୯୭୩୯୫୯୧୮୧୬

## ତୋତେ ଦେଖିଲା ପରେ

ଶରତ କୁମାର ମିଶ୍ର

ନାଲି ପାଟ ଦେହେ ଆଉ ଶିରେ ହଳଦୀ ଓଢଣା
ଓଢଣାର ଫାଙ୍କରୁ ଝଲସେ ତୋ' ଆଖି ଟଣା ଟଣା ।
ତୋ' ମୁଖର ଆଭା ଅନୁପମ, ଝଲସି ଉଠଇ
ସତେ ଅବା ତୁମ ମୁହେଁ ମୋତେ କୁଆଁରୀ ଜହ୍ନ ଦିଶଇ ।

ନୟନ ଯୁଗଳେ ତୋର,ଖେଳେ ପଦ୍ମ ପାଖୁଡ଼ାର ଶୋଭା,
ସତେ ତୁତ, ଚନ୍ଦ୍ରମୁଖୀ ଝଲସେ ତୋ' କିରଣର ଆଭା ।
ପବନରେ ଯେବେ ଖସେ ତୋହରି ଓଢଣା,
ତୋ ମୁଖର ଆଭା
କରି ବାଟବଣା, ସତେ ଅବା ଉଡାଇ ନେବ ହୋସ ।

ଗଭାରେ ଗୋଲାପ ତୋର ଆହା କି ମନୋହର, ତନୁରେ
ବିହରେ ସତେ ଅବା ଶତ ପାଗଳ ଭଂଅର ।

ଚାଲିରେ ଗଜର ଠାଣି, ହରିଣୀର କଟି, ଆହା କି ସୁନ୍ଦର
ତନୁ ତୋର, ମନ ଆଉ ଚଇତନ ନିଏ ଲୁଟି ।

ଝରକା ଫାଙ୍କରେ ଯେବେ ତୋତେ ଦେଖେ ମୁହିଁ
ସତେ ଅବା ଭାବୁଥାଏ ମୋ ପାଖରେ ମୁଁ ନାହିଁ ।
ପଛକୁ ଅନାଇ ଯେବେ ତୁମେ ହସିଦିଅ ଏ ପାଗଳ
ପ୍ରେମିକର ମନ ଚୋରି କରି, ମନ ମୋହି ଥାଅ ।

ଆକାଶ କୁସୁମ ନୁହଁ, ତୁଯେ ଆକାଶର ପରୀ, ଭରଷା ମୋ
ଅଛି,
ଥରେ ଆଣିବି ମୁଁ ଧରି, ମୋ ହୃଦୟ ଅଗଣାରେ ଯେତେ
ଜାଗା ଅଛି,
ସବୁ ପ୍ରିୟା ମୁଁ, ତୋ ପାଇଁ ରଖିଛି ।
ଥରେ ଜୀବନରେ ଆସି, ଦେଖାଦେବୁ ବୋଲି ନିତିଦିନ
ଗବାକ୍ଷ ମୁଁ ରଖିଥାଏ ଖୋଲି ।ଞଞଞଞଞଞଞଞଞଞଞଞ

ପଟିଆ,ଭୁବନେଶ୍ୱର-୭୫୧୦୨୪
ଭ୍ରାମ୍ୟଭାଷ:୮୩୩୫୮୨୨୨୧୦

## ଭାଗ୍ୟବାଦୀ ପାଇଁ....

ନୀଳମଣି ଚାନ୍ଦ

କର୍ମ ନ କରି ଭାଗ୍ୟ ଉପରେ ଲଦିଦିଏ ଯିଏ ଦୋଷ
ନିଜକୁ ନ ଦଣ୍ଡି ଭାଗ୍ୟ ଉପରେ ଯିଏରେ କରୁଛି ରୋଷ
କହିବି ଏ କଥା ସିଏ ଭାଗ୍ୟବାଦୀ ଉପହାସର ସେ ପାତ୍ର
ତମସା ମଧ୍ୟରେ ସିଏ ଉପନୀତ ଖୋଲିନି ଜ୍ଞାନର ନେତ୍ର।

କର୍ମକରି ଚାଲ ଫଳ ଆଶା ମନୁ ଦିଅ ପୂର୍ଣ୍ଣ ପରିହରି
ସମରକ୍ଷେତ୍ରରେ ପାର୍ଥକୁ ଏ ଜ୍ଞାନ ଦେଇଥିଲେ ନରହରି

କର୍ମରେ ସିନା ଆମ ଅଧିକାର ଫଳରେ କର୍ତ୍ତୃତ୍ୱ ନାହିଁ
ଭାଗ୍ୟରେ ଯିଏ ବିଶ୍ୱାସ କରୁଛି ଇଏ ଜ୍ଞାନ ତା'ର ପାଇଁ।

ବର୍ଷ ମାସ ଦିନ ଦଣ୍ଡରେ ଜୀବନ ହୁଏନାହିଁ କେବେ ମାପ
'କର୍ମେ ଯିଏ ନର କର୍ମ ଏକା ତା'ର କହିଥିଲେ ଦିନେ ଗୋପ
ଭାଗ୍ୟବାଦୀ ଦିନ ଚାଲିଯାଉଥାଏ ଭାଗ୍ୟଟିକୁ ନିନ୍ଦା କରି
ନିଜ ଦୋଷଟିକୁ ଅଣଦେଖା କରେ ସଦା ଭାଗ୍ୟ ଡାଳ ଧରି।

କର୍ମ ଯିବା କରି ଭାଗ୍ୟବାଦରେ ବିଶ୍ୱାସ କରିବାନାହିଁ
ଜୀବନରେ ଇଏ ମହାମନ୍ତ୍ର ହୋଇ ରହୁ ସଭିଙ୍କର ପାଇଁ।

+ ମନ୍ତ୍ର ମାନୋର,ଗୋଠପାଟଣା ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

## ଶୀତ ଆମର ମିତ

ରମେଶ ଚନ୍ଦ୍ର ନାୟକ



ଝୁଲି ଝୁଲିକା ଆସୁଛି ଶୀତ
କାକର ପଡ଼ିଲାଣି
ଧରଣୀ ମାଆ ସବୁଜ ବେଶେ
ସୁନ୍ଦର ଦିଶିଲାଣି ।।

ପନି ପରିବା ଫଳ ମୂଳରେ
ବଜାର କମ୍ପିଲାଣି
ଧାନ କଟାରେ ଚାଷୀ ଶ୍ରମିକ
ଅମଳେ ମାତିଲେଣି ।।

ବଗିଚା ହସେ ଫୁଲ ଗହଳେ
ଭଅଁର ଗାଏ ଗୀତ
ପରଜାପତି ଉଡ଼ି ବୁଲଇ
ସ୍ୱାଗତ କରେ ଶୀତ ।।

ଓଡ଼ିଆ ଘରେ ବସିଲା ମାଣ
ଘରେ ଘରେ ଲକ୍ଷ୍ମୀପୂଜା
ଧର୍ମାନୁଷ୍ଠାନେ ଲାଗଇ ଭିଡ଼
ଚାରିଆଡେ ଧର୍ମ ଚର୍ଚ୍ଚା ।।

ଗାଧୁଆ ତୁଠେ ଦେହ ଥରଇ
ପାଣି ଦେଖି ଲାଗେ ଡର
ପ୍ରିୟ ପଖାଳ ହୁଏନି ଖାଇ
ପାଟି ଖୋଜେ ଉଷୁମର ।।

ଦେହ ଖୋଜଇ କଅଁଳ ଖରା
ରାତିରେ କମ୍ବଳ କନ୍ଥା
ଗରମ ଚାହା ବରା ପକୁଡ଼ି
ପାଟିକୁ ସୁଆଦ ଯଥା ।।

ହେମାଳ ବାଆ କୁହୁଡି କାୟା
ଲୋକେ ଭୋଗନ୍ତି କଷ୍ଟ
ନାହିଁ ପ୍ରବଳ ଗ୍ରୀଷ୍ମ କି ବର୍ଷା
ସେ କଷ୍ଟ ହୁଏ ଭ୍ରଷ୍ଟ ।।

ବର୍ଷକ ପରେ ଆସଇ ଶୀତ
କରଇ ଜଗତ ହିତ
ଶୀତ ଆସଇ ଶୀତ ଋତୁରେ
ଶୀତ ଆମର ମିତ ।।

+ କେଶରପୁର ,
ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦



ଆଜିର
ନାରୀର ନିଜସ୍ୱ ପୃଷ୍ଠା

ଧ୍ୱନି ପ୍ରତିଧ୍ୱନି



# କାନାଡାର ରାଜଧାନୀ- ଓଟାୱା

ସୁଷମା ପରିଡ଼ା



ସମଗ୍ର ବିଶ୍ୱ ରେ ନିଜର ଆୟତନ ହିସାବରେ ରୁଷିଆ (ସୋଭିଏତ୍ ରୁଷ୍ ) ପରେ କାନାଡା ହେଉଛି ଦ୍ୱିତୀୟ ଦେଶ, ଯାହା ଉତ୍ତର ଆମେରିକା ମହାଦେଶ ର ପ୍ରାୟ ଦୁଇ ପଞ୍ଚମାଂଶ ସ୍ଥାନ ଅଧିକାର କରିଛି । ସଂଯୁକ୍ତ ରାଷ୍ଟ୍ର ଆମେରିକା ଭଳି ଏହା ବିଶ୍ୱ ର ଏକ ଉନ୍ନତ ରାଷ୍ଟ୍ର ଭାବରେ ପରିଗଣିତ ହୁଏ। କାନାଡ଼ା ର ରାଜଧାନୀ ର ନାମ ଓଟାୱା (OTTWA)। ଏହା କାନାଡା ର ଓଣ୍ଟାରିୟୋ ପ୍ରଦେଶ ର ଦକ୍ଷିଣପୂର୍ବ ରେ ଓଟାୱା ନଦୀ କୂଳରେ ଅବସ୍ଥିତ । ଏହାର ଇତିହାସ ରୁ ଜଣାଯାଏ ଯେ ଏହି ସ୍ଥାନ ଟି ଘନ୍ନ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଜଙ୍ଗଲ ର କାଠ ଏବଂ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ର ବ୍ୟବସାୟ ଥିଲା ଏଠାର ଆଦିମ ଅଧିବାସୀଙ୍କ ମୂଳ ଜୀବିକା । ଏଠାକାର ଭାଷାରେ ଢଞ୍ଜଞ୍ଜଡଇ ଶବ୍ଦ ର ଅର୍ଥ ( To Trade) ବା ବଣିଜ । ବୋଧହୁଏ ସେଇଥିପାଇଁ ଏ ସ୍ଥାନର ନାମ ଓଟାୱା । କାନାଡା ଦେଶ ସ୍ୱାଧୀନ ହେବା ପୂର୍ବରୁ ଏହା ବ୍ରିଟିଶ୍ ସାମ୍ରାଜ୍ୟ ର ଏକ ଉପନିବେଶ ଥିବାରୁ ମହାରାଣୀ ଭିକ୍ଟୋରିୟା ଙ୍କ ଶାସନାଧୀନ ଥିଲା। ସେ ସମୟରେ ବ୍ରିଟିଶ୍ ସରକାର ଅଠରଶହ ଛବିଶି ମସିହାରେ ରେ ରୟାଲ୍ ଇଞ୍ଜିନିୟରିଂ ସଂସ୍ଥା ର ଲେଫ୍ଟନାଣ୍ଟ୍ କେର୍ଣ୍ଣେଲ୍ ମିଃ ଜନ୍ ବାଇ ( John By) ନାମକ ଜଣେ ଆମେରିକୀୟ ଯୁବ ଇଞ୍ଜିନିଅର ଙ୍କୁ ସେଠାରେ ଥିବା ଓଟାୱା ନଦୀ ରୁ ଏକ ଶହ ଛଅସ୍ତରି ମାଇଲ୍ ଲମ୍ବା କେନାଲ୍ ଟିଏ କରି ଏହି ସ୍ଥାନ କୁ ସହର ସହିତ ସଂଯୋଗ କରିବାର ଦାୟିତ୍ୱ ଦିଆଯାଇଥିଲା । ଅଠରଶହ ପଚାଶ ମସିହାରେ ସେଇ କେନାଲ୍ ଟି ସଂପୂର୍ଣ୍ଣ ଖୋଲା ସରିବା ବେଳକୁ ସେଇ ଜଙ୍ଗଲିଆ ଗାଆଁ ଟି ସୁନ୍ଦର ସହରରେ ପରିବର୍ତ୍ତିତ ହୋଇସାରିଥିଲା ଏବଂ ତାଙ୍କରି ନାମରେ" ବାଇ ଟାଉନ୍" ବୋଲି ନାମିତ ହୋଇଥିଲା। ସେଇ ସୁଦୀର୍ଘ କେନାଲ୍ ର ନାମ ରଖାଯାଇଥିଲା 'ରିଡିୟୁ କେନାଲ' ଯାହା ସେ ସମୟରେ ପ୍ରାଦେଶିକ ବାଣିଜ୍ୟ ର ଏକ ମୁଖ୍ୟ ମାଧ୍ୟମ ସାଜିଥିଲା। ପରବର୍ତ୍ତୀ ସମୟରେ ଅଠର ଶହ ସତାବନ ମସିହା ର ନୂତନ ବର୍ଷ ସନ୍ଧ୍ୟା ରେ ମହାରାଣୀ ଭିକ୍ଟୋରିୟା ଓଟାୱାକୁ କାନାଡା ପ୍ରଦେଶ ର ରାଜଧାନୀ ଘୋଷଣା କରିଥିଲେ । ଅଠର ଶହ ସତଷଠି ମସିହା ଜୁଲାଇ ଏକ ତାରିଖ ଦିନ ମହାରାଣୀ ଭିକ୍ଟୋରିୟା କାନାଡା ପ୍ରଦେଶକୁ ବ୍ରିଟିଶ୍ ସାମ୍ରାଜ୍ୟର ଏକ ସ୍ୱୟଂଶାସିତ ପ୍ରଦେଶ ରୂପେ ଘୋଷଣା କରିଥିଲେ। ଏହି ଦିନଟି ଏଯାବତ୍ କାନାଡା ର ସ୍ୱାଧୀନତା ଦିବସ ରୂପେ ପାଳନ କରାଯାଉଛି। ତଥାପି ସରିନଥିଲା କାନାଡାର ସ୍ୱାଧୀନତା ସଂଗ୍ରାମ । ଏହି



ଘଟଣାର ପ୍ରାୟ ଅନେକ ବର୍ଷ ପରେ, ଅନେକ ଘଟଣ, ବିଘଟଣ, ଅନେକ ସଂଗ୍ରାମ ପରେ, ଉଣେଇଶହ ପଞ୍ଚଷଠି ମସିହାରେ ମାପଲ୍ ପତ୍ରର ଚିତ୍ର ଥିବା ନିଜର ସ୍ୱତନ୍ତ୍ର ଜାତୀୟ ପତାକା ଉଠାଇବାରେ ସୌଭାଗ୍ୟ ହାସଲ କରିଥିଲା ଏବଂ ଉଣେଇଶହ ବୟାଅଶୀ ମସିହାରେ କାନାଡା ପ୍ରଦେଶ ବ୍ରିଟିଶ୍ ଶାସନରୁ ସଂପୂର୍ଣ୍ଣ ମୁକ୍ତ ହୋଇ ନିଜର ସ୍ୱତନ୍ତ୍ର ସମ୍ବିଧାନ ପ୍ରଣୟନ କରି ନିଜକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବରେ ଘୋଷଣା କରିଥିଲା । ଏସବୁ ଘଟଣା ମଧ୍ୟରେ ବି କାନାଡାର ରାଜଧାନୀ ଓଟାୱା ରହିଥିଲା ଏବଂ ଏବେ ମଧ୍ୟ ଅଛି।

ଆଜି ପରିବର୍ତ୍ତିତ ଏବଂ ପରିବର୍ଦ୍ଧିତ ଓଟାୱା ବିଶ୍ୱର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ। ସେ ଶିକ୍ଷା ହେଉ ଅବା ମନୋରଞ୍ଜନ, ଇତିହାସ ହେଉ କି ବିଜ୍ଞାନ, ରାଜନୀତି ହେଉ ବା ରଣନୀତି , ସବୁଥିରେ ଆଗୁଆ ରହିଛି ଓଟାୱା। କାନାଡ଼ା ଦେଶର ଯୁବ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଜଷ୍ଟିନ୍ ଟ୍ରୁଡୁ ତାଙ୍କର ନମନୀୟ ରାଜନୀତି ଏବଂ ସୁଦକ୍ଷ ରଣନୀତିରେ ହୋଇ ପାରିଛନ୍ତି ବିଶ୍ୱ ର ଆଦର୍ଶ ରାଷ୍ଟ୍ର ମୁଖ୍ୟ । ସମଗ୍ର ବିଶ୍ୱର ଆକର୍ଷଣର କେନ୍ଦ୍ରବିନ୍ଦୁ ।

ଓଟାୱା ଭ୍ରମଣପ୍ରିୟ ମଣିଷ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଆକର୍ଷଣ ରଖେ। ଏଠାରେ ରହିଛି ଅନେକ ପ୍ରତ୍ନତାତ୍ତ୍ୱିକ ଜିନିଷପତ୍ର ର ଗନ୍ତାଘର "ଦି ୱାର୍ ମିଉଜିୟମ୍ ଅଫ୍ କାନାଡା' 'ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ କାନାଡା" "ପାର୍ଲିୟାମେଣ୍ଟ୍ ହିଲ୍" "ଗଭର୍ଣ୍ଣମେଣ୍ଟ ହାଉସ୍" "ରିଡିୟୁ କେନାଲ୍" ଏବଂ ଓଟାୱା ଡାଉନ୍ ଟାଉନ୍‌ର ସୌନ୍ଦର୍ଯ୍ୟ । ଓଟାୱା ନଦୀ ରେ ଉଭୟଚର ବସ୍‌ର ମଜା । ପିଲାମାନଙ୍କ ପାଇଁ ଅନେକ ଜଣା ଅଜଣା ତଥ୍ୟ ଏବଂ ବଡ ମାନଙ୍କ ପାଇଁ ଆମୋଦପ୍ରମୋଦର ବ୍ୟବସ୍ଥା ।

୧. "ଦି ୱାର୍ ମିଉଜିୟମ୍ ଅଫ୍ କାନାଡା" :

ଏହା ଓଟାୱା ନଦୀର ଦକ୍ଷିଣରେ ଅବସ୍ଥିତ । ୪୭୦୦୦୦୦ square ft ବ୍ୟାପି ଏହି ମିଉଜିୟମ୍‌ରେ ରହି କାନାଡା ଦେଶର ଯୁଦ୍ଧ ଇତିହାସ ସମ୍ବନ୍ଧୀୟ ପୁରାତନ ଅସ୍ତ୍ର ଶସ୍ତ୍ର, ଗୋଳାବାରୁଦ, ଫଟୋଚିତ୍ର, ପୋଥିପତ୍ର ସମେତ ଅନେକ ଯୁଦ୍ଧ ସ୍ମାରକୀ । ଏଠାରେ ପାଠକଙ୍କ ଏବଂ ଗବେଷକଙ୍କ ପାଇଁ ରହିଛି, ଥିଏଟର୍ ହଲ୍, ଲାଇବ୍ରେରୀ, ଇତ୍ୟାଦି ଇତ୍ୟାଦି । ଦର୍ଶକ ମାନଙ୍କୁ ଆକର୍ଷିତ କରିବା ପାଇଁ କାଫେଟେରିଆ, ଦୋକାନ ବଜାର ଇତ୍ୟାଦି ।



୨. ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ କାନାଡା:

୧୩୨୭୦୦ ବର୍ଗଫୁଟର ଏରିଆରେ ବିସ୍ତୃତ ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ କାନାଡା ଏହାର ଗଠନ ଶୈଳୀ ନିମନ୍ତେ ସାରା ବିଶ୍ୱରେ ଚର୍ଚ୍ଚିତ।ଏଥିରେ ରହିଛି ମୁଖ୍ୟଦ୍ୱାରରୁ ଆରମ୍ଭ ହୋଇଥିବା ଏକ ଲମ୍ବା କରିଡର ସହିତ ଅନେକ ଗୁଡିଏ ଗ୍ୟାଲେରୀ ଯାହାର ମଧ୍ୟ ଭାଗରେ ରହିଛି ଏକ ଶହ ଚାଳିଶି ଫୁଟ ଉଚ୍ଚର ଗ୍ରେଟ୍ ହଲ୍ । ଗମ୍ବୁଜାକାର ଏହି ଗ୍ୟାଲେରୀରେ ରହିଛି ବିଶ୍ୱର ଅନେକ ପ୍ରାଚୀନ କଳାକୃତି, ଅଧ୍ୟୟନ ପାଇଁ ଲକ୍ଷାଧିକ ପୁସ୍ତକ ଏବଂ ପ୍ରାଚୀନ ଦସ୍ତାବିଜ୍। ଏହି ସ୍ଥଳରେ ଚତୁର୍ଦ୍ଦିଗରୁ ଆଲୋକ ଆସିବା ପାଇଁ ଲଗା ଯାଇଛି ସ୍କାଇଲାଇଟ୍ ଏବଂ ପାରଦର୍ଶୀ କାଚର କାନ୍ଥ ସବୁ। ତିନିଶହ ଲୋକ ଏକାଠି ହୋଇ ଖାଇବା ଭଳି ରିସେପସନ୍ ଟିଏ ମଧ ରହିଛି। ଏଥିରେ ରହିଛି ହଜାର ହଜାର ବର୍ଷ ତଳର ଜୀବାଶ୍ମ, ସ୍ଥାପତ୍ୟ, ମୂର୍ତ୍ତି ମାନ, ଏବଂ କାନାଡାର ପ୍ରାଚୀନ କାଳର ଐତିହ୍ୟ ସବୁ।

୩." ପାର୍ଲିୟାମେଣ୍ଟ୍ ହିଲ୍":

ଓଟାୱା ନଦୀ ର ଦକ୍ଷିଣରେ ଓଟାୱା ଡାଉନ୍ ଟାଉନ୍‌ରେ ଅବସ୍ଥିତ ଏଇ ପାର୍ଲିୟାମେଣ୍ଟ୍ ହିଲ୍‌ଟି ଅଠର ଶହ ଶତାବ୍ଦୀରେ ବ୍ରିଟିଶ ଶାସନାଧୀନ କାନାଡା ପ୍ରଦେଶର ସେନାଛାଉଣୀ ଥିଲା। ମହାରାଣୀ ଭିକ୍ଟୋରିୟା ଓଟାୱାକୁ ତତ୍କାଳୀନ କାନାଡା ପ୍ରଦେଶ ରେ ରାଜଧାନୀ ଘୋଷଣା କରିବା ପରେ ଏହିଠାରେ ନିର୍ମିତ ହୋଇଥିଲା କାନାଡା ର "ପାର୍ଲିୟାମେଣ୍ଟ୍ ଗୃହ"। ଅନେକ ସମୟରେ ଅନେକ ପରିବର୍ତ୍ତନ କରାଯାଇଥିଲା ଏଥିରେ ମାତ୍ର ଉଣେଇଶହ ଷୋହଳ ମସିହାରେ ଏକ ଭୟାନକ ଅଗ୍ନିକାଣ୍ଡରେ ଧ୍ୱସ୍ତ ବିଧ୍ୱଂସିତ ହୋଇଯାଇଥିଲା ସେହି ପାର୍ଲିୟାମେଣ୍ଟ୍ ଗୃହ। ପୁଣିଥରେ ପୁନରୁଦ୍ଧାର ହୋଇ ପୁନଃନିର୍ମାଣ ହୋଇଥିଲା ତା'ର, ଯାହା ଶେଷ ହୋଇଥିଲା ଉଣେଇଶହ ସତେଇଶି




ମସିହାରେ ଏଥିରେ ନିର୍ମାଣ ହୋଇ ଥିବା ଶାନ୍ତି ସ୍ତୁପ (Peace Tower) ସହ। ଏବେ ତିନି ଲକ୍ଷ କୋଟି ଡଲାର୍‌ର ଏକ ଯୋଜନା ନେଇ ଏହାର ଆହୁରି ନବୀକରଣ କରାଯାଉଛି ଆସନ୍ତା ଦୁଇହଜାର ଅଠେଇଶି ମସିହା ବେଳକୁ ଏହି ପାର୍ଲିୟାମେଣ୍ଟ୍ ହିଲ୍‌ର ନୂତନ ରୂପରେଖ ଦେଖିବାକୁ ମିଳିବାର ସମ୍ଭାବନା ରହିଛି ।

୪. ରିଡିୟୁ କେନାଲ୍: ଦୁଇଶହ ଦୁଇ କିଲୋମିଟର ଲମ୍ବା ଏହି କେନାଲଟି କାନାଡାର ରାଜଧାନୀ ଓଟାୱା ସହରକୁ ଗୋଟିଏ ପଟରେ ଲେକ୍ ଓଣ୍ଟାରିୟୋ ସହିତ ଏବଂ ଅନ୍ୟ ପଟରେ କିଙ୍ଗଷ୍ଟନ୍‌ର ସେଣ୍ଟ୍ ଲରେନ୍ସ ନଦୀ ସହିତ ସଂଯୁକ୍ତ କରିଛି। ଏହାର ଦୁଇପଟରେ ଗଢି ଉଠିଛି ଅନେକ ଅତ୍ୟାଧୁନିକ ହୋଟେଲ୍, ପାନ୍ଥଶାଳା ଯାହା ଓଟାୱାର ଶୋଭାବର୍ଦ୍ଧନ କରିବା ସହିତ କାନାଡା ଦେଶର ଆୟବୃଦ୍ଧି ରେ ସହାୟକ ହେଉଛି। ଏଥିରେ ପାର୍କ କାନାଡା ପକ୍ଷରୁ ଯାତାୟାତ ବ୍ୟବସ୍ଥା କରାଯାଇଛି । ସେଠାରେ ଥିବା ଉନ୍ନତ ଧରଣର ଉଭୟଚର ବସ୍ (ଯାହା କଂକ୍ରିଟ୍ ରାସ୍ତା ରେ ବସ୍ ଭଳି ଏବଂ ରିଡିୟୁ କେନାଲ୍ ଭିତରେ ବୋଟ୍ ଭଳି ଚାଲେ। ଆଧୁନିକ ବିଜ୍ଞାନର ଏ ଚମତ୍କାରକୁ ନିଜେ ନ ଦେଖିଲେ ବିଶ୍ୱାସ କରିବା କଷ୍ଟ ।

୫. "କାନାଡା ର ପ୍ରକୃତି ମିଉଜିୟମ୍" : The Canadian Museum of nature ଉଣେଇଶହ ଅଠଷଠି ମସିହା ରେ କାନାଡାର ନ୍ୟାସନାଲ୍ ମିଉଜିୟମ୍ ଠାରୁ ଅଲଗା କରି ମିଉଜିୟମ୍‌ଟିଏ ତିଆରି ହେଲା "କାନାଡାର ପ୍ରକୃତି ମିଉଜିୟମ୍" ବା "The Canadian Museum of nature ନାମରେ। ଏଥିରେ ବିଭିନ୍ନ ଗ୍ୟାଲେରୀ ତିଆରି ହେଲା । ବାର୍ଡ୍ ଗ୍ୟାଲେରୀରେ ସଂରକ୍ଷିତ ହୋଇ ରହିଲା ପ୍ରାୟ ଚାରିଶହ ପଚାଶ ପ୍ରଜାତିର ପକ୍ଷୀ, ମାମାଲ୍ ଗ୍ୟାଲେରୀ ରେ ରହିଲା ଏକ ହଜାର ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀଙ୍କ ବିବରଣୀ, ଆର୍ଥ୍ ଗ୍ୟାଲେରୀରେ ରହିଲା ପାହାଡ, ପର୍ବତ, ଖଣିଜ ପଦାର୍ଥ ଏବଂ ଅନ୍ୟ ଭୌଗଳିକ ବିବରଣୀ, ଫସିଲ୍ ଗ୍ୟାଲେରୀ ରେ ରହିଲା ପଇଁତ୍ରିଶରୁ ପଞ୍ଚଷଠି ନିୟୁତ ବର୍ଷ ପୂର୍ବର ଜଳକର ଜୀବ, ଡାଇନୋସର୍, ଏବଂ ଅନ୍ୟାନ୍ୟ ବିଲୁପ୍ତ ପ୍ରାଣୀ ମାନଙ୍କର ଜୀବାଶ୍ମ । ଅଧୁନା ଏଥିରେ ରହିଛି କାନାଡାର ହଂସ ଆଉ ବତକ ମାନଙ୍କର ଦୁଇଶହ ପ୍ରଜାତି । ଦୁଇହଜାର ସତର ମସିହାରେ କାନାଡାର ଏକ ଶହ ପଚାଶତମ ଦିବସ ପାଳନ ଅବସରରେ ଏହି ମିଉଜିୟମ୍ ରେ ଅନ୍ତର୍ଭୁକ୍ତ ହୋଇଛି ଏକ ବରଫ ଗ୍ୟାଲେରୀ ବା ଆର୍କଟିକ୍ ଗ୍ୟାଲେରୀ ଯାହା ଦର୍ଶକ ମାନଙ୍କୁ ବରଫଦେଶରେ ରହିବାର ଅନୁଭୂତି ଦିଏ।







ଏମିତିରେ ତ ନଦ ନଦୀ, ବଣପାହାଡ, ସମୁଦ୍ର ଘେରା କାନାଡା ଦେଶର ପ୍ରାକୃତିକ ଦୃଶ୍ୟ ଖୁବ୍ ମନୋହର । କିନ୍ତୁ ଏହାର ରାଜଧାନୀ ଓଟାୱାର ସୌନ୍ଦର୍ଯ୍ୟ ଖୁବ୍ ମନଲୋଭା। ଥରେ ଦେଖିଲେ ସାରା ଜୀବନ ଭୁଲି ହେବ ନାହିଁ ।

+ ଶାରଳା ଭବନ,
ପୋତାପୋଖରୀ, କଟକ
(ମୋ)୯୩୩୭୨୭୨୬୪୭

# ସଂସାରର ବିଶ୍ୱସ୍ତ କର୍ମଚାରୀ

ଶ୍ୱେତା ରାଉତ୍

## ସମ୍ପର୍କର ରଙ୍ଗ



ଆଜିକାଲି ଆମେ ସଂସାର କର୍ମଶାଳାରେ ଭଲ ଓ ବିଶ୍ୱସ୍ତ କର୍ମଚାରୀଟିଏ ହୋଇ ପାରିଛନ୍ତି ତ ? ଏ ପ୍ରଶ୍ନ ସତରେ ଜଟିଳ।ସମ୍ପର୍କ ସୁନ୍ଦର ନହେଲେ ସଂସାର କେମିତି ସୁନ୍ଦର ହେବ ? ଆଜିକାଲି ସମ୍ପର୍କ ଭିତରେ ତିକ୍ତତା ଆସିବାର ଅନେକ କାରଣ ଭିତରୁ ଅନ୍ୟ ପ୍ରତି ଅଧିକ ନଜର ରଖିବା, ନିଜକୁ ତଉଲିବା ଏକ ମୁଖ୍ୟ କାରଣ। ସଂପର୍କ ଖରାପ ହେଲେ ଆମେ ମନ ଦୁଃଖ ତ କରନ୍ତି, କିନ୍ତୁ କାହିଁକି ଖରାପ ହେଲା ତା ପ୍ରତି ନଜର ଦିଅନ୍ତିନି କି ସୁଧାରିବାକୁ ପ୍ରୟାସ କରନ୍ତିନି। ଅଧିକାଂଶ ସମୟ କେବଳ ଆମେ ଦେଖନ୍ତି 'ତା ପୁଅ ଅଫିସର ହେଲା ମୋ ପୁଅକୁ ଯେତେ କହିଲେ କଣ ହେବ ମୋବାଇଲ ଧରି ବସିଲା। ଅମୁକ ବାବୁଙ୍କ ସ୍ତ୍ରୀ ବେକକୁ ଦେଖିଲ କେଡେ ବଡ ନେକ୍ଲେସ ପିନ୍ଧିଛି, ତମେ ତ ଆଜିଯାଏ ସୂତା ଖିଅଟିଏ ଦେଲନି ! କି ଘର କରିଛି ସେ ଆଖି ଖୋସି ହୋଇ ପଡିବ। ଆମର ତ ଫଟା କପାଳ, ଏଇ ଭଙ୍ଗା ଘରେ ଜୀବନ ଯିବ। 'କାହା ସ୍ତ୍ରୀ କେତେ ସୁନ୍ଦର, କାହା ବୋହୂ କେତେ ଭଲ, କାହା ଝିଅ କେଡେ ବଡ ଘରେ ବାହା ହେଲା, କାହା ପିଲା ଅଫିସର ହେଲା, କାହା ସ୍ୱାମୀ ରୋଜଗାରିଆ ଅନ୍ୟ ପ୍ରତି ଖୁବ୍ ନଜର ଥାଏ ଆମର, ଅନ୍ୟର ସବୁକିଛି ଆମକୁ ଭଲ ଲାଗେ।ଅନ୍ୟକୁ ଉଚ୍ଚ ସ୍ଥାନରେ ଦେଖି ଦେଖି ଆମେ ଆମକୁ ଏକ ପ୍ରକାର ନିଚ୍ଚ, କମଜୋର, ଅଯୋଗ୍ୟ, ଅଶିକ୍ଷିତ, ଅଭାବୀ ବୋଲି ବିବେଚନା କରି ଦିଅନ୍ତି। ଆମ ଭିତରେ ଯେତିକି ବି ପାରିବାପଣିଆ ଥାଏ, ଧୀରେ ଧୀରେ ମରିମରି ଯାଏ। କେବଳ ଅନ୍ୟ ପ୍ରତି ଆସୁୟାଭାବ ଆମକୁ ରୋଗାକ୍ରାନ୍ତ କରିଦିଏ।

ଆମମାନଙ୍କ ପରିବାରରେ ମଧ୍ୟ ଏମିତି ଘଟିଥାଏ। ଦୁଇ ଚାରି ଭାଇକୁ ନେଇ ଯୌଥ ପରିବାର ଥିଲେ, ସମସ୍ତେ ଗୋଟିଏ ଘରେ ରୁହନ୍ତି, ଗୋଟିଏ ହାଣ୍ଡିରୁ ଭାତ ଖାଆନ୍ତି, ହେଲେ ସମସ୍ତଙ୍କ ମନ, ବିଚାର ଗୋଟିଏ ହୋଇ ନଥାଏ। ଗୋଟେ ପରିବାରର ସଦସ୍ୟ ହୋଇ ବି ପରସ୍ପର ଭିତରେ ଈର୍ଷା ଅସୂୟା ଭାବନା ରହିଥାଏ। ଗୋଟେ ଭାଇକୁ ଅନ୍ୟ ଭାଇ ଠକି ଥାଏ, ଲୁଟି ଥାଏ, ଗୋଟେ ବୋହୂ ଅନ୍ୟ ବୋହୂକୁ ଈର୍ଷା କରେ, କଳହ କରେ,ଭାଇମାନଙ୍କ ପିଲାମାନଙ୍କ ଭିତରେ ପରସ୍ପର ପ୍ରତି ନିବିଡତା କମ୍ ଆକ୍ଷେପ, ଆକ୍ରୋଶ ଅଧିକ ଥାଏ।ଜଣେ ବାପା ମାଆଙ୍କ ପ୍ରିୟ ହୋଇ ସବୁ ସମ୍ପତ୍ତି ହାତେଇ ନେବାକୁ ଚକ୍ରାନ୍ତ କରେ ତ ଅନ୍ୟ ଜଣେ ଭାଇ ବିରୁଦ୍ଧରେ କୋର୍ଟ ଯାଏ ଚାଲିଯାଏ। 'ସେ କାମ କରୁନି ମୁଁ କାହିଁକି କରିବି, ସେମାନେ ବାପା ମାଆଙ୍କୁ ରଖିଲେନି ଆମେ କାହିଁକି ରଖିବା, ସେ ଶାଶୁ ଶ୍ୱଶୁରଙ୍କ ସେବା କରୁନି, ମୁଁ କାହିଁକି କରିବି' ଏମିତି ଭିଡା ଓଟରା ଭିତରେ ବିଚରା ବୃଦ୍ଧ ବାପା ମାଆ ବଳି ପଡ଼ି ଯାଆନ୍ତି। ସଂପର୍କ ଭିତରେ ଅଧିକ ସ୍ଥାନରେ ସମ୍ପତ୍ତି ବଡ ପାଚେରୀ ଠିଆ କରେ।

ବାପା ମାଆ ଯେତେବେଳେ ପିଲାମାନଙ୍କୁ ମଣିଷ କରିଥାନ୍ତି, ସେତେବେଳେ ସବୁ ପିଲାଙ୍କୁ ସମାନ ଲାଳନପାଳନ କରିଥାନ୍ତି। କିନ୍ତୁ ପିଲାମାନେ ବାପା ମାଆଙ୍କ ପାଇଁ କରିବା ସମୟ ଆସିଲେ ପରସ୍ପର ଭିତରେ ବାଦବିବାଦରେ ରହିଯାଆନ୍ତି। ଯିଏ ଆମକୁ ଦୁନିଆ ଦେଖାଇଛନ୍ତି, ତାଙ୍କୁ ଖୁସି ରଖିବା, ସେବା କରିବା, ତାଙ୍କ ପ୍ରତି ଯତ୍ନଶୀଳ ହେବା ଆମର ପରମ ସୌଭାଗ୍ୟ। ଏହା ଆଦୌ ବୋଝ ନୁହେଁ। ନଚେତ୍ ସେମାନଙ୍କ ଅବଦାନର ବୋଝ ନେଇ ଆମେ ପରଜନ୍ମକୁ ଯିବା, ଆମ ଆତ୍ମା ଆମକୁ ଧିକ୍କାର କରିବ।

ଜଣେ ବିଶ୍ୱସ୍ତ କର୍ମଚାରୀକୁ ହିଁ ମାଲିକ ଭଲପାଏ, ସମ୍ମାନ ଦିଏ, ସବୁବେଳେ ପାଖରେ ରଖିବାକୁ ଚାହେଁ, ବିଶ୍ୱାସରେ ସବୁକିଛି ତାକୁ ସମର୍ପି ଦିଏ। ସବୁ କମ୍ପାନୀ ବା ଅନୁଷ୍ଠାନ ସେହି ଭଳି ବ୍ୟକ୍ତିଙ୍କୁ ଆଗ୍ରହରେ ଚୟନ କରନ୍ତି, ସବୁ କାର୍ଯ୍ୟରେ ଅଗ୍ରାଧିକାର ଦିଅନ୍ତି। ଯଦି କର୍ମଚାରୀ ବିଶ୍ୱସ୍ତ ନହୋଇ ଲମ୍ପଟ ବା କୃତଘ୍ନ ହୁଏ, ଚୋରି କରେ, ତେବେ ସେ ତଡା ଖାଇ ବାହାରିଥାଏ, କୋଉଠି ବି ଚାକିରି ମିଳେନାହିଁ। ଠିକ୍ ସେମିତି ଆମେ ଆମ ସଂସାର କର୍ମଶାଳାରେ ବିଶ୍ୱସ୍ତ କି କୃତଘ୍ନ କର୍ମଚାରୀ, ଆମ ମାଲିକ (ପରମାତ୍ମା)ସବୁ ଦେଖୁଛନ୍ତି ଓ ତଦନୁସାରେ ସ୍ଥାନ ସ୍ୱର୍ଗ କିମ୍ବା ନର୍କ ଚୟନ କରିବେ। ଏ ଦିଗ ପ୍ରତି ସମସ୍ତେ ଧ୍ୟାନ ଦେବା ଜରୁରୀ। ଏବେ ସମୟ ଅନ୍ୟକୁ ନୁହେଁ ନିଜକୁ ତର୍ଜମା କରିବା।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଲେଖକ ହେବା ପ୍ରକ୍ରିୟା

ଜିନାତମାମ୍ ଦର୍ଜୀ



ମୁଁ ବହି ଦୋକାନକୁ ଯାଇଥାଏ । ଉଦ୍ଦେଶ୍ୟ ଥିଲା କିଛିଟା ଭଲ ଭଲ କବି-ଲେଖକଙ୍କ ବହି ଆଣି ପଢ଼ିବି। ବହି ଗୁଡିକ ଦେଖୁ ଦେଖୁ ମନେ ପଡିଲା ତା କଥା । ସେ କ'ଣ କେବେ କୌଣସି ବି ବହିଟିଏ ପଢିଥିବ ? ଏ ସେ'ଟା କିଏ, ତାପଛରେ ଗୋଟିଏ କାହାଣୀ ଅଛି ।

ପ୍ରାୟ ଗୋଟିଏ ବର୍ଷ ତଳେ ଗୋଟିଏ ଝିଅ ନାଁ ଥିବା ପ୍ରୋଫାଇଲରୁ, ପଚିଶ ବର୍ଷ ଓ ତା'ଠୁ କମ୍ ବୟସ ଯୁବ ପୁଅ ଲେଖକ (ଯେଉଁ ମନେ ପଦରେ ପଦ ମିଶେଇ ଟିକେ ଟିକେ ଲେଖିବା ଆରମ୍ଭ କରି ନିଜକୁ କବି ଭାବୁଥିଲେ) ମାନଂକୁ ଫ୍ରେଣ୍ଡ ରିକ୍ୱେଷ୍ଟ ଆସିଲା । ଯଦିବା ସେ ପ୍ରୋଫାଇଲରେ କଭର୍ ଫୋଟୋ ଆଉ ପ୍ରୋଫାଇଲ ଫୋଟୋ ଛଡା ଆଉ କିଛି ବି ପୋଷ୍ଟ ନଥିଲା (ସେଇଟା ବି ଗୁଗୁଲରୁ ଅଣା ହୋଇଥିବା ଫୁଲ ଆଉ ଈଶ୍ୱରଙ୍କ ଫଟୋ ଥିଲା ) ତଥାପି ଝିଅ ପିଲା ବୋଲି ଲୋଭରେ ସେମାନେ ତାକୁ ଫ୍ରେଣ୍ଡ କରିଦେଲେ । ତା ପରେ ସିଏ ସେହି ବୟସର ଝିଅ କବୀମାନଙ୍କୁ ରିକ୍ୱେଷ୍ଟ ଦେଲା। ଝିଅ ପିଲା ପୁଣି ନିଜ କବି ବନ୍ଧୁମାନଙ୍କ ମିଚୁୟାଲ ଦେଖି ସେମାନେ ବି ଫ୍ରେଣ୍ଡ କରିଦେଲେ । ଅଧିକ ମିଚୁୟାଲ ଦେଖାଇବାରୁ ଗୋଟିଏ ଅଧେ ଭଲ କବି ଲେଖକ ବି ତାକୁ ଫ୍ରେଣ୍ଡ କରିନେଲେ। ପ୍ରଥମେ ସେ ପଛ ମୁହଁ କରି ଛିଡା ହୋଇଥିବା, ମୁହଁ ଘୋଡାଇ ହେଇଥିବା ଝିଅ ଫୋଟୋ ସବୁ ପୋଷ୍ଟ କଲା । ଭଲ କିଛି କମେଣ୍ଟ ବି ମିଳିଲା। ପରେ ପରେ ମନର କିଛି ଭାବ, କିଛି କମେଡି କଥା ସବୁ ପୋଷ୍ଟ କଲା। ଏଥର କମେଣ୍ଟ ଅଧିକ ବଢିଲା। ତାପରେ ହିନ୍ଦୀର ଉଦ୍ଧରଣ (quote)ସବୁ ଅନୁବାଦ କରି ପୋଷ୍ଟ କଲା। ବହୁତ ଖାସ ହେଇଛି ବୋଲି କମେଣ୍ଟ ସବୁ ଗଦାଇ ହୋଇଗଲା। ଏପଟେ ଫ୍ରେଣ୍ଡ ବଢୁ ଥିଲେ। ସେପଟେ କମେଣ୍ଟ ବି।

କିଛି ଦିନ ପରେ ସେ କଉ ଗୀତରୁ ପଦେ କାହା କବିତାଠୁ ପଦେ ଚୋରାଇ, ଟିକେ ବୁଲେଇ ବାଙ୍କି ଦି ପଦ ଲେଖିଲା । ସମସ୍ତେ ଦେଖିଲେ ସେ କିମିତିଆ ଭଲ କବୀଟେ। ସେ ଆଗକୁ ଏମିତି ସବୁ ମିଶା ମିଶି କରି ପଦକୁ ପଦ ଛନ୍ଦି ଲେଖି ଚାଲିଲା ।

କିଛି ଦିନ ପରେ ସେ' ତା ପ୍ରୋଫାଇଲର ଝିଅ ନାଁକୁ ବଦଳି ତାର ବାସ୍ତବ ପୁଅର ନା ଟା ରଖିନେଲା ଏଥର । ସମସ୍ତେ ଦେଖିଲେ ବି କିଛି ଭାବିଲେନି କାରଣ ତାର କବି କରିସ୍ମା ସମସ୍ତେ ଦେଖି ସାରିଲେଣି। ସେ କିଛି ଲେଖକଙ୍କୁ ଭାଇ, ଭାଇ, ଦିଦି-ଦିଦି କହି ଖୁସି ଦେଲାଣି ଯା ଭିତରେ। ଗୋଟିଏ ଦୁଇଟି ଗଳ୍ପ ବି ଲେଖିଲାଣି



ଆଗକୁ ଆଗକୁ ଭାବି-ଭାବି, ଯୋଡି-ଯୋଡି । କିଛି ନହେଲେ ନିଜ ପିଲାଦିନ, ନିଜ ବାପା ମାଆ କଥା, ନହେଲେ କଉ ରେସିପି କେମିତି ତିଆରି ହୁଏ, ଯାହା ହେଲେ ମିସେଇକି ଲେଖି ଦେଲେ ଗଲା। ଏ ଲେଖା ଗୁଡାକ ସମସ୍ତଙ୍କୁ ଖୁବ୍ ପସନ୍ଦ ଆସୁଥାଏ। ପ୍ରଶଂସା ଯେ କାହିଁରେ କେତେ। କିଛି ଦିନ ପରେ ସେ କିଛିଟା ସାହିତ୍ୟ ସଂସଦ ସହ ବି ଜଡିତ ହେଲା। ମାନପତ୍ର ବି କିଛିଟା ହାତେଇଲା। ବର୍ଷ ଶେଷକୁ ଅମୁକ ସମୁକ ସମ୍ମାନ ପ୍ରତିଭା ସମ୍ମାନ ବି। କବି-ଲେଖକ କ'ଣ ଏମିତି ପାଳ ଗଦାରେ ଛତୁ ଫୁଟିଲା ଭଳି ଫୁଟି ଉଠନ୍ତି ?

ସିଏ କ'ଣ କେବେ ଭଲ ବହିଟିଏ ହେଲେ କିଣି ପଢିଥିବ ? ମୋ ମନକୁ ଆସୁଥାଏ ପ୍ରଶ୍ନ। ଛାଡ଼ ହୋ ମୋର କ'ଣ ଅଛି ସେଥିରେ । ମୁଁ ବହି କିଣି ଫେରିଲି ଘରକୁ।

ମୋ: ୮୦୧୮୮୦୭୧୫୩

# ଜିଓ ସିନେମାରେ ଫିଫା ଫୁଟବଲ ବିଶ୍ୱକପ୍‌ର ଫାଇନାଲ୍ ମ୍ୟାଚ୍ ଦେଖିଲେ ରେକର୍ଡ ୩.୨ କୋଟି ଦର୍ଶକ

ଭୁବନେଶ୍ୱର, ୨୧/୧୨ (ନି.ପ୍ର): କାତାର ଫିଫା ଫୁଟବଲ ବିଶ୍ୱକପ୍ ୨୦୨୨ ଶେଷ ହୋଇଥିବା ବେଳେ ଡିଜିଟାଲ ମାଧ୍ୟମରେ ମ୍ୟାଚ୍ ଦେଖିବା କ୍ଷେତ୍ରରେ ଜିଓ ସିନେମା ନୂତନ ରେକର୍ଡ ସ୍ଥାପନ କରିଛି। ପ୍ରଥମ ଥର ପାଇଁ ଟିଭି ତୁଳନାରେ ଅଧିକ ଲୋକ ଡିଜିଟାଲ୍ ମାଧ୍ୟମରେ ବିଶ୍ୱର ଏହି ସର୍ବାଧିକ ଲୋକପ୍ରିୟ କ୍ରୀଡ଼ା କାର୍ଯ୍ୟକ୍ରମର ମଜା ନେଇଛନ୍ତି। ଆର୍ଜେଣ୍ଟିନା ଓ ଫ୍ରାନ୍ସ ମଧ୍ୟରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ଫାଇନାଲ୍ ମ୍ୟାଚ୍ କୁ ରେକର୍ଡ ୩.୨ କୋଟି ଦର୍ଶକ ଜିଓ ସିନେମାରେ ଦେଖିଛନ୍ତି ।

ଫିଫା ଫୁଟବଲ୍ ବିଶ୍ୱକପ୍ କୁ ୧୧୦ ନିୟୁତରୁ ଅଧିକ ଦର୍ଶକ ଡିଜିଟାଲ୍ ମାଧ୍ୟମରେ ଦେଖିଛନ୍ତି। ଫଳରେ ଡିଜିଟାଲ ମାଧ୍ୟମରେ ସର୍ବାଧିକ ଲୋକ ଦେଖିଥିବା କ୍ରୀଡ଼ା କାର୍ଯ୍ୟକ୍ରମରେ ପରିଣତ ହୋଇଛି ଫିଫା ବିଶ୍ୱକପ୍ । ମ୍ୟାଚ୍ ଗୁଡ଼ିକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ରହିବା ଯୋଗୁଁ ଭାରତରେ ସ୍ପୋର୍ଟସ୍୧୮ ଚ୍ୟାନେଲ୍ ଓ ଜିଓ ସିନେମା ଆପ୍ ରେ ମ୍ୟାଚ୍ ଗୁଡ଼ିକୁ ୪୦ ବିଲିଅନ ମିନିଟ୍ ରୁ ଅଧିକ ସମୟ ଲୋକମାନେ ଦେଖିଛନ୍ତି । ଫଳରେ ଟୁର୍ଣ୍ଣାମେଣ୍ଟ୍ ଅବଧିରେ ଆଇଓଏସ୍ ଓ ଆଣ୍ଡ୍ରଏଡ୍ ରେ ସର୍ବାଧିକ ଡାଉନ୍ ଲୋଡ୍ ହୋଇଥିବା ନିଃଶୁଳ୍କ ଆପ୍ ରେ ପରିଣତ ହୋଇଥିଲା ଜିଓ ସିନେମା ।

ଜିଓ ସିନେମା ଜରିଆରେ ପ୍ରଥମ ଥର ପାଇଁ ୟୁଏଚ୍‌ଡି ୪କେରେ ଦର୍ଶକମାନେ ଫୁଟ୍‌ବଲ୍ ବିଶ୍ୱକପ୍ ମ୍ୟାଚ୍ ଗୁଡ଼ିକର ମଜା ନେବାର ସୁଯୋଗ ପାଇଥିଲେ ।

ଭାୟାକମ୍ ୧୮ ସ୍ପୋର୍ଟସ୍ ର ସିଇଓ ଅନିଲ ଜୟରାଜ କହିଛନ୍ତି ଯେ, "କାତାର ଫିଫା ବିଶ୍ୱକପ୍ ୨୦୨୨କୁ ବିଶ୍ୱସ୍ତରୀୟ ଢଙ୍ଗରେ ଦର୍ଶକମାନଙ୍କ ପାଖରେ ପହଂଚାଇବାକୁ ଆମେ ପ୍ରତିଶ୍ରୁତି ଦେଇଥିଲୁ ଏବଂ ସେହି ଅନୁସାରେ ଭାରତ ଅଂଶଗ୍ରହଣ କରିନଥିବା କ୍ରୀଡ଼ା କାର୍ଯ୍ୟକ୍ରମ ଭାବେ ଡିଜିଟାଲ ମାଧ୍ୟମରେ ସର୍ବାଧିକ ଲୋକ ଦେଖିଥିବା ବିଶ୍ୱସ୍ତରୀୟ କ୍ରୀଡ଼ା ଟୁର୍ଣ୍ଣାମେଣ୍ଟ୍ ରେ ତାହା ପରିଣତ ହୋଇଥିଲା । ଏହା ହେଉଛି ଡିଜିଟାଲର ଶକ୍ତି ଏବଂ ନିଜ ଲୋକପ୍ରିୟ କାର୍ଯ୍ୟକ୍ରମକୁ ଦେଖିବା ଲାଗି ଦର୍ଶକ ଏବଂ କ୍ରୀଡ଼ାପ୍ରେମୀମାନେ ନିଜ ପସନ୍ଦ ବିଷୟରେ ଜଣାଇଛନ୍ତି ଯେଉଁମାନେ ଏବେ ପ୍ୟାରିସ ସେଂଟ୍-ଜର୍ମାନ ସାଥୀ ଖେଳାଳି ଏବଂ ଫିଫା ବିଶ୍ୱକପ୍ ର ଗୋଲ୍‌ଡେନ୍ ବୁଟ୍ ବିଜେତା କିଲିଆନ୍ ଏମ୍‌ବାପେ ଏବଂ ଫିଫା ବିଶ୍ୱକପ୍ ଓ ଗୋଲ୍ ଡେନ୍ ବୁଟ୍ ବିଜେତା ଲିଓନେଲ୍ ମେସିଙ୍କୁ ଲିଗ୍‌ରେ ଯୋଗ ଦେବାର ଦେଖିପାରିବେ।'' ୱେନ ରୁନି, ଲୁଇସ୍ ଫିଗୋ, ରବର୍ଟ ପିରେସ, ଗିଲବର୍ଟୋ ସିଲ୍‌ଭା ଏବଂ ସୋଲ୍ କ୍ୟାମ୍ପବେଲ୍ ?ଙ୍କ ଭଳି ବିଶ୍ୱକପ୍ ହିରୋମାନେ ସ୍ପୋର୍ଟସ୍୧୮ ଓ ଜିଓ ସିନେମାର ବିଶ୍ୱସ୍ତରୀୟ ଷ୍ଟୁଡିଓରେ କ୍ରୀଡ଼ା ପ୍ରେମୀଙ୍କ ସହ ଯୋଡ଼ି ହୋଇଥିଲେ ।

# ପୋଲିସ ହାତରେ ଧରାପଡିଲା ଡ଼କାୟତି ଦଳ

ଜୟପୁର, ୨୧/୧୨ (ନି.ପ୍ର): କୋଟପାଡ଼ ପୋଲିସକୁ ମିଳିଛି ବଡ ସଫଳତା। ପୋଲିସ ପଞ୍ଜାରେ କୁଖ୍ୟାତ ଅପରାଧୀ ଟୁନା ହରିଜନ। କୋରାପୁଟ ଜିଲ୍ଲାର ବିଭିନ୍ନ ଥାନାରେ ଅନେକ ଅପରାଧୀକ ମାମଲାରେ ଜଡିତ ଥିଲା ଟୁନା। ଦୀର୍ଘଦିନ ଧରି ଟୁନାକୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ଅଂଚଳରେ ଖୋଜା ଖୋଜି କରୁଥିଲା ପୋଲିସ। ଶେଷରେ ନବରଙ୍ଗପୁର ଜିଲ୍ଲାର ମୈଦଲ ପୁର ଅଂଚଳରୁ ଟୁନାକୁ କାବୁ କରିବାରେ ସଫଳ ହୋଇଛି ପୋଲିସ। ଟୁନାକୁ ସେଠାରୁ କୋଟପାଡ଼ ଥାନାକୁ ଆଣି ଅଧିକ ପଚରା ଉଚରା କରିଛି ପୋଲିସ। ପୋଲିସ ଟୁନା ସହ ତାର ୪ ସହଯୋଗୀଙ୍କୁ ଗିରଫ କରିଛି । ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ଏ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବୋରିଗୁମ୍ମା ଏସଡିପିଓ ମୁଧୁସିକତା ମିଶ୍ର।

ଏନେଇ ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ, ଗତ ୨୬/୧୧/୨୨ କୋଟପାଡ଼ ସୌରା ସାହି ଅଂଚଳର ଜଣକ ଘରେ ଚୋରି ହୋଇଥିଲା। ତାଙ୍କ ଘରୁ ସୁନା ମୁଦି ଆଉ ପାଂଚ ହଜାର ଟଙ୍କା ଚୋରି ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ୨୩୯/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଚୋରି ଦଳର ସମସ୍ତ ସଦସ୍ୟ ମିଶି ଚୋରି କରିଥିଲେ। ପୋଲିସ ଏମାନଙ୍କ ଠାରୁ ୫ଟି ମୋବାଇଲ, ସୁନା ଓ ରୂପ ଅଳଙ୍କାର, ବିଭିନ୍ନ ପ୍ରକାର ମାରଣାସ୍ତ୍ର, ଦୁଇଟି ବାଇକ ଏବଂ ନଗଦ ତିନି ହଜାର ଟଙ୍କା ଜବତ କରିଛି । ଏହି ପାଂଚ ଜଣଆ ଚୋର ପେଷାଦାର ଅପରାଧୀ। ଦଳର ମାଷ୍ଟର ମାଇଣ୍ଡ ଟୁନା ହରିଜନଙ୍କ ନାମରେ ଅବିଭକ୍ତ କୋରାପୁଟ ଜିଲ୍ଲା, କଳାହାଣ୍ଡି ଏବଂ ଛତିଶଗଡ଼ ଅଂଚଳରୁ ଚୋରି ଡକାୟତି ଭଳି ୫୦ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲା ରହିଛି। ଏହି ଡକାୟତି ଦଳ ରୀତିମତ ଭାବେ ଅପରାଧରେ ଜଡିତ ଥିବା ବେଳେ ଗ୍ୟାଙ୍ଗ ର ଜଣେ ସଦସ୍ୟ ଗଞ୍ଜେଇ ଚାଲାଣ ମାମଲାରେ ଜଡ଼ିତ ଅଛି। ଏମାନଙ୍କୁ କଳାହାଣ୍ଡି ଏବଂ କୋରାପୁଟ ଜିଲ୍ଲା ର ପୋଲିସ ବହୁ ଦିନ ହେଲା ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରଥିଲା। ଦୀର୍ଘ ଦିନ ପରେ ଏମାନଙ୍କୁ କାବୁ କରିବାରେ ପୋଲିସ ସଫଳ ହୋଇଛି। ଏହି ଗ୍ୟାଙ୍ଗ ରେ ଆହୁରି କିଛି ସଦସ୍ୟ ରହିଛନ୍ତି କି ନାହିଁ ତାହା ତଦନ୍ତ ଚାଲିଥିବା ବୋରିଗୁମ୍ମା ଏସଡିପିଓ ମୁଧୁସିକ୍ତ ମିଶ୍ର ସୂଚନା ଦେଇଛନ୍ତି।

# ରେଳବାଇ ଷ୍ଟାଣ୍ଡିଙ୍ଗ କମିଟି ସଦସ୍ୟ ଓ ସାଂସଦ ମାନଙ୍କୁ ଯାଜପୁରରୋଡ-ଧାମରା ରେଳପଥ ନିର୍ମାଣ ପାଇଁ ସ୍ମାରକ ପତ୍ର

କୋରାଇ, ୨୧/୧୨ (ନି.ପ୍ର): ଓଡିଶାରୁ ରେଳବାଇ ଷ୍ଟାଣ୍ଡିଙ୍ଗ କମିଟିର ସଦସ୍ୟ ଥିବା ଡଃ ଅଚ୍ୟୁତ ସାମନ୍ତ, ଶ୍ରୀ ପ୍ରସାଦ ନନ୍ଦ, ଶ୍ରୀମତୀ ସଙ୍ଗିତା ସିଂହଦେଓ, ସୁଶ୍ରୀ ଚନ୍ଦ୍ରିକା ମୁର୍ମୁଙ୍କ ସମେତ ସାସଂଦ ଶର୍ମିଷ୍ଠା ସେଠୀ, ମଂଜୁଲତା ମଣ୍ଡଳ ଓ ସୁଲତା ଦେଓଙ୍କ ପାଖକୁ ଯାଜପୁରରୋଡ ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସ୍ୱାକ୍ଷର ପତ୍ର ପ୍ରେରଣ କରାଯାଇଛି । ଯାଜପୁର ଜିଲ୍ଲା ସଦର ମହକୁମା ସହ ରେଳ ସଂଯୋଗ ସୁନିର୍ଶ୍ଚିତ କରିବା ଯାଜପୁର ସମେତ ଆରଡି, ଧାମରା ଓ ଭିତରକନିକାକୁ କେନ୍ଦ୍ର କରି ପର୍ଯ୍ୟଟନର ବିକାଶ, କଳିଙ୍ଗନଗର ଓ ନାଲୋକୋ ଶିଳ୍ପ ଜାତ ଦ୍ରବ୍ୟର ପରିବହନ ସାଙ୍ଗକୁ ସୁକିନ୍ଦା, ତାଳଚେର ଓ କେଉଁଝର ଜିଲ୍ଲାର ଖଣିଜ ସମ୍ପଦର ପରିବହନକୁ ସୁବିଧା ଜନକ କରିବା, ବୈତରଣୀ, ସାଳନ୍ଦୀ ଓ ଖରସ୍ରୋତାର ଅବବାହିକାରେ ଅବସ୍ଥିତ ଭଦ୍ରକ ଓ ଯାଜପୁର ଜିଲ୍ଲାର କୃଷିଜାତ ସାମଗ୍ରୀ ଓ ମତ୍ସ୍ୟ ସମ୍ପଦ ସରବରାହ ବୃଦ୍ଧି ଜରିଆରେ କୃଷିଜିବୀ ଓ ମତ୍ସ୍ୟଜିବୀଙ୍କ ଆର୍ଥିକ ଅବସ୍ଥାକୁ ଉନ୍ନୀତ କରିବା ପାଇଁ ଏହି ନୂତନ ରେଳପଥ ନିର୍ମାଣର ଅପରିହାର୍ଯ୍ୟତା ସମ୍ପର୍କରେ ସ୍ମାରକ ପତ୍ରରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି । ୨୦୧୨/୧୩ ରେଳ ବଜେଟରେ ଏହି ରେଳପଥର ସର୍ଭେ ପାଇଁ ମଂଜୁରୀ ମିଳିବା ପରେ ସର୍ଭେ କରାଯାଇ ରେଳବାଇ ବୋର୍ଡକୁ ୨୦୧୫ ରେ ପ୍ରେରଣ କରାଯାଇଥିଲେ ମଧ୍ୟ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ରେଳ ମନ୍ତ୍ରଣାଳୟ କୌଣସି ଆଗ୍ରହ ପ୍ରଦର୍ଶନ କରୁନାହିଁ । ପ୍ରାୟ ୯୬ କିଲୋମିଟିର ଦୈର୍ଘ୍ୟ ବିଶିଷ୍ଟ ଏହି ରେଳପଥ ନିର୍ମାଣ ପାଇଁ ପ୍ରାୟ ୧୦୪୨ କୋଟି ୬୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ଅଟକଳ କରାଯାଇଛି । ଏହି ରେଳପଥ ନିର୍ମାଣ କରାଗଲେ ରେଳବାଇର ଶତକଡା ୨୭.୪୩% ଲାଭ ହେବ ବୋଲି ଆକଳନ କରାଯାଇଥିଲେ ମଧ୍ୟ ରେଳବାଇ ଏହି ପ୍ରକଳ୍ପକୁ ମଂଜୁରୀ ଦେବାକୁ ପଛଘୁଂଚା ବିସ୍ମୟର କାରଣ ପାଲଟିଛି । କେବଳ ପୂର୍ବତଟ ରେଳବାଇରୁ ବାର୍ଷିକ ୨୦ ହଜାର କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରୁଥିବା ରେଳବାଇ ଏହି ନୂତନ ପ୍ରକଳ୍ପ ପାଇଁ ବାର୍ଷିକ ୩ଶହ କୋଟି ଟଙ୍କା ଲେଖାଁଏ ବ୍ୟୟ ବରାଦ କଲେ ରେଳପଥଟିର ନିର୍ମାଣ କାମ ୫ ବର୍ଷରେ ସମାପ୍ତ ହେବାର ଗ୍ୟାରେଂଟ ସୃଷ୍ଟି ହୋଇପାରିବ। ରେଳବାଇ ଷ୍ଟାଣ୍ଡି କମିଟିର ସଦସ୍ୟମାନଙ୍କ ସମେତ ଓଡିଶାର ସାଂସଦମାନ ଏହି ପ୍ରକ୍ଲପଟି ମଂଜୁରୀ କରାଇବା ଓ ୨୦୨୩/୨୪ ରେଳ ବଜେଟରେ ୩ଶହ କୋଟି ଟଙ୍କା ବ୍ୟୟ ବରାଦ କରାଇବା ଦିଗରେ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିବେ ବୋଲି ଯାଜପୁରରୋଡ ଧାମରା ରେଳପଥ ସଂଗ୍ରାମ ସମିତିର ଅବାହକ ଶ୍ରୀ ସନ୍ତୋଷ ଦାସ ଅନୁରୋଧ ଜଣାଇଛନ୍ତି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଜୟପୁର , ୨୧/୧୨ (ନି.ପ୍ର): ଜୟପୁର ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଜୟପୁର ବ୍ଲକ ଆନୁକୂଲ୍ୟରେ ଶିବିର ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଶିବିରକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲ। ସମ୍ମାନିତ ଅତିଥି ଭାବେ ଜୟପୁର ବ୍ଲକ ଅଧକ୍ଷା ତିଲୋତ୍ତମା ମଦୁଲି, ବ୍ଲକ ଉପାଧକ୍ଷ ଗଣେଷ ପାଢୀ , ଏବିଡିଓ ମନୋଜ ନାୟକ, ସହକାରି ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, ସରପଞ୍ଚ , ସମିତି ସଭ୍ୟା ମାନେ ଉପସ୍ଥିତ ରହିଥିଲେ । ସେମାନଙ୍କ ସୁବିଧା ପାଇ ବିଭିନ୍ନ କାଉଣ୍ଟର କରାଯିବା ସହ ବିଭିନ୍ନ ବିଭାଗର ଡାକ୍ତର ମାନେ ଉପସ୍ଥିତ ଥିଲେ । ଜୟପୁର ବ୍ଲକ ୨୨ଟି ପଞ୍ଚାୟତରେ ଥିବା ଭିନ୍ନକ୍ଷମ ମାନେ ଜୟପୁର ବ୍ଲକ ପରିସରେ ଉପସ୍ଥିତ ରହିଥିଲେ।

# ବାଲିପାଟଣା ବ୍ଲକରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲପାଳ କେ. ସୁଦର୍ଶନ ଚକ୍ରବର୍ତୀ ଗତକାଲି ସୋମବାର ବାଲିପାଟଣା ବ୍ଲକ ଗସ୍ତ କରି ବ୍ଲକର ବିଭନ୍ନ ଅଂଚଳରୁ ଆସିଥିବା ଜନସାଧାରଣଙ୍କର ଅଭିଯୋଗ ଶୁଣାଣି ପୂର୍ବକ ସେସବୁର କାର୍ଯ୍ୟନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଂଚଳରୁ ମୋଟ ୭୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨ଟି ସାମୁହିକ ଗ୍ରାମ୍ୟ ସମସ୍ୟା ସଂପର୍କିତ ଥିଲା । ୪ଟି ଦରଖାସ୍ତର ଜିଲ୍ଲାପାଳ ତତ୍କାଳ ଫଇସଲା କରିଥିଲେ । ଜଣେ ଦରଖାସ୍ତକାରୀଙ୍କୁ ରେଡ୍ କ୍ରସରୁ ୩ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟ ସମସ୍ତ ଅଭିଯୋଗଗୁଡିକ ଶୁଣିବା ସହିତ ସେସମ୍ପର୍କରେ ଅନୁଧ୍ୟାନ କରି ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) ସାଫଲ୍ୟ ମଣ୍ଡିତ ପ୍ରଧାନ, ତହସିଲଦାର, ବାଲିପାଟଣା ମୃତ୍ୟୁଞ୍ଜୟ ତ୍ରିପାଠୀ, ଏସିପି-ଜୋନ-୪ ଶୁଭନାରାୟଣ ମୁଦୁଲିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

# ନୃସିଂହନାଥ ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ ଅସିତ ତ୍ରିପାଠୀ

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ପଶ୍ଚିମ ଓଡ଼ିଶା ଗସ୍ତର ଦ୍ୱତୀୟ ଦିନରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ ବରଗଡ଼ ଜିଲ୍ଲା ପାଇକମାଳସ୍ଥିତ ପ୍ରସିଦ୍ଧ ଶୈବପୀଠ ନୃସିଂହନାଥ ମନ୍ଦିରରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ଉତରାଂଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳେଇ, ବରଗଡ଼ ଜିଲ୍ଲାପାଳ ଶ୍ରୀମତୀ ମନିଷା ପଟେଲ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜିତ କୁମାର ମିଶ୍ରଙ୍କ ସହ ସେ ସମସ୍ତ କାର୍ଯ୍ୟ ବୁଲି ଦେଖିଥିଲେ। ପରେ ସେ ପାଇକମାଳ ବ୍ଲକ୍ ସ୍ଥିତ ମଣ୍ଡୋସିଲ୍ ଗ୍ରାମର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ହିତାଧିକାରୀ ପୁରୁଷୋତମ ସାହୁଙ୍କ ଜୈବ ବିହନ ପ୍ରକ୍ରିୟାକରଣ ୟୁନିଟ୍ ପରିଦର୍ଶନ କରିଥିଲେ। ୧ କୋଟି ୬୦ ଲକ୍ଷ ବ୍ୟୟ ଅଟକଳରେ ସଂଚାଳିତ ଏହି ପ୍ରକଳ୍ପରେ ଏହି ଉଦ୍ୟୋଗୀ ପ୍ରୋତ୍ସାହନ ରାଶି ଭାବେ ୪୦ ଲକ୍ଷ ଟଙ୍କା ପାଇଥିବା ଜଣାପଡ଼ିଛି। ଶ୍ରୀ ସାହୁ, ଜୈବିକ ଖତ ପ୍ରସ୍ତୁତ କରି ବରଗଡ଼ ଓ ଆଖପାଖ ଜିଲ୍ଲାର ଚାଷୀମାନଙ୍କୁ ବିକ୍ରି କରି ଭଲ ରୋଜଗାର କରିପାରୁଛନ୍ତି। ତାଙ୍କର ପେଶାଦାର ଅଭିଜ୍ଞତା ରହିଛି ଏବଂ ତାଙ୍କର ପ୍ରମାଣନ ବିହନର ଭଲ ଚାହିଦା ରହିଛି। ଅଧକ୍ଷ ଶ୍ରୀ ତ୍ରିପାଠୀ ନିକଟସ୍ଥ କୋକୋନରା ଗ୍ରାମର ଦୋଳମଣି ମେହେରଙ୍କ ୫ ଏକର ପରିମିତ ଜମିରେ କରାଯାଇଥିବା ଆମ୍ବ, ପିଜୁଳି, ଡାଳିମ୍ବ, ପଣସ, ଲେମ୍ବୁ ଇତ୍ୟାଦିର କଲମୀକୃତ ଚାଷ ବୁଲି ଦେଖିଥିଲେ। ସେ କଲମୀ ଚାରା ପ୍ରସ୍ତୁତ କରି ସେଗୁଡ଼ିକୁ ଆଗ୍ରହୀ ଚାଷୀମାନଙ୍କୁ ବିକୁଥିବା ଜଣାପଡ଼ିଛି। ଏ ଦିଗରେ ଆଗକୁ ବଢ଼ିବାକୁ ଜିଲ୍ଲାର ଉଦ୍ୟାନ କୃଷି ବିଭାଗ ତରଫରୁ ବୈଷୟିକ ସହାୟତା ଯୋଗାଇ ଦିଆଯାଉଥିବା ଶ୍ରୀ ମେହେର ପ୍ରକାଶ କରିଛନ୍ତି।

ସେଠାରୁ ଶ୍ରୀ ତ୍ରିପାଠୀ ଭୁବନେଶ୍ୱରପୁର ଯାଇ ପୁଷ୍ପଲତା ଛେଳି ଫାର୍ମ ବୁଲି ଦେଖିଥିଲେ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରୁ ୨୬ ଲକ୍ଷ ବିନିଯୋଗକରି ୫୦% ସବ୍‌ସିଡି ପାଇଥିବା ଜଣାପଡ଼ିଛି। ବର୍ତମାନ ଫାର୍ମରେ ୩୦୦ ଛେଳି ରହିଛନ୍ତି ଏବଂ ଆଗକୁ ଏହି ଫାର୍ମର କଳେବର ବୃଦ୍ଧି କରିବା ପାଇଁ ନିଷ୍ପତି ନେଇଥିବା ସେ କହିଥିଲେ। ପରେ ଶ୍ରୀ ତ୍ରିପାଠୀ ଝାରବନ୍ଧ ବ୍ଲକ୍ ର ଚାଣ୍ଡିଭଟ୍ଟା ଗ୍ରାମ ପରିଦର୍ଶନରେ ଯାଇ ସେଠାରେ ଥିବା ଲାଇଫ୍ ଫାର୍ମିଂ ପ୍ରଡ୍ୟୁସର କମ୍ପାନୀରେ ସାମିଲ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଭାବବିନିମୟ କରିଥିଲେ। ସେମାନେ କଳାଧାନ ଓ ମାଣ୍ଡିଆ କିଣି ତାକୁ ଉତମ ପ୍ୟାକେଜିଂ ଏବଂ ବ୍ରାଣ୍ଡିଂ କରୁଥିବାର ଅଧିକ ଚାହିଦା ରହିଛି। ବର୍ତମାନ ବର୍ଷକୁ ସେମାନେ ୪୫ ଲକ୍ଷ ଟଙ୍କାର କାରବାର କରୁଛନ୍ତି। ଓରମାସ୍ ଏହି ଏସ୍‌ଏଚ୍‌ଜିକୁ ପ୍ରୋତ୍ସାହନ ଯୋଗାଇ ଆସୁଛି। ମହିଳାମାନେ ବିକାଶର ଏହି ଅଭିନବ ଉଦ୍ୟମଗୁଡ଼ିକରେ ବିଶେଷ ଆଗ୍ରହ ପ୍ରକାଶ କରୁଥିବା ଲକ୍ଷ୍ୟ କରି ଶ୍ରୀ ତ୍ରିପାଠୀ ସନ୍ତୋଷ ପ୍ରକାଶ କରିଥିଲେ । ଆସନ୍ତାକାଲି ଶ୍ରୀ ତ୍ରିପାଠୀଙ୍କ ବଲାଙ୍ଗୀର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି।

# ପାଣିକୋଇଲିରୁ ଉଦ୍ଧାର ଯୁବତୀ ପୁଲିସ ସହାୟତାରେ ସ୍ୱଧାର ଗୃହରେ ଛଡାଗଲା

କୋରାଇ, ୨୧/୧୨ (ନି.ପ୍ର): ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଜଣେ ଯୁବତୀ ପାଣିକୋଇଲି ଆଙ୍ଗୁଲା ରାସ୍ତାର ଶିବ ମନ୍ଦିରର ଅନତୀ ଦୂରରେ ଛିଡା ହୋଇ ରହିବା ନେଇ ଲୋକମାନେ ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ । ଉକ୍ତ ଯୁବତୀ ଜଣଙ୍କ କିଛି ନଖାଇ ଉପବାସରେ କାହା ସହ କଥା ନହୋଇ ମଧ୍ୟ ଗୋଟିଏ ଯାଗାରେ ଛିଡାହୋଇ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟିତ କରିଥିଲା । ଘଟଣାସ୍ଥଳେ ସମାଜୀକ କର୍ମୀ ତାରିଣୀ ପଟ୍ଟନାୟକ, ଥାନାରୁ ମନମୋହନ ବାରିକ ପହଂଚି ପାଣିକୋଇଲି ପୁଲିସ ସହାୟତାରେ ଉକ୍ତ ଯୁବତୀ ଯୁବତୀ ଜଣଙ୍କୁ ଥାନାକୁ ନେଇଥିଲେ । ମାତ୍ର ଯୁବତୀ ଜଣଙ୍କ କିଛି କହୁନଥିବାରୁ ତାକୁ ଖାଦ୍ୟ ପାନୀୟ ଦେଇ ପୁଲିସ ସହାୟତାରେ ସ୍ୱଧାର ଗୃରେ ଛଡାଯାଇଛି ।

# ବିଶ୍ୱକର୍ମା ମନ୍ଦିରକୁ ଭାଙ୍ଗିଲା ପ୍ରଶାସନ

ନୂଆପଡ଼ା, ୨୧/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହର ଆମ୍ବେଦକର ଛକ ନିକଟରେ ଥିବା ବିଶ୍ୱକର୍ମା ମନ୍ଦିରକୁ ଜେସିବି ଲଗାଇ ଭାଙ୍ଗି ଦେଇଛି ପ୍ରଶାସନ । ସରକାରୀ ଜମିକୁ ଜବରଦଖଲ କରି ମନ୍ଦିର ତିଆରି କରାଯାଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଖଡ଼ିଆଳ ତହସିଲଦାର ସିନ୍ଧୁସୁତା ପାତ୍ରଙ୍କ ଉପସ୍ଥିତରେ ମନ୍ଦିରକୁ ଭଙ୍ଗା ଯାଇଥିଲା । ଏହି ସମୟରେ ମନ୍ଦିର ଟ୍ରଷ୍ଟର କର୍ମକର୍ତା ପ୍ରବଳ ବିରୋଧ କରି ପ୍ରଶାସନ ପାତର ଅନ୍ତର ନୀତି ଅବଲମ୍ବନ କରି ମନ୍ଦିରକୁ ଭାଙ୍ଗୁଥିବା ଅଭିଯୋଗ କରିଥିଲେ । ନୂଆପଡା ଜିଲ୍ଲାର ଏକମାତ୍ର ବିଶ୍ୱକର୍ମା ଟ୍ରଷ୍ଟକୁ ସରକାରୀ ଜମିରେ ତିଆରି କରାଯାଇଛି ବୋଲି ଭାଙ୍ଗି ଦିଆଯାଇଛି । ହେଲେ ଖଡ଼ିଆଳ ସହରରେ ଅନେକ ବ୍ୟକ୍ତି ବିଶେଷ ସରକାରୀ ଜମି ଅକ୍ତିଆର କରିଛନ୍ତି। ଅନେକ ସଂଗଠନ ସରକାରୀ ଜମିରେ ଅନୁଷ୍ଠାନ ମାନ ନିର୍ମାଣ କରି ଗୃହ ନିର୍ମାଣ କରିଛନ୍ତି। ସେହି ଅନଧିକୃତ ସଂଗଠନ ମାନଙ୍କୁ ପ୍ରଶାସନ କେବେ ଭାଙ୍ଗିବ ବୋଲି ବିଶ୍ୱକର୍ମା ଟ୍ରଷ୍ଟର ସମ୍ପାଦକ ଶ୍ରୀବସ୍ତ ବାରିକ ପ୍ରଶ୍ନ କରିଛନ୍ତି । ମନ୍ଦିର ଭଙ୍ଗାଯିବା ସମୟରେ ଖଡ଼ିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଖଡ଼ିଆଳ ଆଇଆଇସି ଅନିରୁଦ୍ଧ ମୁଦୁଲି, ଏନଏସି କର୍ମଚାରୀ, ବ୍ୟାପକ ପୋଲିସ ମୁତୟନ ଥିଲେ ।

# ମହାମାୟା କଲେଜ ପକ୍ଷରୁ ପ୍ରଥମ ବାର୍ଷିକ କ୍ରୀଡା ଉଦ୍‌ଘାଟିତ

ନୂଆପଡ଼ା, ୨୧/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ମହାମାୟା କଲେଜ ପକ୍ଷରୁ ପ୍ରଥମ ବାର୍ଷିକ କ୍ରୀଡା ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ କଲେଜ ଅଧକ୍ଷା ସୁନିତା ତିୱାରୀ ମଶାଲ ଗ୍ରହଣ କରି ବାର୍ଷିକ କ୍ରୀଡା ଉପଲକ୍ଷେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। କ୍ରୀଡ଼ାବୀତ ମନୋଭାବରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ସର୍ବଶ୍ରେଷ୍ଠ ଦେବାକୁ ଚେଷ୍ଟା କଲେ ସଫଳତା ସୁନିର୍ଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ରୂପେ ଖଡ଼ିଆଳ ସ୍ୱୟଂଶାସିତ କଲେଜ ଖେଳ ଅଧାପକ ଡ଼ଃ.ସରୋଜ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ମହାମାୟା ନୂଆପଡା ଖେଳ ଶିକ୍ଷକ ଏମ କୁମାର ଖରସେଲ, ପରୀକ୍ଷିତ, ଦିନେଶ କୁମାର ସତନାମୀ, ମାନସ କୁମାର ମେହେର, ଉତ୍ସ୍ୱ ଚନ୍ଦ୍ର ପାଣିଗ୍ରାହୀ, ଶୈଳେଶ ଚନ୍ଦ୍ର ମହାନ୍ତି, ସୁନିତା ଦାଶ, କଳ୍ପନା ରାଉତ, ଉପେନ୍ଦ୍ର ନାଏକ, ଲିଂକନ ବେହେରା, ସାଇ ବଲ୍ଲଭ ହୋତା, ସଂଜୀବ ପଟେଲ, ରିଚା ନାଏକ,କେ.ପ୍ରିୟା ସ୍ୱାମୀ, ବିଜୟ ଲକ୍ଷ୍ମୀ ଦାଶ, ପୁଷ୍ପାଞ୍ଜଳୀ କୈବର୍ତ୍ତ,ଦ୍ୱେଷ୍ଟ ପଟେଲ, ଧନସିଂ ଦଣ୍ଡସେନା, ଚନ୍ଦ୍ର ଆରୁଖା, ପ୍ରୀତମ ସିଂ,ଲିଜା ରାଣୀ ସମୁଏଲ,ଗୁଲନାଜ ବେଗମ, ବିପିନ ମହାନନ୍ଦ ପ୍ରମୁଖ ସହାୟତା କରିଥିଲେ।

# ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦର ୫୧ତମ ବାର୍ଷିକ କ୍ରୀଡା ଉଦ୍‌ଘାଟିତ

ବଲାଙ୍ଗିର, ୨୧/୧୨ (ନି.ପ୍ର): ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଜିଲ୍ଲାର ୫୧ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତା ଓ ସାଧାରଣ ସଂପାଦକ ହରିନାରାୟଣ ପୂଜାରିଙ୍କ ଆବାହକତ୍ୱ ତଥା କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତା ପାଇଁ ଆଜି ପ୍ରଥମ ଦିନ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୪ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ଓଡିଶା ଅଲମ୍ପିକ ଏସୋସିଏସନ ର ସଭାପତି ଜଗମୋହନ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି କ୍ରୀଡାବିତ୍‌ଙ୍କ ଠାରୁ ଅଭିବାଦନ ଗ୍ରହଣ ପୂର୍ବକ କ୍ରୀଡାଧ୍ୱଜ ଉତ୍ତୋଳନ କରି ପ୍ରତିଯୋଗିତାର ଆରମ୍ଭ ଘୋଷଣା କରିଥିଲେ । ଦକ୍ଷିଣ ଅଷ୍ଟ୍ରେଲିଆର ଏଡିଲେଡ୍ ସହର ସ୍ଥିତ ପାଡିଆଟ୍ରିକ୍ ଇନ୍‌ଟେନ୍‌ସିଭ୍ କେୟାର ୟୁନିଟ, ମହିଳା ଓ ଶିଶୁ ହସ୍‌ପିଟାଲର ସିନିୟର କନ୍‌ସଲଟାଣ୍ଟ ପ୍ରଫେସର ଡା. ଚିତ୍ତ ରଂଜନ ଯୋଷୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କ୍ରୀଡାବିତ୍ ମାନଙ୍କର ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଂଚାସିନ ଥିଲେ ଉପ-ସଭାପତି ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘନ ସିଂହ, କୋଷାଧକ୍ଷ ପ୍ରଭାତ କୁମାର ମିଶ୍ର, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା ଓ ପୂର୍ବତନ ଜିଲ୍ଲା କ୍ରୀଡାଧିକାରୀ ରାଜେନ୍ଦ୍ର ବଡେଇ । ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁନିଲ କୁମାର ବିଶ୍ୱାଲଙ୍କ ସଂଯୋଜନା, ନିର୍ଦ୍ଦେଶନା ଓ ସହଯୋଗରେ କ୍ରୀଡାବିତ୍ ମାନେ ପ୍ୟାରେଡ୍ ରେ କ୍ରୀଡାକ୍ଷେତ୍ର ମଣ୍ଡନ କରିଥିଲେ । ଇଭେଣ୍ଟସ୍ ଗୁଡିକୁ ବରିଷ୍ଠ ଓ ଅଭିଜ୍ଞ କ୍ରୀଡାବିତ୍ ତଥା କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ପୂର୍ବତନ ବିଧାୟକ ରମାକାନ୍ତ ସେଟ, କ୍ରୀଡା ସଂସଦର ବରିଷ୍ଠ ସଭ୍ୟ ଶାନ୍ତନୁ ସାହୁ, ମଧୁ ବାବୁ, ସୁଧିର ଚନ୍ଦ୍ର ପଣ୍ଡା, ଜୟରାମ ମିଶ୍ର, ଭାବଗ୍ରାହୀ ରଥ, ରାଜେନ୍ଦ୍ର ପୁରୋହିତ ସମାରୋହରେ ଉପସ୍ଥିତ ଥିଲେ । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ ଯୁଗ୍ମ ସଂପାଦକ ଶ୍ରୀ ଆଚାର୍ଯ୍ୟ ଓ କ୍ରୀଡା ସଂପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ମନୋହରପୁର ପୋଲିସ ବ୍ୟାଣ୍ଡ ପାର୍ଟି ପ୍ୟାରେଡରେ ସହଯୋଗ କରିଥିଲେ।

ବାଳିକା ୨୩ ବର୍ଷ ବର୍ଗ ୧୦୦ ମି. ରେ ନିରୁପମା ମାଝି, ୧୫୦୦ ମି. ରେ ମନିଷା ହରପାଲ, ଲଙ୍ଗ ଜମ୍ପ ରେ ଟିକେଶ୍ୱର ଭୋଇ, ସର୍ଟପୁଟ ଓ ଡିସକସ ଥ୍ରୋ ରେ ସମୀକ୍ଷା ନନ୍ଦ, ବାଳିକା ୨୦ ବର୍ଷ ବର୍ଗ ୧୦୦ ମି. ରେ ଅନିମା ପଟେଲ, ହାଇଜମ୍ପରେ ଅର୍ପିତା ମିଶ୍ର, ଲଙ୍ଗ ଜମ୍ପ ରେ ଦିପାଲି ସିଂଦେଓ, ବାଳିକା ୧୮ ବର୍ଷ ବର୍ଗ ରେ ୧୦୦ମି.ରେ ରୀତା ସନ୍ୟାସି, ୧୫୦୦ ମି. ରେ ରୀମା ସୁନା, ବାଳିକା ୧୬ ବର୍ଷରେ ତୁଷାର ତନୁଶ୍ରୀ ନାଗ, ୧୪ ବର୍ଷରେ ନମିକା ଦାଶ । ପୁରୁଷ ୧୦୦ମି. ଭକ୍ତ ପୋଡ, ୪୦୦ ମି. ଦିନେଶ ମାଝି, ୧୫୦୦ ମି. ମହେନ୍ଦ୍ର ଥପା, ହାଇଜମ୍ପ ରାଜେଶ କୁମାର ମାରାଣ୍ଡି, ସଟପୁଟ ଓ ଜେଭଲିନରେ ଇଲିଏନ ଖାନ । ବାଳକ ୨୩ ୪୦୦ମି. ଜିତେନ୍ଦ୍ର ମଟାରୀ, ୧୫୦୦ ମି. ଭଜମନ ସୁନା, ବାଳକ ୨୦ ବର୍ଷ ୪୦୦ମି. ରେ ରୋଶନ ପଣ୍ଡା, ୧୫୦୦ମି. ମାନସ ରଂଜନ ପୋଡ, ହାଇଜମ୍ପ ମିଲନ, ବାଳକ ୧୮ ବର୍ଷ ୪୦୦ ମି. ଅନୁଭବ ବୁଡେକ, ୧୫୦୦ମି. ଲିଙ୍ଗରାଜ ମଲ୍ଲିକ, ବାଳକ ୧୬ ବର୍ଷ ୩୦୦ ମି. ସାସ୍ୱତ ବିଶ୍ୱାଲ, ୮୦୦ମି. ଅମନ ବରିହା, ମହିଳା ୧୦୦ ମି. ଗାୟତ୍ରୀ ଧରୁଆ, ୧୫୦୦ ମି. ରେଶ୍ମାରାଣୀ ବାଗ, ଡିସକସ କ୍ରୀଷ୍ଟାମୟୀ ଭନସଲ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

# ଯାତ୍ରୀବାହୀ ଟ୍ରେନ୍ ଚଳାଇବା ଆଳରେ ବିଜେଡି ଶସ୍ତା ରାଜନୀତି କରୁଛି-ବିଜେପି

କେନ୍ଦ୍ରାପଡା, ୨୧/୧୨ (ନି.ପ୍ର): ହରିଦାସପୁର-ପାରାଦ୍ୱୀପ ରେଳପଥରେ ଯାତ୍ରୀବାହୀ ଟ୍ରେନ ଚଳାଇବା ଦାବି କରିବା ସହ ରେଳ ରୋକ କରି ବିଜେଡି ଶସ୍ତା ରାଜନୀତି କରୁଛି । ଜିଲ୍ଲାବାସୀଙ୍କୁ ଭ୍ରମିତ କରିବା ପାଇଁ ଜିଲ୍ଲାର ଅପାରଗ ବିଧାୟକ ଓ ମନ୍ତ୍ରୀମାନେ ପ୍ରକୃତ ସମସ୍ୟାରୁ ଜନ ସାଧାରଣଙ୍କ ଦୃଷ୍ଟି ହଟାଇବା ପାଇଁ ଏଭଳି ବିବୃତି ଦେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛନ୍ତି ବୋଲି ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା ପ୍ରେସ ବିବୃତି ମାଧ୍ୟମରେ ଅଭିଯୋଗ କରିଛନ୍ତି । ୧୯୯୯ ମସିହାରରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ପାଜପେୟୀ ହରିଦାସପୁର-ପାରାଦ୍ୱୀପ ରେଳପଥର ଭିତି ପ୍ରସ୍ତର ସ୍ଥାପନ କରିଥିଲେ ମଧ ଦୀର୍ଘଦିନ ଧରି ଏହି ପ୍ରକଳ୍ପ ସ୍ଥାଣୁ ଅବସ୍ଥାରେ ରହିଥିଲା । ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧିନ ସରକାର ଏହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନିତ୍ୱ କରିବା ସହ ୨୦୨୦ ମସିହା ସେପ୍ଟେମ୍ବର ୨୩ ତାରିଖରେ ଜିଲ୍ଲାକୁ ପ୍ରଥମ କରି ମାଲବାହୀ ରେଳଗାଡି ଯାତାୟତ ଆରମ୍ଭ କରିଛି । ତେବେ ଯାତ୍ରୀବାହୀ ରେଳ ଚଳାଚଳ କରିବାକୁ ହେଲେ ଟ୍ରାକ୍, ସିଗନାଲ, ଷ୍ଟେସନ, ପ୍ଲାଟଫର୍ମ, ଟିକେଟ ଘର ଓ ଯାତ୍ରୀ ମାନଙ୍କ ସୁବିଧା ଓ ସୁରକ୍ଷା ପାଇଁ ରେଳ ବିଭାଗ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ପରୀକ୍ଷା ନିରୀକ୍ଷା କରାଯାଇ ଥାଏ । ରେଳ ନିରାପତା କମିଶନର ଯାତ୍ରୀ ମାନଙ୍କ ସୁରକ୍ଷା ପାଇଁ ସର୍ବେକ୍ଷଣ କରି ଯାତ୍ରୀବାହୀ ରେଳ ଚଳାଇବାକୁ ଅନୁମତି ଦେଇଥାନ୍ତି । ତେବେ କେନ୍ଦ୍ରୀୟ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଭାଗ ଦାୟିତ୍ୱ ନେବାପରେ ଯାତ୍ରୀବାହୀ ରେଳ ଚଳାଚଳ ସମ୍ବନ୍ଧରେ ସ୍ୱଷ୍ଟ ମତ ରଖିଥିବା ବେଳେ ଜିଲ୍ଲାର ବିଜେଡି ନେତାମାନେ ଶସ୍ତା ଲୋକପ୍ରିୟତା ଅର୍ଜନ ଓ ନିଜ ଅସାମର୍ଥ୍ୟ କୁ ଘୋଡାଇବା ପାଇଁ ରେଳ ରୋକ ଭଳି ଆନ୍ଦୋଳନ କରି ବିଭ୍ରାନ୍ତ ସୃଷ୍ଟି କରୁଛନ୍ତି । ସ୍ୱାଧିନତାର ୭୫ ବର୍ଷ ପରେ ଜିଲ୍ଲାକୁ ମୋ ବସ ଚଳାଇବା, ଅଳାଇଲୋର ପାୱାର ପ୍ଲାଣ୍ଟ, ମିତଲ ଷ୍ଟିଲ ପ୍ଲାଣ୍ଟ, ନଦୀ ଭିତିକ ବନ୍ଦର ସ୍ଥାପନ, କେନ୍ଦ୍ରାପଡାରେ ମେଡିକାଲ କଲେଜ, କେନ୍ଦ୍ରାପଡା କଲେଜକୁ ବିଶ୍ୱ ବିଦ୍ୟାଳୟ କରିବା, ପଟ୍ଟାମୁଣ୍ଡାଇ କେନାଲର ତଳ ମୁଣ୍ଡରେ ପାଣି ପହଁଚିବା ଭଳି ବହୁ ଯୋଜନା ଥିଲେ ମଧ ଜିଲ୍ଲାର ବିଜେପି ନେତାମାନେ ସେଥିରେ ମୁଣ୍ଡ ନପୁରାଇ ରେଳ ରୋକ କରି ନିଜର ଅପାରଗ ପଣିଆକୁ ଲୁଚାଉଥିବା ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି ।

# କେନ୍ଦ୍ରାପଡା ବ୍ଲକରେ କୃଷି ରଥ କାର୍ଯ୍ୟକ୍ରମର ଶୁଭାରମ୍ଭ

କେନ୍ଦ୍ରାପଡା, ୨୧/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କୃଷିଭିତିକ କାର୍ଯ୍ୟକ୍ରମର ପ୍ରସାର ପ୍ରଚାର ଲାଗି ରହିଛି । ମଙ୍ଗଳବାର କୃଷକ ମାନଙ୍କୁ ସଚେତନ କରିବା ପାଇଁ "କୃଷି ରଥ"ର ଶୁଭାରମ୍ଭ ହୋଇଛି । ଏହି ରଥକୁ ଆତମାର ଅଧକ୍ଷ ଶ୍ରୀ ଅଶୋକ କୁମାର ବରାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କୃଷି ଅଧିକାରୀ ତୁଷାରକାନ୍ତ ସାମଲ, ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ରାହୁଲ, ସହକାରୀ କୃଷି ଅଧିକାରୀ କଲ୍ୟାଣୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଉନ୍ନତ ଜ୍ଞାନ କୌଶଳ ଏବଂ ସରକାରଙ୍କ ତରଫରୁ ଯୋଗା ଯାଉଥିବା ସୁବିଧା ସୁଯୋଗକୁ ଚାଷୀ ମାନଙ୍କ ନିକଟରେ ପହଁଚାଇବା ପାଇଁ ଏହି ରଥର ମୁଖ୍ୟ ଉଦ୍ଦେଶ୍ୟ । ଏହି ରଥ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀର ସମସ୍ତ ପଂଚାୟତର ଗ୍ରାମ ଗୁଡିକ ବୁଲି କୃଷକ ମାନଙ୍କ ନିକଟରେ ପହଁଚି ସରକାରଙ୍କ କୃଷି ଭିତିକ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇବା ଏହାର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ବରାଳ ପ୍ରକାଶ କରିଛନ୍ତି ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ



ବାରିପଦା, ୨୧/୧୨ (ନି.ପ୍ର): ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମୟୂରଭଞ୍ଜ ତରଫରୁ ଜିଲ୍ଲାସ୍ତରୀୟ ବିଜ୍ଞାନମେଳା ଅତିଥିମାନଙ୍କ ଦ୍ୱାରା ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଉଦ୍‌ଘାଟିତ ହୋଇଯାଇଅଛି। ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀଯୁକ୍ତ ବିନୀତ ଭରଦ୍ୱାଜ ମୁଖ୍ୟ ଅତିଥି, ସ୍ୱତନ୍ତ୍ର ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନିଲ ଅଗ୍ରୱାଲ, ସମ୍ମାନୀତ ଅତିଥିଭାବେ କୃଷି ବିଜ୍ଞାନ କେନ୍ଦ୍ର, ବାରିପଦାର ବରିଷ୍ଠ ବୈଜ୍ଞାନିକ ଡ. ସଂଘମିତ୍ରା ପଟ୍ଟନାୟକ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ବକ୍ତବ୍ୟରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ କୁନି ବୈଜ୍ଞାନିକମାନଙ୍କର ଚିନ୍ତାଧାରାର ବିକାଶ ତଥା ସୁପ୍ତ ଅର୍ନ୍ତନିହିତ ପ୍ରତିଭାର ପରିପ୍ରକାଶ ନିମନ୍ତେ ଉତ୍ସାହିତ କରିବା ସହିତ ଜିଲ୍ଲାସ୍ତରରୁ ଶ୍ରେଷ୍ଠ ବିବେଚିତ ସାତଟି ପ୍ରକଳ୍ପ ରାଜ୍ୟ ସ୍ତରରେ ଯେପରି ସଫଳତାକୁ ଦହରାଇ ଜିଲ୍ଲାର ଗୌରବ ବୃଦ୍ଧି କରିବେ ସେଥିପାଇଁ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନୁରୂପ ଭାବେ ଅତିରିକ୍ତ ଜିଲ୍ଲାପାଳ ବିଜ୍ଞାନମେଳାର ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ପ୍ରକଳ୍ପର ନିର୍ମାଣ କୌଶଳ ଏବଂ ବୈଜ୍ଞାନିକ ଦକ୍ଷତା ବୃଦ୍ଧିରେ ସହାୟକ ହୁଏ ବୋଲି କହିଥିଲେ। କୃଷି ବୈଜ୍ଞାନିକ କେନ୍ଦ୍ର, ବାରିପଦାର ବରିଷ୍ଠ ବୈଜ୍ଞାନିକ ଡ. ସଂଘମିତ୍ରା ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ଲକ୍ଷ୍ୟ ସାଧନ, ଆତ୍ମବିଶ୍ୱାସ, ସୃଜନଶୀଳତା ଓ ଏକ ସୁନ୍ଦର ସ୍ୱପ୍ନ ସେମାନଙ୍କୁ ଭବିଷ୍ୟତରେ ଶ୍ରେୟ ଆଣିଦେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ଓ ଏମ୍.କେ.ସି. ହାଇସ୍କୁଲର ପ୍ରଧାନଶିକ୍ଷକ ଗୌତମ ପାତ୍ର ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅତିରିକ୍ତ ଜିଲ୍ଲାଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ବାରିକଙ୍କ ପୌରହିତରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ଓଡିଶା ଆଦର୍ଶ ବିଦ୍ୟାଳୟ, ଟିଟିଆ, ଗୋପବନ୍ଧୁନଗର ର ଅଧକ୍ଷ ଲିପ୍‌ସା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅତିଥିମାନେ ବିଜ୍ଞାନ ପତାକା ଉତ୍ତୋଳନ କରିବା ସହିତ ଜିଲ୍ଲାପାଳ ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଅତିଥିମାନେ ବିଭିନ୍ନ ପ୍ରଦର୍ଶିତ ପ୍ରକଳ୍ପଗୁଡିକୁ ବୁଲି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାସ୍ତରୀୟ ବିଜ୍ଞାନମେଳାର ପାଞ୍ଚଗୋଟି ବିଷୟବସ୍ତୁକୁ ନେଇ ଆୟୋଜନ କରାଯାଇଅଛି। ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର ଅଗ୍ରସରତା, ପରିବେଶ ସଚେତନତା, ସ୍ୱାସ୍ଥ୍ୟ ଓ ପରିଷ୍କାର ପରିଛନ୍ନତା, ଗମନାଗମନ ଓ ନୂତନ ଉଦ୍ଭାବନ, ଆମ୍ଭମାନଙ୍କ ପାଇଁ ଗଣିତ ପ୍ରଭୃତି ଉପବିଷୟବସ୍ତୁ ଉପରେ ପ୍ରକଳ୍ପଗୁଡିକ ପ୍ରଦର୍ଶିତ ହୋଇଥିଲା। ଏଥିରେ ପ୍ରତ୍ୟେକ ବ୍ଲକ ସ୍ତରରୁ ଶ୍ରେଷ୍ଠ ବିବେଚିତ ପାଞ୍ଚଟି ପ୍ରକଳ୍ପ ସ୍ଥାନ ପାଇବା ସହ ଇନସ୍ପାୟାର ଏୱାର୍ଡ, ୨୦୨୧-୨୨ରେ ମନୋନୀତ ହୋଇଥିବା ୮୩ଟି ପ୍ରକଳ୍ପ ସମେତ ସର୍ବମୋଟ ୨୦୦ଟି ପ୍ରକଳ୍ପ ସ୍ଥାନିତ ହୋଇଛି। ଏହି କାର୍ଯ୍ୟକ୍ରମ ୨ଦିନ ଧରି ଅନୁଷ୍ଠିତ ହେବ। ଆଜିର କାର୍ଯ୍ୟକ୍ରମରେ ଅପରାହ୍ଣ ଓ ସାନ୍ଧ୍ୟ ଅଧିବେଶନରେ ବିଜ୍ଞାନ କୁଇଜ୍, ବିଜ୍ଞାନ ଖେଳ ଓ ବିଜ୍ଞାନ ନାଟକ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ମେଳାକୁ ଅଧିକ ଆକର୍ଷିତ କରିବା ପାଇଁ ଶିକ୍ଷକ ଅଜୟ କୁମାର ଘୋଷଙ୍କ ଦ୍ୱାରା ବାଲୁକା ପ୍ରଦର୍ଶନୀ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶିତ ହୋଇଅଛି। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତି ପଟ୍ଟନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକ, ଏମ୍.କେ.ସି. ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୁଞ୍ଜବାଳା ମହାନ୍ତ, ପୂର୍ବତନ ବିଜ୍ଞାନ ପରିଦର୍ଶକ ଅମିତାଭ ମିଶ୍ର, ନଳୀନ କୁମାର ଚୌଧୁରୀ, ଜଗନ୍ନାଥ ସାହୁ, ରାଇରଙ୍ଗପୁର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ କୁମାର ନନ୍ଦ, ସମଗ୍ର ଶିକ୍ଷାର ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ନିରଞ୍ଜନ ନାୟକ, ବାଳିକା ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ବିଜ୍ଞାନମେଳା ଟିମ୍‌ର ସମସ୍ତ ସଦସ୍ୟ, ଏମ୍.କେ.ସି. ହାଇସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଦ୍ୟୁତ୍ ଶୁଳ୍କ ବଢିଲେ ରାଜରାସ୍ତାରେ....

ମହାସଂଘ ମତପ୍ରକାଶ କରିଛି। ରାଜ୍ୟରେ ବିଭିନ୍ନ ଅ ଳରେ ବିଜୁଳି ସେବାକୁ ନେଇ ଆନ୍ଦୋଳନ କରୁଥିବା ସମସ୍ତ ଖାଉଟି ଓ ଖାଉଟି ସଂଘଗୁଡ଼ିକ ମହାସଂଘର ଛତା ତଳେ ଏକାଠି ହେବାକୁ ମହାସଂଘ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ଏହା ବ୍ୟତୀତ ବିଦ୍ୟୁତ୍ କମ୍ପାନୀ ଗୁଡ଼ିକର ଲାଭକ୍ଷତିର ହିସାବ ସିଏଜି ଦ୍ୱାରା କରିବା, ପ୍ରତିମାସର ନିର୍ଦ୍ଦିଷ୍ଟ ତାରିଖରେ ଖାଉଟିଙ୍କୁ ବିଜୁଳି ବିଲ୍ ଓଡ଼ିଆ ଭାଷାରେ ଯୋଗାଇ ଦେବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏହି ବୈଠକରେ ମହାସଂଘର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ଦାସ, ସିପିଏମ୍ ନେତା ସୁରେଶ ପାଣିଗ୍ରାହୀ, ସିପିଆଇ (ଏମ୍‌ଏଲ) ପକ୍ଷରୁ ପୂର୍ବତନ ବିଧାୟକ ରଧାକାନ୍ତ ସେଠି, ଏନ୍‌ସିପି ରାଜ୍ୟ ସଭାପତି ବକ୍ରମ ସ୍ୱାଇଁ, ଫରୱାର୍ଡ଼ ବ୍ଲକ ରାଜ୍ୟ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ସିପିଆଇ (ଏମଏଲ) ରେଡ଼ଷ୍ଟାର ପକ୍ଷରୁ ନାରୀନେତ୍ରୀ ପ୍ରମିଳା ବେହେରା, ସୌଭାଗ୍ୟ ରାଉତ, କେନ୍ଦ୍ରାପଡ଼ା ବିଦ୍ୟୁତ୍ ଖାଉଟି ମ ର ସଭାପତି ଆଇନଜୀବୀ ଭୀମସେନ ପରିଡ଼ାଙ୍କ ସମେତ ସର୍ବଶ୍ରୀ ଶରତ ଚନ୍ଦ୍ର ବେହେରା, ସଞ୍ଜୟ ନାୟକ, ପ୍ରଫୁଲ୍ଲ ଦାସ ଓ ନାରୀନେତ୍ରୀ ରୀତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତି ମାସରେ ମହାସଂଘର ବୈଠକ ଅନୁଷ୍ଠିତ ହେବା ସହିତ ଭୁବନେଶ୍ୱରର ୬୭ଟି ୱାର୍ଡ଼ରେ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଶାଖା ଗଠନ କରାଯିବ ଓ ବିଭିନ୍ନ ଜିଲ୍ଲାସ୍ତରୀୟ ସମ୍ମିଳନୀ କରାଯାଇ ଟାଟା କମ୍ପାନୀ ଭଳି ବିଦ୍ୟୁତ କମ୍ପାନୀମାନଙ୍କର ଖାଉଟି ଶୋଷଣ ବିରୁଦ୍ଧରେ ଆନ୍ଦେଳନକୁ ଜୋରଦାର କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଛି।

### କରୋନା ନିୟମ ମାନି ଭାରତ ଯୋଡ....

ନିର୍ବାଚନ ସମୟରେ କଟକଣା କଣ ପାଇଁ ଲଗାଯାଇନଥିଲା । ଯଦି ରାହୁଲ ଗାନ୍ଧୀଙ୍କ ଯାତ୍ରାକୁ ରୋକିବା ପାଇଁ ଚିଠି ଲେଖାଯାଉଛି ତେବେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଇଁ ମଧ ସମାନ କଟକଣା ଲାଗୁ କରାଯାଉ ବୋଲି କହିଛନ୍ତି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ।

### ପ୍ରାଥମିକ ଶିକ୍ଷକମାନଙ୍କ ଦାବି ସମ୍ପର୍କରେ ....

ଆଲୋଚନା କରାଯାଇ ଦାବି ଗୁଡିକ ସଂକ୍ରାନ୍ତରେ ଆବଶ୍ୟକ ପ୍ରସ୍ତାବ ସରକାରଙ୍କ ନିକଟରେ ପେଶ କରିବାକୁ ନିଷ୍ପତି ନିଆଯାଇଥିଲା। ଉକ୍ତ ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ, ପ୍ରମୁଖ ଶାସନ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଅଂଶ ଗ୍ରହଣ କରିଥିଲେ।

### ଚୀନରେ କରୋନାର....

ଆତ୍ମୀୟଙ୍କ ଭିଡ ଦେଖିବାକୁ ମିଳିଛି । ବେଜିଂ, ସାଂଘାଇ ଓ ଗୁଆଁଗଝାଓରେ ସହ ଅନ୍ୟ କିଛି ସହରରେ ଦୈନି ସଂକ୍ରମଣ ୨ହଜାରରୁ ଅଧିକ ରହିଛି । ସ୍ଥିତିକୁ ଦୃଷ୍ଟିରେ ରଖି ସ୍କୁଲ ବନ୍ଦ କରାଯାଇ ଅନଲାଇନ ପାଠପଢା ଆରମ୍ଭ କରାଯାଇଛି । ସେପଟେ ଆମେରିକାର ଏକ ସ୍ୱାସ୍ଥ୍ୟ ସଂସ୍ଥା ଆକଳନ କରିଛି ଯେ ୨୦୨୩ ମସିହାରେ ଚୀନ ଦେଖିବ କରୋନା ବିସ୍ଫୋରଣ । ପାଖାପାଖି ୧୦ଲକ୍ଷ ଲୋକଙ୍କ ମୃତ୍ୟୁ ହେବ । ସେପଟେ ଭାରତୀୟ ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ମତରେ ଏଭଳି ସ୍ଥିତିରେ ସଜାଗ ରହିବା ଆବଶ୍ୟକ ବୋଲି କହିଛନ୍ତି ।

### ତାଲିବାନର କଡ଼ା କଟକଣା....

କିଛି ଦିନ ପୂର୍ବରୁ ମିଳିତ ଜାତିସଂଘ ମୁଖ୍ୟ ଗୁଟରେସ ଅର୍ନ୍ତଜାତୀୟ ମଞ୍ଚରେ ଆଫଗାନ ମହିଳାଙ୍କୁ ନେଇ ଚିନ୍ତା ପ୍ରକାଶ କରିଥିଲେ । ମହିଳାଙ୍କ ସ୍ୱାଧୀନତା, ସୁରକ୍ଷା, ଶାନ୍ତି, ଉଚ୍ଚ ଓ ବୈଷୟିକ ଶିକ୍ଷା ଉପରେ ଧ୍ୟାନ ଦେବାକୁ ଅପିଲ କରିଥିଲେ । କିନ୍ତୁ ତାଲିବାନ ସରକାର ଏବେ ଠିକ ବିପରୀତ ନିଷ୍ପତି ନେଇଛନ୍ତି । ସେପଟେ ତାଲିବାନ ଏହି ନିଷ୍ପତିକୁ ଘୋର ନିନ୍ଦା କରିଛି ଆମେରିକା । ଆମେରିକା ବୈଦେଶିକ ସଚିବ ଆଟୋଂନି ବ୍ଲିଙ୍କେଂନ କହିଛନ୍ତି ଆଫଗାନିସ୍ଥାନରେ ରହୁଥିବା ସମସ୍ତଙ୍କ ଅଧିକାର ପ୍ରତି ସମ୍ମାନ ନଜଣାଇବା ଉଚିତ । ଏଭଳି ନିଷ୍ପତି ନିନ୍ଦନୀୟ । ଭବିଷ୍ୟତରେ ଆଫଗାନ ପାଇଁ ଏଭଳି ନିଷ୍ପତି ବଡ ସମସ୍ୟା ଆଣିପାରେ ।

## ଖଇରା ହାଇସ୍କୁଲରେ ସ୍ୱଚ୍ଛ ଭାରତ, ସ୍ୱଚ୍ଛ ବିଦ୍ୟାଳୟ

ଖଇରା, ୨୧/୧୨ (ନି.ପ୍ର): ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୧୬ତାରିଖ ଦିନ ଖଇରା ହାଇସ୍କୁଲ ପରିସରରେ ସ୍ୱଚ୍ଛ ଭାରତ ସ୍ୱଚ୍ଛ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇ ଯାଇଛି । ପ୍ରଥମେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ବିଦ୍ୟାଳୟରେ ସଫେଇ କରାଯାଇଥିଲା । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ବିଷୟ ଉପରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ସାହୁ ଏହାକୁ ଉଦ୍ଘାଟନ କରିଥିଲେ । ସହକାରୀ ଶିକ୍ଷକ ନରୋତ୍ତମ ପୁଛି ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ସୂର୍ଯ୍ୟକାନ୍ତ ବାରିକ, ସୁପରଭାଇଜର ମୁକ୍ତିକାନ୍ତ ପଣ୍ଡା, ବିଡିଏମ ରବିନ୍ଦ୍ର ପାଲ ଏବଂ ଜୀବନ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ବୁନ୍ଦାଏ ବି ପାଣି ନଷ୍ଟ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ସମସ୍ତଙ୍କ ମୁହଁରେ ହସ, ପାଣି ପାଇଁ ଅପେକ୍ଷାରୁ ମୁକ୍ତି । ୫ଟି ଉପକ୍ରମ ରେ ରାଜ୍ୟର ୧୯ଟି ସହରରେ ୨୪ ଘଣ୍ଟିଆ ଡ୍ରିଙ୍କ ଫ୍ରମ ଟ୍ୟାପ ପ୍ରକଳ୍ପ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି । ଉପଭୋକ୍ତାମାନେ ସେମାନଙ୍କ ଖୁସି ବ୍ୟକ୍ତ କରି କହିଲେ ଯେ ପାଣି ପାଇଁ ଘଣ୍ଟା ଘଣ୍ଟା ଧରି ଧାଡି ବାନ୍ଧି ଅପେକ୍ଷା କରିବା, ପାଣିକୁ ସାଇତି ରଖିବା ଆଦି ସବୁ ଜଞ୍ଜାଳରୁ ମୁକ୍ତି ମିଳିଛି । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୋଟି କୋଟି ଧନ୍ୟବାଦ। ଆଜି ଲୋକସେବା ଭବନର କନ୍‌ଭେନସନ ହଲରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୫ଟି ଉପକ୍ରମ ରେ ରାଜ୍ୟର ୧୯ଟି ସହରରେ ୨୪ଡ୭ ଡ୍ରିଙ୍କ ଫ୍ରମ ଟ୍ୟାପ ପ୍ରକଳ୍ପ ଲୋକାର୍ପିତ କରିଛନ୍ତି। ଏହି ସହର ଗୁଡିକ ହେଲା –




ଭୁବନେଶ୍ୱର, କଟକ, ନିମାପଡା, ବ୍ରହ୍ମପୁର, ଗୋପାଳପୁର, ରାଉରକେଲା, ସୁନ୍ଦରଗଡ, ବୀରମିତ୍ରପୁର, ରାଜଗାଙ୍ଗପୁର, କେନ୍ଦୁଝର, ଯୋଡା, ବଡବିଲ୍ ?, ଚମ୍ପୁଆ, ଆନନ୍ଦପୁର, ବାରିପଦା, ରାଇରଙ୍ଗପୁର, ଉଦଳା, କରଞ୍ଜିଆ ଓ ବ୍ୟାସନଗର । ଏହିସବୁ ସହର ଗୁଡିକର ୫.୫୦ ଲକ୍ଷ ଲୋକ ଏଥିରୁ ଉପକାର ପାଇଲେ । ସୂଚନାଯୋଗ୍ୟ ଯେ ପୂର୍ବରୁ ୫ଟି ଉପକ୍ରମ ରେ ପୁରୀରେ ସବୁ ଲୋକଙ୍କୁ ଡ୍ରିଙ୍କ ଫ୍ରମ ଟ୍ୟାପ ସୁବିଧା ମିଳିଥିଲା। ଆଜି ଗୋପାଳପୁରରେ ମଧ, ରାଜ୍ୟର ଦ୍ୱିତୀୟ ସହର ଭାବରେ ଶତ ପ୍ରତିଶତ ଲୋକଙ୍କୁ ଡ୍ରିଙ୍କ ଫ୍ରମ ଟ୍ୟାପ ବ୍ୟବସ୍ଥାର ସୁବିଧା ମିଳିଲା। ଏହାବ୍ୟତୀତ ଖୋର୍ଦ୍ଧା, ଜଟଣୀ ଓ ହିଞ୍ଜିଳିକାଟୁ ସହର ପାଇଁ ମୁଖ୍ୟମନ୍ତ୍ରୀ ଡ୍ରିଙ୍କ ଫ୍ରମ ଟ୍ୟାପ କାର୍ଯ୍ୟକ୍ରମର ଆରମ୍ଭ ଘୋଷଣା କରିଥିଲେ । ଏହାଦ୍ୱାରା, ଏହି ୩ଟି ସହରର ୧.୫୦ ଲକ୍ଷ ଲୋକ ଉପକାର ପାଇବେ । ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତି ପରିବାରକୁ ଭଲ ପିଇବା ପାଣି ଯୋଗାଇବା ମୋର ବହୁତ ଦିନର ସ୍ୱପ୍ନ ଏବଂ ଏହା ସବୁବେଳେ ମୋ ସରକାରର ପ୍ରାଥମିକତା ହୋଇ ରହିଛି। ୧୯ଟି ସହରକୁ ଡ୍ରିଙ୍କ ଫ୍ରମ ଟ୍ୟାପ ସେବାରେ ଯୋଡି, ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଏକ ଐତିହାସିକ ଦିନ । ଜଳ ଆମ ସମସ୍ତଙ୍କ ପାଇଁ ଅମୂଲ୍ୟ। ତେଣୁ ଆମେ ଏହାକୁ ଉପଯୁକ୍ତ ଭାବେ ବ୍ୟବହାର କରିବା ଉଚିତ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ ଗୋଟିଏ ବି ବୁନ୍ଦା ଜଳ ନଷ୍ଟ ନ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଳ ହେଉଛି ଜୀବନ। ଜନସ୍ୱାସ୍ଥ୍ୟ ଓ ଦୈନନ୍ଦିନ ଜୀବନର ସୁବିଧା ପାଇଁ ସ୍ୱଚ୍ଛ ଜଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୫ଟି ଉପକ୍ରମ ରେ ଏହି ସୁବିଧା ଦ୍ୱାରା ଜନସାଧାରଣଙ୍କ ଜୀବନ ଧାରଣ ମାନରେ ପ୍ରଭୂତ ଉନ୍ନତି ଆଣିବ ।

## ଜାତୀୟ ଗଣିତ ଦିବସର ଅନ୍ତରାଳେ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଏହା କହି ସେ ଖୁବ୍ ଦୁଃଖ ପ୍ରକାଶ କଲେ ।

ମାତ୍ର ହାସ୍ୟରସ ପ୍ରିୟ ରାମାନୁଜନ୍ ହସି ହସି ତତ୍‌କ୍ଷଣାତ୍ କହିଲେ ୧୭୨୯ ସଂଖ୍ୟାଟି ଅତି ସୁନ୍ଦର । କାରଣ ଏହାକୁ ଦୁଇଟି ସଂଖ୍ୟାର ଘନଫଳର ସମଷ୍ଟିରୁ ପ୍ରକାଶ ସମ୍ଭବ । ଯେମିତି $୧^୩ + ୧୨^୩$ = ୧+୧୭୨୮= ୧୭୨୯ ଓ $୯^୩ + ୧୦^୩$ = ୭୨୯+୧୦୦୦=୧୭୨୯ । ଏଥିରୁ ତାଙ୍କର ଗଣିତ ଜ୍ଞାନର ଉତ୍କର୍ଷତା ବେଶ୍ ଅନୁମେୟ । ଇଂଲଣ୍ଡର ବିଭିନ୍ନ ଦାମୀ ଡାକ୍ତରଖାନା ଓ ବହୁ ଗୁଣି, ଜ୍ଞାନୀ ଓ ଅଭିଜ୍ଞ ଡାକ୍ତରମାନଙ୍କର ଆପ୍ରାଣ ଚେଷ୍ଟା ଓ ଆନ୍ତରିକ ଉଦ୍ୟମ ତାଙ୍କୁ ଯକ୍ଷ୍ମା ରୋଗରୁ ମୁକ୍ତି ଦେଇ ପାରିଲା ନାହିଁ । ଇଂଲଣ୍ଡର ଜଳବାୟୁ ତାଙ୍କ ପାଇଁ ପ୍ରଧାନ ବାଧକ ହେବା ସହ ଯକ୍ଷ୍ମାରୋଗ ପାଇଁ ବି ଉପଯୁକ୍ତ ଔଷଧର ଉଦ୍‌ଭାବନ ହୋଇନଥାଏ । ଇଂଲଣ୍ଡର ଡାକ୍ତର, ଶୁଭେଚ୍ଛୁ ତଥା ପ୍ରଫେସର ହାର୍ଡ଼ିଙ୍କର ଅନୁରୋଧ କ୍ରମେ ସେ ଫେବୃଆରୀ ୨୭ ତାରିଖରେ ୧୯୧୯ରେ ଇଂଲଣ୍ଡ ତ୍ୟାଗ କରି ମାର୍ଚ୍ଚ ୨୭ ତାରିଖରେ ବମ୍ବେରେ ପହଞ୍ଚିଲେ । ବମ୍ବେରେ ତାଙ୍କର ମାଆ ଓ ଭାଇ ତାଙ୍କୁ ସାଙ୍ଗରେ ଧରି ଏପ୍ରିଲ ଦୁଇ ତାରିଖରେ ମାଦ୍ରାଜ୍‌ରେ ପହଞ୍ଚିଲେ । ଏହା ପରେ ପ୍ରାୟ ଦୀର୍ଘ ୯ ମାସ କାଳ ରାମାନୁଜନ୍ ମାନ୍ଦ୍ରାଜ୍ କାବେରୀ ନଦୀ କୂଳସ୍ଥ ଏକ ଗ୍ରାମ କୁଦୁମୁଦୀ କୁମ୍ଭକନମ୍ ଆଦି ବିଭିନ୍ନ ସ୍ଥାନରେ ବାସ କରିଥିଲେ । ଏହାପରେ ୧୯୨୦ ମସିହା ଜାନୁଆରୀ ମାସରେ ତାଙ୍କୁ ମାନ୍ଦ୍ରାଜ୍ ନିଆଗଲା । ମାନ୍ଦ୍ରାଜ୍‌ର ସରକାରୀ ଯକ୍ଷ୍ମାରୋଗୀ ବିଶେଷ ଡାକ୍ତର ପିଏସ୍ ଚନ୍ଦ୍ରଶେଖର ଆୟର ଓ ଅନ୍ୟାନ୍ୟ ଅଭିଜ୍ଞ ଡାକ୍ତର ତାଙ୍କର ଚିକିତ୍ସା ଦାୟିତ୍ୱ ନେଲେ । ସମସ୍ତ ପ୍ରକାରର ଶ୍ରେଷ୍ଠ ଚିକିତ୍ସା ମିଳିଲା ଓ ପାଖରେ ପତ୍ନୀ ଜାନକୀ ସମସ୍ତ ପ୍ରକାରର ସେବା ଓ ସୁଶ୍ରୁଷା କଲେ । ମାତ୍ର ଏ ସବୁ ସତ୍ତ୍ୱେ ସେ ସୁସ୍ଥ ହୋଇ ପାରିନଥିଲେ । କ୍ରମଶଃ ସ୍ୱାସ୍ଥ୍ୟବସ୍ଥା ଖରାପ ଆଡ଼କୁ ଗତିଗଲା । ରାମାନୁଜନ୍ ୧୯୨୦ ମସିହା ଏପ୍ରିଲ ମାସ ୨୬ ତାରିଖ ସୋମବାର ଦିନ ମାନ୍ଦ୍ରାଜ୍ ନିକଟସ୍ଥ ଚେତପୁର ଠାରେ ତାଙ୍କର ଶେଷନିଶ୍ୱାସ ତ୍ୟାଗ କଲେ ।

ଦାରିଦ୍ର ଓ ଅଭାବରେ ଜୀବନ ଅତିବାହିତ ହୋଇଥିଲେ ମଧ ତାଙ୍କର କେବେ ବି ଧନ ସମ୍ପତି ପ୍ରତି ଲାଳସା ନଥିଲା । ମାତ୍ର ଗଣିତ ଶିକ୍ଷା ତଥା ଗଣିତରେ ନୂତନ ତଥ୍ୟ ଉଦ୍‌ଭାବନ କରିବାରେ ତାଙ୍କର ଖୁବ୍ ଲୋଭ ଥିଲା । ସେ ଜଣେ ଗଣିତ ମନସ୍କ ବ୍ୟକ୍ତି ଥିଲେ । ତାଙ୍କର ମୃତ୍ୟୁରେ ବିଶ୍ୱର ଗଣିତ ପ୍ରେମୀ, ଭାରତର ଗଣିତଜ୍ଞ ତଥା ଭାରତବାସୀ ମ୍ରିୟମାଣ ହୋଇପଡ଼ିଲେ । ତାଙ୍କର କୃତି ଓ କୀର୍ତ୍ତୀକୁ ସମ୍ମାନ ଜଣାଇ ୨୦୧୨ ମସିହାଠାରୁ ତାଙ୍କର ଜନ୍ମଦିବସକୁ 'ଜାତୀୟ ଗଣିତ ଦିବସ' ଭାବେ ପାଳିତ ହେଉଛି ।

+ ଶୋଭାରାମପୁର, ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୮୪

## ଦୁଇ ପଂଚାୟତ କଂଗ୍ରେସ ସଭାପତିଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ବସ୍ତା, ୨୧/୧୨ (ନି.ପ୍ର): ବସ୍ତା ର ବିକାଶ କେବଳ କଂଗ୍ରେସ ସରକାର ସମୟରେ ହୋଇଥିଲା ତା ପରେ ବସ୍ତା ର ବିକାଶ ନାହିଁ କେବଳ ବିନାଶ ଚାଲିଛି ସମଗ୍ର ବସ୍ତା ଅଂଚଳ କୁ ଯେଉଁ ପ୍ରକଳ୍ପ ଆସୁଛି ତାକୁ ଚଟକତା କରି ବାଟବଣା କରାଯାଉଛି। କେନ୍ଦ୍ର ରେ ବିଜପି ଓ ରାଜ୍ୟ ରେ ବିଜେଡି ସରକାର ଆଗାମୀ ଭବିଷ୍ୟତ ପିଢ଼ିକୁ ଅନ୍ଧାର କୁ ନେଇଯାଉଛନ୍ତି। ଆଜି ବସ୍ତା ବ୍ଲକ ଅନ୍ତର୍ଗତ ରାଉତପଡା ଓ ଗଡପଦା ପଂଚାୟତ ର ନୂତନ କଂଗ୍ରେସ ସଭାପତିଙ୍କ ସମ୍ବର୍ଦ୍ଧନା ଉତ୍ସବ ରେ କଂଗ୍ରେସ ନେତୃତ୍ୱ ମାନେ ଖୋବ୍ ବର୍ଷିଥିଲେ ଗଡପଦା ଛକ ଠାରେ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଙ୍କ ସଭାପତିତ୍ୱ ରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନାଙ୍କ ପରିଚାଳନା ରେ ଆୟୋଜିତ ସଭାରେ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି ବସ୍ତା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ବିଜନ ନାୟକ ଉଦବୋଧନ ଦେଇଥିଲେ ପ୍ରାରମ୍ଭ ରେ ସଂସଦୀୟ ନେତା ନବଜ୍ୟୋତି ପଟ୍ଟନାୟକ ଉପସ୍ଥିତ କର୍ମୀ ଓ ନେତୃତ୍ୱ ଙ୍କୁ ମୋବାଇଲ ରେ ବାର୍ତ୍ତା ଦେଇଥିଲେ। ଦୁଇ ନବ ନିଯୁକ୍ତ ସଭାପତି ରାଉତପଡା ପ୍ରଦୀପ ଦେ ଓ ଗଡପଦା ପଂଚାୟତ ଚକ୍ରଧର ମହାନ୍ତି ଙ୍କୁ ଉପସ୍ଥିତ ନେତୃତ୍ୱ ମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମେ ରାଉତପଡା ପଂଚାୟତ ନୁଆ ଗାଁ ଷ୍ଟେସନ ଠାରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରା ସଭା ସ୍ଥଳକୁ ଯାଇଥିଲା।

## ଚମକିବ ନୀଳଗିରିର ପଥରଶିଳ୍ପ

ନୀଳଗିରି, ୨୧/୧୨ (ନି.ପ୍ର): ପଥରକୁ ନିହାଣମୁନରେ ଅତିସୁନ୍ଦର ଭାବରେ ରୂପଦେଇ ଜୀବନ୍ତ କରି ଗଢ଼ି ତୋଳିଥିବା ନୀଳଗିରିର ପଥରଶିଳ୍ପଙ୍କ ପାଇଁ ଖୁସି ଖବର । ନିଜର ଜନ୍ମଦିନ ଅବସରରେ ପ୍ରସିଦ୍ଧ ଶୈବପୀଠ ପଂଚଲିଙ୍ଗେଶ୍ୱର ପରିଦର୍ଶନରେ ଆସିଥିଲେ ଓଡ଼ିଶା ସରକାରଙ୍କ ଶିଳ୍ପ, ଶକ୍ତି ଏବଂ ଏମ.ଏସ.ଏମ.ଇ. ମନ୍ତ୍ରୀ ପ୍ରତାପ କେଶରୀ ଦେବ । ବାବା ପଂଚଲିଙ୍ଗେଶ୍ୱର ଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ । ଏହି ଅବସରରେ ନୀଳଗିରିର ଉପଖଣ୍ଡ ଔପଦା ବ୍ଲକ ବଉଳଗଡ଼ିଆ ଅଂଚଳର ବହୁ ପଥର ଶିଳ୍ପୀ କାରିଗର ମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅବଗତ କରିଥିଲେ । ଏହି ପଥର କାରିଗରମାନେ ଓଡ଼ିଶା ସମେତ ଦେଶ ବିଦେଶରେ ଅନେକ ଖ୍ୟାତି ଅର୍ଜନ କରିଥିବା ବେଳେ ଦେଶ ପାଇଁ ଅନେକ ସୁନାମ ଆଣିଛନ୍ତି । ଏହି ଶିଳ୍ପୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୀଳଗିରି ପଂଚଲିଙ୍ଗେଶ୍ୱର ଠାରେ ୧୦ଏକର ଜାଗାରେ ଏକ ଶିଳ୍ପକରଡିର ଏବଂ କ୍ରାଫ୍ଟ ଭିଲେଜ ପାଇଁ ସ୍ଥାନ ଚିହ୍ନଟ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହିତ ଖୁବ୍ ଶୀଘ୍ର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସହିତ ସହମତିରେ କ୍ଲଷ୍ଟର ନିର୍ମାଣ କରିବାକୁ ମନ୍ତ୍ରୀ ଶ୍ରୀ ଦେବ ପ୍ରତିଶୃତି ଦେଇଛନ୍ତି । ପୁରୀର ରଘୁରାଜପୁର ପରି କ୍ରାଫ୍ଟ ଭିଲେଜ ପଂଚଲିଙ୍ଗେଶ୍ୱର ଠାରେ ନିର୍ମାଣ ହେଲେ ଦେଶ ବିଦେଶର ଅନେକ ପର୍ଯ୍ୟଟକ ଗୋଟିଏ ସ୍ଥାନରେ ପଥରର ସୁନ୍ଦର ମୂର୍ତ୍ତି ଓ କାରୁକାର୍ଯ୍ୟ ଦେଖିପାରିବେ । ଶିଳ୍ପ କରିଡର ନିର୍ମାଣ ହେଲେ ପଥର ଶିଳ୍ପୀମାନେ କ୍ଷୁଦ୍ରଶିଳ୍ପ ସହ ଜଡ଼ିତ ହୋଇ ପାରିବେ । ଏଥି ସହିତ ମେକ୍ ଇନ୍ ଓଡ଼ିଶା ସହ ଯୋଡ଼ି ସହଜରେ ଋଣ ପାଇ ପାରିବେ ଏବଂ ନିଜ ଜୀବିକା ନିର୍ବାହ କରିପାରିବେ । ପଂଚଲିଙ୍ଗେଶ୍ୱର ଠାରେ ଏକ ୩୩ କେଭି ଗ୍ରୀଡ ସ୍ଥାପନ ପାଇଁ ହୋଇଥିବା ଦାବୀକୁ ମନ୍ତ୍ରୀ ଖୁବ୍ ଶୀଘ୍ର ଏ ବିଷୟରେ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ । ମନ୍ତ୍ରୀଙ୍କ ସହ ସ୍ଥାନୀୟ ସନ୍ତୋଷ ଖଟୁଆ, ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ସ୍ଥାନୀୟ ସରପଂଚ ପୁରସ୍ତମ ସେଠୀ, ୧୩ନଂ. ଜୋନ୍ ଜିଲ୍ଲାପରିଷଦ ଗତିକୃଷ୍ଣ ନନ୍ଦ, ନୀଳଗିରି ଏନ.ଏ.ସି. ସଭାପତି ରବିନ୍ଦ୍ର ପରିଡ଼ା, ଯୁବ୍ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ ପୂର୍ବତନ ଜିଲ୍ଲା ପରିଷଦ ଶୁଭେନ୍ଦୁ ଶେଖର ଜେନା, ଶ୍ୟାମସୁନ୍ଦରପୁର ବିଜେଡି ସଭାପତି କପିଳ ସାମଲ, ପରିବେଶବିତ୍ ମନୋରଂଜନ ଦାସ, ସି.ପି.ଆଇ. ନେତା କୈଳାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ପଳସା ଧାନମଣ୍ଡି ଉଦ୍‌ଘାଟନ କଲେ ବ୍ଲକ ଅଧ୍ୟକ୍ଷା

ଖଇରା, ୨୧/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ସେବା ସମବାୟ ସମିତିର ଧାନମଣ୍ଡି କୁ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମଙ୍ଗଳବାର ଅପରାହ୍ନରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ପ୍ରଥମ ଚାଷୀ ଭାବେ ନାରାୟଣ ପତିଙ୍କ ଠାରୁ ୫୦କୁଇଣ୍ଟାଲ ଧାନ କିଣାଯାଇଥିଲା । ଉକ୍ତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବୋର୍ଡ ସଭାପତି ହେମନ୍ତ କୁମାର ପୃଷ୍ଟି,ପଳସା ସରପଞ୍ଚ ମନୋରଞ୍ଜନ ସାହୁ,ନହଙ୍ଗ ସରପଞ୍ଚ ରବିନ୍ଦ୍ର ନାୟକ, ସମ୍ପାଦକ ରାଜେଶ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସମସ୍ୟା ଘେରରେ କଷାଫଳ ନୋଡାଲ ୫ଟି ହାଇସ୍କୁଲ : ତିନି ଶ୍ରେଣୀକୁ ଜଣେ ଶିକ୍ଷକ

ଲଙ୍ଗଳେଶ୍ୱର, ୨୧/୧୨ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେବା କଥା କହି ଲକ୍ଷ ଲକ୍ଷ କୋଟି ଟଙ୍କା ବ୍ୟୟ କରୁଥିଲେ ହେଁ ସଦର ବ୍ଲକ ଅନ୍ତର୍ଗତ କଷାଫଳ ଭଗବାନ ଚନ୍ଦ୍ର ନୋଡାଲ ସରକାରୀ ୫ଟି ହାଇସ୍କୁଲ ବହୁ ସମସ୍ୟା ଓ ଦୁର୍ଦ୍ଦଶାରେ ଗତି କରୁଛି। ସ୍ଥାନୀୟ ନେତା ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଭ୍ରୁକ୍ଷେପ ନାହିଁ ବୋଲି ଅଭିଯୋଗ ହୋଇଛି। ଖବର ନେବାରୁ ଜଣା ଯାଇଛି ଏହି ହାଇସ୍କୁଲ ୫ଞ ରେ ଅନ୍ତର୍ଭୁକ୍ତ ହୋଇ ସ୍ମାର୍ଟ କ୍ଲାସ, ପ୍ରୋଜେକ୍ଟର, ବେଞ୍ଚ ଡେସ୍କ, ଇତ୍ୟାଦି ଚକାଚକ ହେବା ସହ ଘର ବାହାର ଚଟାଣ ରେ ଟାଇଲ ବସିବା ଓ ସ୍କୁଲ ଗୃହ ରଙ୍ଗ ଦିଆଯାଇ ଚକା ଚକ ହୋଇଛି।କିନ୍ତୁ ଛାତ୍ରଛାତ୍ରୀ ମାନେ ପାଠ ପଢିବା ପାଇଁ ଯଉଁ ଅସଲ କଥା ଶିକ୍ଷକ ସେଇଟା ନାହିଁ।ଖବର ନେବାରୁ ଜଣାଯାଇଛି ଏଇ ସ୍କୁଲ ରେ ବ୍ଲକ ଶିକ୍ଷା ଅଧିକାରୀ ଙ୍କ ଅନ୍ତର୍ଭୁକ୍ତ ରେ ଥିବା ଷଷ୍ଠ ସପ୍ତମ ଓ ଅଷ୍ଟମ ତିନୋଟି ଶ୍ରେଣୀରେ ୨୧୩ଜଣ ଛାତ୍ରଛାତ୍ରୀ ଅଧୟନ କରୁଥିଲେ ହେଁ ୬ଜଣ ଶିକ୍ଷକ ରହିବା ପରିବର୍ତ୍ତେ ମାତ୍ର ଜଣେ ଶିକ୍ଷକ ପାଠ ପଢ଼ାଉଛନ୍ତି। ତେବେ ତିନି ଶ୍ରେଣୀ ର ୨୧୩ ପିଲାକୁ ଜଣେ ଶିକ୍ଷକ ପାଠ ପଢା ହେଉଛି ନା ଗୋରୁ ମଣା ହେଉଛି ବୋଲି ଲୋକ ପ୍ରଶ୍ନ କରିଛନ୍ତି।ଦୀର୍ଘଦିନ ଧରି ଶିକ୍ଷକ ନ ଥିବା ଯୋଗୁ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେବାର ଅଭିଯୋଗ କରି ଛାତ୍ର ଅବିଭାବକ ଓ ସ୍କୁଲ ପରିଚାଳନା କମିଟିର ସଦସ୍ୟ ମାନେ ବାଲେଶ୍ୱର ବି ଇ ଓ, ଡି ଇ ଓ, ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ ସାଂସଦଙ୍କ ଠାରେ ବାରମ୍ବାର ଲିଖିତ ଦାବି କରିଥିଲେ ମଧ ଏଯାଏଁ କିଛି ସୁଫଳ ମିଳୁନି। ପିଇବା ପାଣି ପାଇଁ ଯଦିଓ ମଟର ଓ ପାଣି ପାଇପ ଅଛି କିନ୍ତୁ କାମ କରେନି।ନଳ କୂଅ ନଥିବା ଯୋଗୁଁ ସ୍କୁଲର ପାଞ୍ଚ ଶହ ପିଲା ପିଇବା ପାଣି ପାଇଁ ଡହଳ ବିକଳ ହୁଅନ୍ତି। ସେମିତି ପାଇଖାନା ଘର ଦୀର୍ଘଦିନ ଧରି ଅଧା ପନ୍ତରୀୟ। ହୋଇ ପଡ଼ିଥିବା ଯୋଗୁଁ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଶିକ୍ଷକ ନିଯୁକ୍ତି ନ ହେଲେ ଛାତ୍ରଛାତ୍ରୀ ମାନେ ପାଠ ନ ପଢି ମୂର୍ଖ ହେବା ନିଶ୍ଚିତ।ଖୁବଶୀଘ୍ର ଶିକ୍ଷକ ନିଯୁକ୍ତି ସହିତ ପାଣି ପାଇଖାନା ସମସ୍ୟାର ସମାଧାନ ନ ହେଲେ ସ୍କୁଲରେ ଆନ୍ଦୋଳନ ହେବ ବୋଲି ସ୍କୁଲ ପରିଚାଳନା କମିଟିର ସଭାପତି ଗୌର ଗୋପାଳ ମଣ୍ଡଳ, ଉପ ସଭାପତି ପ୍ରତିମା ଜେନା, ମନୋଜ ମଣ୍ଡଳ ଅକ୍ଷୟ ଜେନା, ଅରୁଣ ବାଗ, ସଞ୍ଜୟ ପାତ୍ର, ଅନୁପ ପାତ୍ର, ଅନୁରାଧା ଘଡେଇ, ସୁକାନ୍ତି ମଣ୍ଡଳ, ବେବି ରାଣୀ ମୁଖୀ, ଜୟନ୍ତୀ ପାତ୍ର, ଅନନ୍ତ ଦାସ, ଉଦୟ ମଣ୍ଡଳ, ତରୁଣ ଖଟୁଆ ପ୍ରମୁଖ ଅବିଭାବକ ମାନେ ଚେତାବନୀ ଦେଇଛନ୍ତି।

## ବାରିପଦା ବ୍ଲକ ସ୍ତରୀୟ ଆନ୍ତଃ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ




ବାରିପଦା, ୨୧/୧୨ (ନି.ପ୍ର): ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡିଆରେ ବାରିପଦା ବ୍ଲକ ସ୍ତରୀୟ ଆନ୍ତଃ ବିଦ୍ୟାଳୟ ଖେଳ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବାରିପଦା ବ୍ଲକ ଓ ମ୍ୟୁନିସିପାଲିଟି ଅନ୍ତର୍ଗତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ ଓ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଓ ୧୫ ନଂ ୱାର୍ଡ କାଉନସିଲର ନିରୁପମା ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଏହି ଖେଳକୁଦ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସାଙ୍ଗଠନିକ ସମ୍ପାଦକ କଳ୍ପନା ମହାନ୍ତ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଓ ବିଭିନ୍ନ ବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ଓ କ୍ରିକେଟ ସମେତ ୧୪ ବର୍ଷ ଓ ୧୬ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବିଭାଗରେ ଦୌଡ଼, ଡିଆଁ, ଡ଼ିସକାସ ଓ ସଟପୁଟ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିରସିଂ ମାଝୀ ୮୦୦ ମି, ୧୫୦୦ମି ଓ ୩୦୦୦ମି, କାଜଲ ମୁର୍ମୁ ୧୦୦ ମି ଓ ୨୦୦ ମି, ଲିଲିମଣି ସିଂହ ୪୦୦ ମି, ୮୦୦ ମି, ୧୫୦୦ ମି ଓ ୩୦୦୦ ମି, ବାଲହି ମୁର୍ମୁ ୧୦୦ ମି, ୨୦୦ ମି, ୪୦୦ ମି ଓ ୬୦୦ ମି, କିସୁନ ବାସ୍କେ ୧୦୦ ମି ଓ ୨୦୦ ମି, ସୁକୁଲ ବାସ୍କେ ୪୦୦ ମି ଓ ୬୦୦ ମି ଦୌଡ଼ରେ , ମୁନି ହେମ୍ବ୍ରମ ଉଚ୍ଚ ଡିଆଁ ଓ ଲମ୍ବ ଡିଆଁ, ତୁଳସୀ ମୁର୍ମୁ ସଟପୁଟ ଓ ଡ଼ିସକାସ ଥ୍ରୋ, ଲକ୍ଷ୍ମଣ ହେମ୍ବ୍ରମ ଉଚ୍ଚ ଡିଆଁ ଓ ଡ଼ିସକାସ ଥ୍ରୋରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଓ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ପଟ୍ଟନାୟକ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ ।

# ବାଲେଶ୍ୱରରେ ନାରାବାଜିରେ ଚାଲିଛି ବିକାଶ : ବିଜେପି

ବାଲେଶ୍ୱର, ୨୧/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ତାଙ୍କର 'ବାଲେଶ୍ୱରର ଦାୟିତ୍ୱ'କୁ ମନେପକାଇଛି ବିଜେପି । ପ୍ରତିଶ୍ରୁତି ପାଳନ ନାମରେ ରାଜ୍ୟ ସରକାର ନାରାବାଜି ମଧ୍ୟରେ ବିକାଶର ସ୍ୱପ୍ନ ଦେଖାଇଛନ୍ତି ବୋଲି ଅଭିଯୋଗ ଉଠାଇଛନ୍ତି ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ କୁମାର ଦତ୍ତ । ଦୀର୍ଘ ୨୩ବର୍ଷ ଶାସନରେ ଜିଲ୍ଲାର କୌଣସି ନୂତନ ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା ହୋଇନଥିବା ବେଳେ ବିର୍ଲା ଟାୟାର୍ସ ଭଳି ବୃହତ ଶିଳ୍ପାନୁଷ୍ଠାନ ବନ୍ଦ ଯୋଗୁଁ ୭୦୦୦ରୁ ଉର୍ଦ୍ଧ୍ୱ ପରିବାର ବେରୋଜଗାର ହୋଇଥିବା ସେ କହିଛନ୍ତି ।ଏ ବାବଦରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ଶ୍ରୀ ଦତ୍ତ ଆରୋପ କରିଛନ୍ତି । ସେହିଭଳି ସରକାରୀ ଅବହେଳା ଓ ତୃଟିପୂର୍ଣ୍ଣ ମଣ୍ଡି ପରିଚାଳନା, ଶୀତଳଭଣ୍ଡାର ଅଭାବରୁ ଅମଳ ପନିପରିବା ନଷ୍ଟ, ସାଢେ ସାତ କୋଟି ଟଙ୍କାର ସିଟି ବସ ଖତ ଖାଇବା, ରିଂ ରୋଡ ପ୍ରକଳ୍ପ ଉଭାନ, ଗଣେଶ୍ୱରପୁରରେ ନୂତନ ବସଷ୍ଟାଣ୍ଡ ପ୍ରକଳ୍ପର ଭାଗୀଦାରୀ କେନ୍ଦ୍ର ପ୍ରକଳ୍ପକୁ ବ୍ୟବସାୟିକ ପ୍ରତିଷ୍ଠାନକୁ ପରିବର୍ତ୍ତନ ଉଦ୍ୟମ, ଚିଟଫଣ୍ଡରେ ସର୍ବାଧିକ ଠକେଇ ଶିକାର ଜମାକାରୀଙ୍କୁ ଅର୍ଥ ଫେରସ୍ତ ନଦେବା କେଉଁ ବିକାଶର ପରିଚାୟକ ବୋଲି ବିଜେପି ପକ୍ଷରୁ ପ୍ରଶ୍ନ କରାଯାଇଛି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତରେ ଶୋଭାରାମପୁର ରେଳ ଓଭରବ୍ରିଜ ଉଦଘାଟନ ପାଇଁ ତତ୍ପରତା ପରିଲକ୍ଷିତ ହୋଇଥିବା ବେଳେ ଏହି ସରକାରଙ୍କ ପ୍ରତିନିଧିଙ୍କୁ ଆମନ୍ତ୍ରଣ କରା ନଯିବା କେଉଁ ସୌଜନ୍ୟତାର ନିଦର୍ଶନ ବୋଲି ଶ୍ରୀ ଦତ୍ତ କହିଛନ୍ତି । ବାଲେଶ୍ୱର ସହର ସମେତ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପାୟନ ଏମିତିକି ପ୍ରତିଟି କ୍ଷେତ୍ରରେ ବିପର୍ଯ୍ୟସ୍ତ ସ୍ଥିତି ପରିଲକ୍ଷିତ ହୋଇଥିବା ବେଳେ ଜନସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଚାଲିଛନ୍ତି । ବିକାଶ ନାମରେ ନାରାବାଜିକୁ ବାଲେଶ୍ୱରବାସୀ ଗ୍ରହଣ କରିବା ପରିବର୍ତ୍ତେ ଆଗାମୀ ଦିନରେ ଉଚିତ ଜବାବ ଦେବେ ବୋଲି ବିଜେପି କର୍ମକର୍ତ୍ତାମାନେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ରବିନାରାୟଣ ମହାପାତ୍ର, ବିଜେପି ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଲୋକନାଥ ଭୂୟାଁ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ମୋ ଉଦଳା ମୋ ପରିବାରର ତୃତୀୟ ବାର୍ଷିକ ଉତ୍ସବ




ଉଦଳା, ୨୧/୧୨ (ନି.ପ୍ର): ମୋ ଉଦଳା ମୋ ପରିବାରର ତୃତୀୟ ବାର୍ଷିକ ଉତ୍ସବ ଆଜି ଡ଼ିସେମ୍ବର ୨୧ ତାରିଖ ବୁଧବାର ଦିନ ସହର ମଧ୍ୟରେ ଥିବା ଗଣେଷ ମାର୍କେଟ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ସାଧାରଣ ସଭା ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଏହାର ପ୍ରତିଷ୍ଠାତା ରବିନ ମହାନ୍ତି ଆଜକୁ ୩ ବର୍ଷ ପୁର୍ବେ ଉଦଳା ସହରରେ କାର୍ଯ୍ୟରତ ଟ୍ରଲି ଚାଳକ, ମୁଟିଆ ଓ ସଫେଇ କର୍ମଚାରୀ ମାନଙ୍କୁ ନେଇ ଏହି ସଂଗଠନ ଗଢ଼ି ଉଠିଥିଲା ବୋଲି ବ୍ୟକ୍ତ କରିବା ସହ ଭାଇଚାରାର ଭାବକୁ ଅଧିକ ଦୃଢ଼ିଭୂତ କରିବା ଉକ୍ତ ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ଅବଗତ କରାଇଥିଲେ । ଏହାପରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ପୁର୍ବତନ ନଗରପାଳ ମନୋଜ କୁମାର ମହାନ୍ତି ଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଆରମ୍ଭ ହୋଇଥିଲା । ଏଥିରେ ଉଦଳା ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା, ବିଜ୍ଞାପିତ ଅଞ୍ଚଳ ପରିଷଦର ବର୍ତ୍ତମାନର ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ପୁର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଉଦଳା ବଣିକ ସଂଘର ପୁର୍ବତନ ସଭାପତି ପ୍ରଭାତ କୁମାର ପରିଡ଼ା, ମେଣ୍ଢାଖାଇ ବିକାଶ ପରିଷଦର ସଭାପତି ଯଜ୍ଞନାରାୟଣମହାନ୍ତି ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଯୋଗ ଦେଇ ଉଦଳା ଅତିତର ଇତିହାସକୁ ରୋମନ୍ଥନ କରିବା ସହ ସାମଗ୍ରୀକ ବିକାଶ ପାଇଁ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଏହି ମଞ୍ଚରେ ସମସ୍ତ ରାଜନୈତିକ ଦଳର ନେତାଙ୍କର ଏକତ୍ର ମିଳନ ଦେଖିବାକୁ ମିଳିଥାଏ, ଯାହାକି ସାଧାରଣ ସଭାର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିବା ସହିତ ଦର୍ଶକ ମାନଙ୍କର ଆକର୍ଷଣର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଥାଏ । ଏହାକୁ ଦେଖି ଦର୍ଶକ ମାନଙ୍କ ମହଲରେ ଆମକୁ ରାଜନୈତିକ ଉଷ୍ମତା ଭାଗ ଭାଗ କରିପାରିବ ନାହିଁ ବୋଲି ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳିଥିଲା । ଉକ୍ତ ମଞ୍ଚରେ ଚଳିତ ବର୍ଷ ଆଇନଜୀବି ବସନ୍ତ କୁମାର ପରିଡ଼ା, ବଣିକ ସଂଘର ସଭାପତି ରବିନ୍ଦ୍ର ପରିଡ଼ା ଓ ଚିତ୍ରଶିଳ୍ପୀ ଜିତେନ୍ଦ୍ର ହେମ୍ବ୍ରମଙ୍କୁ ଅତିଥି ମାନେ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ସାମ୍ବାଦିକ ହିମାଦ୍ରୀ ଶେଖର ପାଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସନ୍ତୋଷ ବାଛିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅନୁସୂଚିତ ଜାତି ଓ ଜନଜାତି ମାନଙ୍କର ଜମି ଜବରଦଖଲ ଘଟଣାର ଅନୁଧ୍ୟାନ ପାଇଁ ପିସିସି ତଥ୍ୟ ଅନୁଧ୍ୟାନ କମିଟି ଗଠିତ

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ରାଜ୍ୟରେ ନିରୀହ ଅନୁସୂଚିତ ଜାତି ଓ ଜନଜାତି ମାନଙ୍କର ଜମି ଜବରଦଖଲ ସହ ହଡ଼ପ ଘଟଣାର ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି । ଏହି କମିଟିରେ ବିଧାୟକ ସନ୍ତୋଷ ସିଂ ସାଲୁଜା ଅଧ୍ୟକ୍ଷ ଭାବେ ରହିଥିବା ବେଳେ ସଭ୍ୟଭାବରେ ସାଂସଦ ସପ୍ତଗିରି ଉଲ୍ଲାକା, ବିଧାୟକ ସର୍ବଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ, ଡ. ସି.ଏସ ରାଜନ ଏକ୍କା, ଦାଶରଥି ଗମାଙ୍ଗ ଏବଂ ପୂର୍ବତନ ବିଧାୟକ ତଥା ପିସିସି ଅନୁସୂଚିତ ଜନଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ଭୁଜବଳ ମାଝୀ ପ୍ରମୁଖ ସଭ୍ୟ ଭାବରେ ରହିଛନ୍ତି । ଏହି କମିଟି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅଭିଯୋଗ ମାନଙ୍କର ସରଜମିନ୍ ତଦନ୍ତ କରି ଉଭୟ ସଂପ୍ରଦାୟର ଜମି ସୁରକ୍ଷା ନିମନ୍ତେ ନିର୍ଦ୍ଦିଷ୍ଟ ସୁପାରିଶ ପିସିସି କାର୍ଯ୍ୟାଳୟରେ ପ୍ରଦାନ କରିବେ ।

## ଖଇରା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା

ଖଇରା, ୨୧/୧୨ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷୀକ କ୍ରିଡା ବୁଧବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ପରିଚାଳନା କମିଟିର ସଭାପତି ରାଧାକାନ୍ତ ପାତ୍ର କ୍ରୀଡା ପତାକା ଉତ୍ତୋଳନ କରିଥିଲେ । ପ୍ରଧାନାଚାର୍ଯ୍ୟ ଶଶିକାନ୍ତ ଦାସ କ୍ରୀଡା ଛାତ୍ରୀଛାତ୍ରଙ୍କ ଜିବନକୁ ଶୃଙ୍ଖଳିତ କରିଥାଏ ବୋଲି ପ୍ରକାଶ କରିଥିଲେ । ଦେବେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୭୨ଜଣ ଛାତ୍ରୀଛାତ୍ର ଙ୍କ ମଧ୍ୟରେ ଦୌଡ,ଲମ୍ଫଡିଆଁ,ଉଚ୍ଚ ଡିଆଁ, ବୁରା ଦୌଡ, ଆଲିଚାମୁଚ, ଗଣିତ ଦୌଡ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଭି ପିଲା ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଗୁରୁବାର ଉଦ୍‌ଯାପିତ ହେବ । ଗୁରୁମା ଅହଲ୍ୟା ପାଣି, ସବିତା ମହାନ୍ତି, ଇତିଶ୍ରୀ ନାୟକ, ମନୋରମା ଗିରି ଗୁରୁଜୀ ପଙ୍କଜ ମହାନ୍ତି, ବଳରାମ ଲେଙ୍କା, ତାପସ ନାୟକ, ପ୍ରଭାକର ଓଝା ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ ।

# ପୌରପାଳିକା ଆଗରେ ବିଜେପିର ଅନଶନ ଆରମ୍ଭ



ବାଲେଶ୍ୱର, ୨୧/୧୨ (ନି.ପ୍ର): ପୂର୍ବ ଘୋଷଣା ଅନୁସାରେ ବିଭିନ୍ନ ଦାବି ନେଇ ବିଜେପି ପକ୍ଷରୁ ବାଲେଶ୍ୱର ପୌରପାଳିକା ସମ୍ମୁଖରେ ବୁଧବାର ଅନଶନ ଆରମ୍ଭ ହୋଇଛି । ବିଜେପି ନଗର କମିଟି ସଭାପତି ଚିତ୍ତରଂଜନ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଅନଶନ କାର୍ଯ୍ୟକ୍ରମରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ ଦତ୍ତ ପ୍ରମୁଖଙ୍କ ସମେତ ଦଳୀୟ କାଉନସିଲର ଓ ସକ୍ରିୟ ନେତୃବୃନ୍ଦ ଯୋଗ ଦେଇଥିଲେ । ପୌରପାଳିକାର ଅବହେଳାରୁ ସମ୍ପ୍ରତି ସହରବାସୀ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆ ନଯିବା ଯୋଗୁଁ ପୂର୍ବ ଘୋଷଣା ଅନୁସାରେ ଏହି ଅନଶନ ଆରମ୍ଭ ହୋଇଥିବା ବିଜେପି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ବିଶେଷ କରି ଖତ ଖାଉଥିବା ସିଟିବସ ଚଳାଚଳ ଆରମ୍ଭ କରିବା, ଅବଧି ଶେଷ ହୋଇଥିବା ଠିକା ସହର ସଫେଇ କାର୍ଯ୍ୟ ଟେଣ୍ଡର କରିବା, ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତି ଦେବା, ପ୍ରତ୍ୟେକ ୱାର୍ଡ଼ ରାସ୍ତାପାର୍ଶ୍ୱରେ ବେଞ୍ଚ ପକାଇବା, ରାସ୍ତା ଓ ଡ୍ରେନ କାର୍ଯ୍ୟରେ ଗୁଣବତ୍ତା ରକ୍ଷା କରିବା, ତ୍ୱରିତ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବା ଆଦି ଦାବି ପୂରଣ ନେଇ ପୂର୍ବରୁ ପୌର କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ମାତ୍ର ଏଥି ପ୍ରତି ଗୁରୁତ୍ୱ ଦିଆ ନଯିବା ଦୁର୍ଭାଗ୍ୟର ବିଷୟ ବୋଲି ବିଜେପି ନେତାଆରୋପ କରିଛନ୍ତି ।

# ବରହମପୁର ମିନିଷ୍ଟାଡିୟମରେ ୨ ଦିବସୀୟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ

ନୀଳଗିରି, ୨୧/୧୨ (ନି.ପ୍ର): ବରହମପୁର ମିନିଷ୍ଟାଡିୟମ ଠାରେ ୨ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପ୍ରଥମ ଦିନରେ ବରହମପୁର ଗ୍ରାମପଂଚାୟତ ଆନୁକୂଲ୍ୟରେ ଅନୁଷ୍ଠିତ ମେଚରେ ସୁନାମୁହିଁ ଦଳ ଚମ୍ପିଆନ ହୋଇଥିବା ବେଳେ କାଦୁଆଣି ଦଳ ରନସଅର୍ପ ହୋଇଥିଲା । ଏହି ଟୁର୍ଣ୍ଣାମେଂଟର ମୁଖ୍ୟ ଅତିଥି ଭାବେ ନୀଳଗିରି ବ୍ଲକ ଜି.ପି.ଓ. ମିନତୀ ଟୁଡୁ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ଦିବସ ବୁଧବାର ଧରମପୁର ପଂଚାୟତ ଆନୁକୂଲ୍ୟରେ ଅନୁଷ୍ଠିତ ମେଚରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ମୁଖ୍ୟବକ୍ତା ୧୧ନଂ. ଜିଲ୍ଲା ପରିଷଦ ସୁବର୍ଣ୍ଣାମଂଜରୀ ସିଂ, ସମ୍ମାନିତ ଅତିଥି ନୀଳଗିରି ବ୍ଲକ ଉପାଧ୍ୟକ୍ଷ ଜ୍ୟୋର୍ତିମୟ ପୁଥାଳ, ଧରମପୁର ସରପଂଚ ସଂଜିବ ସିଂ, ସମିତିସଭ୍ୟ ଦୀପକ ସିଂ, ବରହମପୁର ସରପଂଚ ନମିତାରାଣୀ ସିଂ, ସମିତି ସଭ୍ୟ ରଚନା ମଢ଼େଇ, ସମାଜସେବୀ କୃତିବାସ ବେହେରା, ଧର୍ମେନ୍ଦ୍ର ସେଠୀ, ସୁଶାନ୍ତ ସେଠୀ, ଭଗବାନ ସାହୁ, ରାଜୀବଲୋଚନ ଚୌଧୁରୀ, ଶଙ୍କର୍ଷଣ ପସା, ଚନ୍ଦ୍ରମୋନ ସିଂ ଉପସ୍ଥିତ ଥିଲେ । ବିଜୟ ଦଳକୁ ଟ୍ରଫିସ ସହ ପୁରସ୍କାର କରିଥିଲେ ।

# ପଦ୍ମତୋଳା ହ୍ରଦର ପୁନଃରୁଦ୍ଧାର ଆଶା ଉଜ୍ଜୀବିତ



ନୀଳଗିରି, ୨୧/୧୨ (ନି.ପ୍ର): ଉପକୂଳ ବାଲେଶ୍ୱର ଜିଲ୍ଲାର ଏକମାତ୍ର ପ୍ରାକୃତିକ ହ୍ରଦ ପଦ୍ମତୋଳା ଯାହା ଉପାନ୍ତ ମୟୂରଭଞ୍ଜ ଏବଂ ନୀଳଗିରି ବ୍ଲକର କାଂଶ ନିକଟବର୍ତୀ ଅଂଚଳରେ ପରିବ୍ୟାପ୍ତ ୧୦୦ ଏକର ପରିମିତ ଅଂଚଳରେ ଅବସ୍ଥିତ ତାହା ଏବେ ପରିତ୍ୟକ୍ତ ଏବଂ ପଙ୍କ କାଦୁଅରେ ପରିପୂର୍ଣ୍ଣ । ଏଭଳି ପ୍ରାକୃତିକ ମନୋରମଭରା ହ୍ରଦର ପୁନଃରୁଦ୍ଧାର ପାଇଁ ବିଭିନ୍ନ ସମୟରେ ସ୍ୱର ଉଠିଆସିଛି । ମାତ୍ର ପ୍ରଶାସନିକ ଅବହେଳା ହେଉ କିମ୍ବା ସରକାର ତଥା ନେତୃତ୍ୱ ମାନଙ୍କରର ଆନ୍ତରିକତା ଅଭାବରୁ ଏହି ସ୍ଥାନଟି ଅବହେଳିତ ହୋଇ ରହିଛି । ପୂର୍ବରୁ ବହୁବାର ବିଧାନସଭାରେ ଏ ପ୍ରସଙ୍ଗ ଉଠିଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ । ବର୍ତମାନର ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମଧ ଦୀର୍ଘ ଆଠ ବର୍ଷ ଧରି ଏ ବିଷୟ ବିଧାନସଭାରେ ଉପସ୍ଥାପନ କରିଛନ୍ତି । ଚଳିତ ଶୀତକାଳିନ ଅଧିବେଶନରେ ଏ ପ୍ରସଙ୍ଗ ଉଠାଇ ଏହାର ଉତର ଚାହିଁଥିଲେ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ତୁରନ୍ତ ଗୁରୁତ୍ୱ ଦେଇ ବିଭାଗୀୟ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ସହିତ ଆଗାମୀ ଡିସେମ୍ବର ୩୧ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଷଲ । ଏ ନେଇ ବୁଧବାର ଆଡ଼ିସନାଲ ଚିଫ୍ ଇଂଜିନିୟର ରମେଶ କୁମାର ସାବତଙ୍କ ସହ ବାଲେଶ୍ୱର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ମାନସ ଦାସ, ନୀଳଗିରି କ୍ଷୁଦ୍ର ଜଳସେଚନର ଏସ.ଡି.ଓ. ନିମାଇଁ ନାୟକ, କନିଷ୍ଠ ଯନ୍ତ୍ରୀ ରମେଶ ଦାସ, ଡ୍ରେନେଜ ଏସ.ସି. ଏବଂ ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକଙ୍କ ସମେତ ବହୁ ନେତୃସ୍ଥାନୀୟ ଲୋକ ଏବଂ ବହୁ ଜନସାଧାରଣ ପଦ୍ମତୋଳା ପରିଦର୍ଶନରେ ଯାଇ ଅନୁଧ୍ୟାନ କରିଥିଲେ । ଫଳରେ ପଦ୍ମତୋଳାର ପୁନରୁଦ୍ଧାର ହେବାର ଆଶା ଉଜ୍ଜିବୀତ ହୋଇଛି । ୧୦୦ ଏକର ପରିମିତ ଏହି ହ୍ରଦ ଏବେ ପୋତି ହୋଇ ୪୧.୨୬ ଏକର ସ୍ଥିତିବସ୍ଥା ଥିଲା ବେଳେ ପୁନଃଉଦ୍ଧାର ହେଲେ ବିଦେଶାଗତ ପକ୍ଷୀ ସମାଗମ ହେବା ସହ ବହୁ ପର୍ଯ୍ୟଟକ ଏହି ମନୋରମା ଭରା ହ୍ରଦର ଦୃଶ୍ୟ ଉପଭୋଗ କରିପାରିବେ । ଫଳରେ ବାଲେଶ୍ୱର ରେ ଅବସ୍ଥିତ ବହୁ ପର୍ଯ୍ୟଟନ କ୍ଷେତ୍ର ସହ ଯୋଡ଼ି ହୋଇ ଏକ ଯୁକ ଟୁରିଜିମ୍‌ରେ ମାନ୍ୟତା ପାଇପାରିବ ।

## ଖଇରା ମହାବିଦ୍ୟାଳୟରେ ଜାତୀୟ ସ୍ତରୀୟ ସେମିନାର

ଖଇରା, ୨୧/୧୨ (ନି.ପ୍ର): ବାଲେଶ୍ୱର ଜିଲା ର ଅନ୍ୟତମ ଖ୍ୟାତିସମ୍ପର୍ଣ୍ଣ ଖଇରା ମହାବିଦ୍ୟାଳୟରେ ଗୁରୁବାର ଏକ ଜାତୀୟ ସ୍ତରର ସେମିନାର ଅନୁଷ୍ଠିତ ହୋଇ ଯାଇଛି । ଶିର୍ଷକ "ମା ଗର୍ଭରୁ ଲିଙ୍ଗୀୟ ପାର୍ଥକ୍ୟ" ଉପରେ ଆୟୋଜିତ ଏହି ସେମିନାରରେ ଅଧ୍ୟକ୍ଷ ଅରୁଣ କୁମାର ପାଢୀ ପୌରହିତ୍ୟ କରିଥିଲେ । ଏଥିରେ ବିଶ୍ୱ ଶିକ୍ଷକ ସଙ୍ଗଠନର ସଭାପତି ଡ ଅରୁଣ କୁମାର ମହାନ୍ତି ମୁଖ୍ୟ ଅତିଥି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନାରୀଶିକ୍ଷା ବିଭାଗର ନିର୍ଦ୍ଦେଶକ ଡ ଉର୍ମିମାଳା ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଥିଲେ । ସଦ୍ୟତଥ୍ୟ ଅନୁଯାୟୀ ୧ହଜାର ପୁରୁଷଙ୍କ ତୁଳନାରେ ମହିଳା ମାନଙ୍କ ଅନୁପାତ ୯୧୬ ରହିଛି । ଯାହାକି ଅତ୍ୟନ୍ତ ନୈରାଶ୍ୟଜନକ । ଏଥିପାଇଁ ମାତୃଗର୍ଭରୁ ଲିଙ୍ଗ ନିରୁପଣ ମାଧ୍ୟମରେ କନ୍ୟାଭ୍ରୂଣ ହତ୍ୟା ମୁଖ୍ୟତଃ ଦାୟୀ । ବ୍ୟାପକ ସଚେତନତା ସହ ଏହି ବେଆଇନ କାର୍ଯ୍ୟକୁ ରୋକିବାକୁ ପ୍ରଣୟନ ହୋଇଥିବା ଆଇନ କଡାକଡି ଭାବେ ଲାଗୁ କରିବାକୁ ବକ୍ତାମାନେ ପ୍ରକାଶ କରିଥିଲେ । ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମୁକ୍ତକାନ୍ତ ଶତପଥି,ନାକର ସଂଯୋଜକ ବନମାଳୀ ବାରିକ ଅନ୍ୟତମ ଅତିଥି ଭାବେ ମଞ୍ଚ ରେ ଉପସ୍ଥିତ ଥିଲେ ।

# କ୍ଷୁଦ୍ର ଉଦ୍ୟୋଗ ବିକାଶ ସମବାୟ ସମିତିର ତ୍ରୟୋଦଶ ସାଧାରଣ ସଭା



ବାଲେଶ୍ୱର, ୨୧/୧୨ (ନି.ପ୍ର): କ୍ଷୁଦ୍ର ଉଦ୍ୟୋଗ ବିକାଶ ସମବାୟ ସମିତିର ତ୍ରୟୋଦଶ ବାର୍ଷିକ ସାଧାରଣ ସଭା ହେମକାପଦା ସ୍ଥିତ ରୟାଲ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାଲେଶ୍ୱର କୋପରେଟିଭ ଡିଭିଜନର ଡି.ଆର୍.ସି.ଏସ୍ ଶ୍ରୀ ସୀତାପତି କରୁଣାକର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତିକରଣ କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଓ କ୍ଷୁଦ୍ର ଉଦ୍ୟୋଗ ବିକାଶ ସମବାୟ ସମିତିର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ । ଏହି ସାଧାରଣ ସଭାରେ ଦୁଇଶହ ସ୍ୱୟଂ ମହାୟକ ଦଳର ୫ଶହରୁ ଉର୍ଦ୍ଧ୍ୱ ମହିଳା ସଦସ୍ୟା ମାନେ ଯୋଗଦାନ କରିଥିଲେ । ସମବାୟବିତ ଓ ସବାଜସେବୀ ଶ୍ରୀ ଅରୁଣ ଚାଟାର୍ଜୀ ମୁଖ୍ୟବକ୍ତାଭାବେ ଯୋଗ ଦେଇ ସ୍ୱୟଂ ସହାୟକ ଦଳ ଓ ମହିଳା ବିକାଶ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ଶ୍ରୀ ଅଜୟ ସାମଲ ଓ ଶ୍ରୀ କୃଷ୍ଣ ଗୋପାଳ ପଣ୍ଡା ଉପସ୍ଥିତ ଥିଲେ । ସମବାୟ ସମିତିର ସମ୍ପାଦକ ଶ୍ରୀ ପ୍ରଶାନ୍ତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମିତିର ଉପସଭାନେତ୍ରୀ ଶ୍ରୀମତୀ କିତା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପରିଚାଳକ ସୁରେନ୍ଦ୍ରନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# କର୍କଟ ନିରୁପଣ ଓ ପରାମର୍ଶ ଶିବିର : ୫୮ଜଣ ଚିହ୍ନଟ



ଜଳେଶ୍ୱର, ୨୧/୧୨ (ନି.ପ୍ର): ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ କର୍କଟ ନିରୁପଣ ଓ ପରାମର୍ଶ ଶିବିର ଆଜି ଅନୁଷ୍ଠିତ ହୋଇ ଯାଇଛି । ଆପୋଲ ହସ୍‌ପିଟାଲର କର୍କଟ ବିଭାଗ ଡାକ୍ତର ଗାରିମା ସରୟଗିଙ୍କ ନେତୃତ୍ୱରେ ୫୮ଜଣ ରୋଗୀଙ୍କୁ ଚିହ୍ନଟ କରି ଚିକିତ୍ସାର ବ୍ୟବସ୍ଥା କରାଯାଇଛି । ରୋଗୀଙ୍କ ବହୁବିଧ ପରୀକ୍ଷା ନିରିକ୍ଷା କରାଯାଇଥିବା ବେଳେ ଜଳେଶ୍ୱର ରୋଟାରୀ କ୍ଲବ ସଭାପତି ଡ. ଦୀପ୍ତିମୟୀ ମହାପାତ୍ର, ସୁବ୍ରତ କୁମାର ରଣା, ବିକାଶ କୁମାର ଧର, ଅଶୋକ ମହାନ୍ତି, ବଳରାମ ପାଳ, ଶ୍ୟାମସୁନ୍ଦର ମିର୍ଦ୍ଧା, ସୁବିର ସେନାପତି, ଦିପ୍ତିରାଣୀ ନନ୍ଦୀ, ସୁବିର ଚାଟାର୍ଜି, ମାନସ ମହାନ୍ତି, ପ୍ରବିର ପ୍ରଧାନ ଓ ଅଂଶୁମାନ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଟେଲିକମ୍ ଓ ସାଇବର ଅପରାଧ ନିରାକରଣ ନେଇ ଗ୍ରାହକ ସଚେତନତା କର୍ମଶାଳା



ଭଦ୍ରକ, ୨୧/୧୨ (ନି.ପ୍ର): ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ଉପଭୋକ୍ତା ଓକିଲାତି ସଂଘ ବାର୍ଡ଼ ଦ୍ୱାରା ସ୍ଥାନୀୟ ସଂସ୍କୃତି ଭବନରେ ଟେଲିକମ୍ ଗ୍ରାହକ ସଚେତନତା ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ ଶାନ୍ତନୁ କୁମାର ମହାନ୍ତି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ । ଡିଜିଟାଲ ସାକ୍ଷରତା ଓ ଇ-ସେବାର ଗୁରୁତ୍ୱ ବର୍ତ୍ତମାନ ସମୟରେ ସମସ୍ତଙ୍କ ପାଇଁ କିପରି ଜରୁରୀ ହୋଇପଡ଼ିଛି ଏବଂ ଏପରି ସଚେତନତା କର୍ମଶାଳା କିପରି ଉପଯୋଗୀ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ରିସୋର୍ସ ପର୍ସନ ଭାବେ ଟେଲି କମ୍ୟୁନିକେସନ୍ ବିଭାଗର ପାଣ୍ଡେ ବିଜୟ ଭୂଷଣ ପ୍ରସାଦ, ଭାରତୀୟ ଦୂର ସଂଚାର ନିଗମର ଏ.ଜି.ଏମ୍. କୈଳାସ ଚନ୍ଦ୍ର ବେହେରା ଏଥିରେ ଯୋଗ ଦେଇ ମତାମତ ରଖିଥିଲେ । ଶ୍ରୀ ପାଣ୍ଡେ କର୍ମଶାଳାର ଆଭିମୁଖ୍ୟ ସହ ଗୁଣାତ୍ମକ ସେବା ପ୍ରଦାନରେ ଟେଲିକମ୍ କମ୍ପାନୀ ମାନଙ୍କ ଅସାମର୍ଥ୍ୟତା, ଗ୍ରାହକ ଅଧିକ ସଂଖ୍ୟା ଦୌଡ଼ରେ ଥିବା ଚକର ଯୋଗୁଁ ଗ୍ରାହକ ଶୋଷଣ ଘଟଣା, ନେଟ୍ ସେବା ପ୍ରଦାନରେ ଅନିୟମିତତା ଆଦି ଅଭିଯୋଗ ଆଧାରରେ ଆଲୋଚନା କରାଯାଇଥିଲା । ସାଇବର ଅପରାଧ ନେଇ ଗ୍ରାହକ ମାନଙ୍କ ସାବଧାନତା ସମ୍ବନ୍ଧରେ ସୂଚାଇ ଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜକ ବାର୍ଡ଼ର କର୍ମକର୍ତ୍ତା ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଦିବାସୀ ସଙ୍ଗଠନ ସମୂହର ମୟୁରଭଂଜ ବନ୍ଦ ଡାକରା



ବାରିପଦା, ୨୧/୧୨ (ନି.ପ୍ର): ଆଦିବାସୀ ଭାଷା ସାହିତ୍ୟର ବିକାଶ ସହ ଆଦିବାସୀ ଭାଷା ଶିକ୍ଷକ ମାନଙ୍କୁ ନିୟମିତ କରାଯିବା ଦାବୀରେ ମିଳିତ ଆଦିବାସୀ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ୧୨ଘଂଟିଆ ମୟୁରଭଂଜ ବନ୍ଦ ଡାକରାର ପ୍ରଭାବ ଆଜି ଅନେକ ସ୍ଥାନରେ ଦେଖାଯାଇଛି । ସୂଚନା ମୁତାବକ ଜିଲ୍ଲାରେ ୨୦୦୭ରେ ରାଜ୍ୟ ସରକାର ୧୦୦ଜଣ ଅଲିଚିକି କମ୍ୟୁନିଟି ମୋବିଲାଇଜର ଓ ୨୦୦୯ରେ ୨୦ଜଣ ମୁଣ୍ଡାରୀ ଶିକ୍ଷକଙ୍କୁ ଆଦିବାସୀ ପିଲାଙ୍କୁ ନିଜ ମାତୃଭାଷାରେ ଶିକ୍ଷା ଦାନ କରିବା ପାଇଁ ସ୍ୱଳ୍ପ ଦରମାରେ ନିଯୁକ୍ତି ଦେଇଥିଲେ । ଏମାନେ ଦୀର୍ଘ ୧୫ ବର୍ଷ ଧରି ଅନ୍ୟ ସାଧାରଣ ଶିକ୍ଷକଙ୍କ ଭଳି ଶିକ୍ଷାଦାନ କରିବା ସଙ୍ଗେ ସଙ୍ଗେ ସରକାରଙ୍କ ନିର୍ଦ୍ଦେଶିତ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ମଧ ସମ୍ପାଦନ କରି ଆସୁଥିଲେ ମଧ ମାସିକ ମାତ୍ର ୩୨ଶହ ଟଙ୍କା ଦରମା ପାଉଛନ୍ତି । ଦୀର୍ଘ ୧୫ବର୍ଷ ନିରବଚ୍ଛିନ୍ନ କାର୍ଯ୍ୟ କରିଥିବାରୁ ସରକାର ତାଙ୍କୁ ନିୟମିତ କରନ୍ତୁ ବୋଲି ସେମାନେ ଦାବି କରି ଦୀର୍ଘ ଦିନ ଧରି ବାରିପଦା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ପଦଯାତ୍ରାରେ ଭୁବନେଶ୍ୱର ନବୀନ ନିବାସ ଯାତ୍ରା କରିଛନ୍ତି । ତେବେ ତାଙ୍କର ଦାବୀ ପୁରଣ ହୋଇ ନଥିବାରୁ ରାଜ୍ୟ ସରକାରଙ୍କ ଏଭଳି ଉଦାସୀନତାକୁ ବିରୋଧ କରି ଆଦିବାସୀ ସଙ୍ଗଠନ ତରଫରୁ ମିଳିତ ଭାବେ ଆଜି ମୟୂରଭଂଜ ଜିଲ୍ଲା ବନ୍ଦ ଡାକରା ଦେଇଥିଲେ । ଜିଲ୍ଲା ପେସା ଗ୍ରାମସଭା ସମନ୍ୱୟ କମିଟି, ମାସା ଆର୍ମି ପ୍ରମୁଖ ସଂଗଠନର ମିଳିତ ଆହ୍ୱାନରେ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଜିଲ୍ଲାରେ ୧୨ ଘଣ୍ଟିଆ ହରତାଳ ହୋଇଥିବା ବେଳେ, ଜିଲ୍ଲା ସଦର ମହକୁମାରେ ଏହାର ଆଂଶିକ ପ୍ରଭାବ ପଡ଼ିଛି । ଘରୋଇ ବସ ସେବା ସକାଳ ଠାରୁ ସଂପୂର୍ଣ୍ଣ ବନ୍ଦ ଥିବା ସମୟରେ ସରକାରୀ କାର୍ଯ୍ୟାଳୟ, ବିଭିନ୍ନ ଶିକ୍ଷାନୁଷ୍ଠାନ, ପରିବା ବଜାର, ମାର୍କେଟ ଆଦି ଖୋଲାଥିବାର ଦେଖିବାକୁ ମିଳିଛି । ତେବେ ଗାଡିମଟର ବନ୍ଦ ଥିବାରୁ ଯାତ୍ରୀ ମାନେ ବେଶ ହଇରାଣ ହୋଇଥିବାର ଦେଖା ଯାଇଥିଲା । ଆଦିବାସୀ ସଂଗଠନ ସମୁହର କର୍ମୀ ମାନେ ସହର ରେ ବିଭିନ୍ନ ସ୍ଥାନରେ ପିକେଟିଂ କରି ଦୋକାନ ବଜାର ବନ୍ଦ କରାଉଥିବାର ଦେଖିବାକୁ ମିଳିଥିଲା । ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ବ୍ୟାପକ ପୋଲିସ ମୁତୟନ ହୋଇଥିବା ବେଳେ, ମାସା ଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି, ଜିଲ୍ଲା ସଭାପତି ମୁକେଶ ମାରାଣ୍ଡି, ପେସା ଗ୍ରାମସଭା ସମ୍ପାଦକ ନନାରାମ ମୁର୍ମୁ, ଲକ୍ଷ୍ମୀକାନ୍ତ ବାସ୍କେ, ରଣଜିତ ମୁର୍ମୁ, ମିହିର ସିଂ, ଗୋପାଲ ସିଂ, ବାଦଲ ମାରାଣ୍ଡି, ମଦନ ହାଁସଦା, ଚୈତନ ସରେନ, ତୋଫାନ ହେମ୍ବ୍ରମ, କିରଣ ମାରାଣ୍ଡି, ଦୁଲାରାମ୍, କୃଷ୍ଣ ଟୁଡୁ, ଦାଖିନ ମୁର୍ମୁ, ବିଶ୍ରାମ ମୁର୍ମୁ ବାଦଲ ହେମ୍ବ୍ରମ, ଚାନ୍ଦ୍ରାୟ ହାଁସଦା ପ୍ରମୁଖ ବନ୍ଦ ପାଳନ ରେ ସାମିଲ ଥିଲେ ।

**AFFIDAVIT**

By an affidavit sworn before Executive Magistrate Balasore. I Sri Amboja Kumar Panda aged 42 years S/o Sri Banchaniddhi Panda of vill:- Anantapur, P.O:- Pannada, P.S:-Soro, Dist:- Balasore do here by solemnly affirm and state that in the birth certificate my son name is wrongly mentioned as Suryanshu Panda bearing registration No. 643/08. But in the school admission register & my service book his name is registered as Suryancu Panda. Now I intend to change my son name Suryanshu Panda to Suryancu Panda. Both name is one and same person. Henceforth he shall be known as Suryancu Panda for all purposes.

**Amboja Kumar Panda**

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo